# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 44 ◆ISSUE-03 ◆SATURDAY ◆27 JUNE 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୦୩ ◆ଶନିବାର ◆୨୭ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଯଶଙ୍କୁ ଟକ୍କର ଦେବେ ଶ୍ରଦ୍ଧା

▸ପୃଷ୍ଠା ୧୧ ଦେଖନ୍ତୁ...





TANISHQ

Celebrating Her Traditions, Her Way

Join us for an exclusive showcase of jewellery inspired by heritage and crafted for the modern woman.

Explore handcrafted designs that blend timeless artistry with contemporary elegance.

UP TO ₹601 OFF* per gram on gold jewellery | GET 100%* Exchange value on your old gold brought from any jeweller

Offer valid from 26th to 28th June 2026

Talk to our jewellery expert to know more 1800 2966 677 | Buy online at tanishq.co.in | or Download our App | *Conditions apply, For T&C visit our website.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043

Amalapada, Lane-2, Angul, Mob-9090066000, 8147485152 | Cantonment Road, Cuttack, Mob-9238307044

## କେଇକୋ ଫୁଜିମୋରି ପେରୁର ପ୍ରଥମ ମହିଳା ରାଷ୍ଟ୍ରପତି



ଲିମା, ୨୬ ।୬(ଏଜେନ୍ସି): ପେରୁର ନିର୍ବାଚନ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରି ଦେଶର ଦକ୍ଷିଣପନ୍ଥୀ ନେତ୍ରୀ ୫୧ ବର୍ଷୀୟା କେଇକୋ ଫୁଜିମୋରି ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି । ଚତୁର୍ଥ ଥର ପାଇଁ ରାଷ୍ଟ୍ରପତି ନିର୍ବାଚନ ଲଢୁଥିବା କେଇକୋ ପ୍ରାୟ ୫୦.୧ ପ୍ରତିଶତ ଭୋଟ୍ ପାଇ ନିଜର ପ୍ରତିଦ୍ୱନ୍ଦ୍ୱୀ ବାମପନ୍ଥୀ ପ୍ରାର୍ଥୀ ରୋବୋର୍ଟୋ ସାଞ୍ଚେଜ୍‌ଙ୍କୁ ଅତି ଅଳ୍ପ ବ୍ୟବଧାନରେ ପରାଜିତ କରିଛନ୍ତି । ଆସନ୍ତା ଜୁଲାଇ ୨୮ ତାରିଖରେ ସେ ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିବେ । ପେରୁର ପୂର୍ବତନ ରାଷ୍ଟ୍ରପତି ଆଲବର୍ଟୋ ଫୁଜିମୋରିଙ୍କ କନ୍ୟା କେଇକୋଙ୍କ ପିଲାଦିନ ଏବଂ ରାଜନୈତିକ ଜୀବନ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା । ନବେ ଦଶକରେ ଦେଶରେ ଉଗ୍ରବାଦୀ ହିଂସା ଚରମ ସୀମାରେ ଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କ ପରିବାରକୁ ବଙ୍କର ଭିତରେ ଦିନ କାଟିବାକୁ ପଡ଼ିଥିଲା । ପରବର୍ତ୍ତୀ ସମୟରେ ୧୯୯୪ ମସିହାରେ ପିତାମାତାଙ୍କ ମଧ୍ୟରେ ବିବାଦ ଯୋଗୁଁ ମାତ୍ର ୧୯ ବର୍ଷ ବୟସରେ ନିଜ ପାଠପଢ଼ା ଛାଡ଼ି ସେ ପେରୁର ସବୁଠାରୁ କମ୍ ବୟସ୍କ 'ଫାଷ୍ଟ ଲେଡି' ବା ପ୍ରଥମ ମହିଳା ଭାବେ ଦାୟିତ୍ୱ ତୁଲାଇଥିଲେ । ରାଜନୈତିକ ଜୀବନ ମଧ୍ୟରେ କେଇକୋଙ୍କୁ ଅର୍ଥ ହେରଫେର ଏବଂ ବେଆଇନ ନିର୍ବାଚନ ପାଣ୍ଠି ସଂଗ୍ରହ ମାମଲାରେ ୨୦୧୮ ମସିହାରେ ପ୍ରାୟ ୧୩ ମାସ ଜେଲ୍‌ରେ ରହିବାକୁ ପଡ଼ିଥିଲା । ଜେଲ୍‌ରୁ ମୁକୁଳିବା ପରେ ସେ ନିଜ ଦଳକୁ ଏକାଠି ରଖି ପୁଣି ରାଜନୀତିରେ ସକ୍ରିୟ ହୋଇଥିଲେ । ବର୍ତ୍ତମାନ ଦେଶରେ ବଢୁଥିବା ଅପରାଧ, ଦୁର୍ନୀତି ଏବଂ ରାଜନୈତିକ ଅସ୍ଥିରତା ମଧ୍ୟରେ କେଇକୋ ପେରୁର ଶାସନ ଭାର ହାତକୁ ନେବାକୁ ଯାଉଛନ୍ତି ।

## ଗୋଆରେ ଚାଲିବ କୋଚି ଭଳି ୱାଟର୍ ମେଟ୍ରୋ



ପାଣାଜୀ, ୨୬ ।୬(ଏଜେନ୍ସି): କେରଳର କୋଚି ସହର ଭଳି ବର୍ତ୍ତମାନ ଗୋଆରେ ମଧ୍ୟ ଜଳପଥରେ ମେଟ୍ରୋ ବା 'ୱାଟର ମେଟ୍ରୋ' ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ । କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଶୁକ୍ରବାର ଗୋଆ ଗସ୍ତ ସମୟରେ ଏହି ପ୍ରସ୍ତାବିତ ପ୍ରକଳ୍ପକୁ ପ୍ରାଥମିକତା ଭିତ୍ତିରେ ପ୍ରଥମ ପର୍ଯ୍ୟାୟରେ ହିଁ ଶେଷ କରିବାକୁ ଘୋଷଣା କରିଛନ୍ତି । ଏହି ପ୍ରକଳ୍ପ ମାଧ୍ୟମରେ ମାଣ୍ଡୋଭୀ ନଦୀ କୂଳରେ ଅବସ୍ଥିତ ଗୋଆର ରାଜଧାନୀ ପାଣାଜୀ ସହର ସହିତ ନଦୀ କୂଳବର୍ତ୍ତୀ ଅନ୍ୟାନ୍ୟ ସହର ଏବଂ ଗ୍ରାମଗୁଡ଼ିକୁ ଜଳପଥ ମାଧ୍ୟମରେ ଯୋଡ଼ାଯିବ । କୋଚି ମେଟ୍ରୋ ରେଳ ଲିମିଟେଡ୍ ଦ୍ୱାରା ଏହି ପ୍ରକଳ୍ପର ପ୍ରାଥମିକ ସର୍ଭେ କରାଯାଇ ପ୍ରାୟ ୮ଟି ସମ୍ଭାବ୍ୟ ରୁଟ୍ ଚିହ୍ନଟ କରାଯାଇଛି । ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ଅନୁରୋଧ କ୍ରମେ ଏହି ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି । ପାଣାଜୀ ବନ୍ଦରର ଏକ ନୂତନ ଟର୍ମିନାଲ୍ ଭବନ ଉଦ୍‌ଘାଟନ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଗତ ୧୨ ବର୍ଷ ମଧ୍ୟରେ ଭାରତର ସାମୁଦ୍ରିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି । ଦେଶର ବନ୍ଦରଗୁଡ଼ିକର କ୍ଷମତା ଦୁଇଗୁଣା ବୃଦ୍ଧି ପାଇବା ସହ ଆଭ୍ୟନ୍ତରୀଣ ଜଳପଥଗୁଡ଼ିକ ମଧ୍ୟ ବାଣିଜ୍ୟ ଏବଂ ପରିବହନର ଏକ ପ୍ରମୁଖ ମାଧ୍ୟମ ସାଜିଛନ୍ତି, ଯାହା ଭାରତୀୟ ଅର୍ଥନୀତିକୁ ଆଗକୁ ବଢ଼ାଇବାରେ ସହାୟକ ହେବ ।

## ପଶ୍ଚିମବଙ୍ଗରେ ଲାଗୁହେବ ସମାନ ନାଗରିକ ସଂହିତା



କୋଲକାତା, ୨୬ ।୬(ଏଜେନ୍ସି): ପଶ୍ଚିମବଙ୍ଗରେ ସମାନ ନାଗରିକ ସଂହିତା ବା ୟୁସିସି ଲାଗୁ କରାଯିବ ବୋଲି ଶୁକ୍ରବାର ରାଜ୍ୟର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସ୍ପଷ୍ଟ କରିଛନ୍ତି । ଗୁଜରାଟ, ଉତ୍ତରାଖଣ୍ଡ ଏବଂ ଆସାମ ଭଳି ସମାନ ପ୍ରକ୍ରିୟା ଆପଣାଇ ପଶ୍ଚିମବଙ୍ଗରେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯିବ ଏବଂ ଆସନ୍ତା ସୋମବାର ଦିନ ବିଧାନସଭାରେ ଏହି ପ୍ରସ୍ତାବିତ ବିଲ୍‌ର ସମ୍ପୂର୍ଣ୍ଣ ରୂପରେଖ ଉପସ୍ଥାପନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଗତ ମେ ୨୫ ତାରିଖରେ ବିଧାନସଭାରେ ଆଗତ ହୋଇଥିବା ଏହି ବିଲ୍‌ରେ ବହୁବିବାହ ପ୍ରଥା ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇବା ସହ ବିବାହ ନକରି ଏକାଠି ରହୁଥିବା ସମ୍ପର୍କ (ଲିଭ୍-ଇନ୍ ରିଲେସନସିପ୍)ର ପଞ୍ଜୀକରଣକୁ ବାଧ୍ୟତାମୂଳକ କରିବା ପାଇଁ ପ୍ରସ୍ତାବ ରହିଛି । ଏହା ସହିତ ଧର୍ମ ନିର୍ବିଶେଷରେ ବିବାହ, ବିବାହ ବିଚ୍ଛେଦ ଏବଂ ସମ୍ପତ୍ତି ଉତ୍ତରାଧିକାର ପାଇଁ ଏକ ସମାନ ଆଇନଗତ ବ୍ୟବସ୍ଥା ପ୍ରସ୍ତୁତ କରାଯିବ । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମୟରେ ଭାରତୀୟ ଜନତା ପାର୍ଟିର ସଂକଳ୍ପ ପତ୍ରରେ ଏହା ଏକ ପ୍ରମୁଖ ପ୍ରତିଶ୍ରୁତି ଥିଲା । ପୂର୍ବତନ ତୃଣମୂଳ କଂଗ୍ରେସ ସରକାରକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ସରକାର କେବଳ ତୁଷ୍ଟୀକରଣ, ଦୁର୍ନୀତି ଓ ପରିବାରବାଦକୁ ପ୍ରଶ୍ରୟ ଦେଇ ରାଜ୍ୟକୁ ପଛକୁ ଠେଲି ଦେଇଥିଲା । ବର୍ତ୍ତମାନ ରାଜ୍ୟରେ ଏକ ଜାତୀୟତାବାଦୀ ସରକାର ଗଠନ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗରେ ବିକାଶମୂଳକ କାର୍ଯ୍ୟ ଏବଂ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଦ୍ରୁତ ଗତିରେ ଆଗକୁ ବଢ଼ାଯିବ ।

## ୧୧ ଜଣ ବାଂଲାଦେଶୀ ଆତଙ୍କବାଦୀଙ୍କ ବିରୋଧରେ ଚାର୍ଜସିଟ୍

ଗୌହାଟୀ, ୨୬ ।୬(ଏଜେନ୍ସି): ଭାରତରେ ଆତଙ୍କବାଦୀ ନେଟୱାର୍କର ବିସ୍ତାର ଏବଂ ଯୁବକମାନଙ୍କୁ ସଂଗଠନରେ ସାମିଲ କରିବା ପାଇଁ ଚାଲିଥିବା ଏକ ବଡ଼ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରି ଜାତୀୟ ତଦନ୍ତକାରୀ ସଂସ୍ଥା ବା ଏନଆଇଏ ୧୧ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି । ପ୍ରତିବନ୍ଧିତ ଆତଙ୍କବାଦୀ ସଂଗଠନ 'ଜମାତ-ଉଲ୍-ମୁଜାହିଦ୍ଦିନ ବାଂଲାଦେଶ'ର ଏକ ଶାଖା ସହିତ ଜଡ଼ିତ ଏହି ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଗୁଆହାଟୀ ସ୍ଥିତ ସ୍ୱତନ୍ତ୍ର ଅଦାଲତରେ ଏହି ଚାର୍ଜସିଟ୍ ଦାଖଲ କରାଯାଇଛି । ଏନଆଇଏର ତଦନ୍ତରୁ ଜଣାପଡ଼ିଛି ଯେ, ଏହି ସଂଗଠନର ବରିଷ୍ଠ ସଦସ୍ୟ ଇମାମ ମହମୁଦ ହବିବୁଲ୍ଲା ଭାରତ ମାଟିରେ ନିଜର ଆତଙ୍କବାଦୀ ଏଜେଣ୍ଡାକୁ ଆଗକୁ ବଢ଼ାଇବା ପାଇଁ 'ଇମାମ ମହମୁଦର କାଫିଲା' ନାମକ ଏକ ଶାଖା ଗଠନ କରିଥିଲା । ଏହି ସଂଗଠନ ଜରିଆରେ ପଶ୍ଚିମବଙ୍ଗ, ଆସାମ ଏବଂ ତ୍ରିପୁରା ଭଳି ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଉଗ୍ରବାଦୀ ଚିନ୍ତାଧାରାର ପ୍ରସାର କରିବା, ସ୍ଥାନୀୟ ଯୁବକମାନଙ୍କୁ ଭ୍ରମିତ କରି ସଂଗଠନରେ ସାମିଲ କରିବା ଏବଂ ଭାରତ ବିରୋଧୀ କାର୍ଯ୍ୟକଳାପ ଚଳାଇବା ପାଇଁ ଗୁପ୍ତ ବୈଠକ ଓ ଡିଜିଟାଲ୍ ମାଧ୍ୟମର ବ୍ୟବହାର କରାଯାଉଥିଲା । ଏହି ମାମଲାରେ ଗିରଫ ହୋଇଥିବା ଦୁଇ ପ୍ରମୁଖ ଅଭିଯୁକ୍ତ ନସିମୁଦ୍ଦିନ ଆସାମରେ ଏବଂ ଜାଗିର ମିଆଁ ତ୍ରିପୁରାରେ ଏହି ଆତଙ୍କବାଦୀ ସଂଗଠନର କାର୍ଯ୍ୟକଳାପର ନେତୃତ୍ୱ ନେଉଥିଲେ ।

## ଦିଲ୍ଲୀରେ ସେପ୍ଟିକ୍ ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୩ ଶ୍ରମିକଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୬ ।୬(ଏଜେନ୍ସି): ଦିଲ୍ଲୀର ମୁଣ୍ଡକା ଶିଳ୍ପାଞ୍ଚଳରେ ଥିବା ଏକ କାରଖାନାର ସେପ୍ଟିକ୍ ଟାଙ୍କି ଭିତରେ ବିଷାକ୍ତ ଗ୍ୟାସ୍ ସଂସ୍ପର୍ଶରେ ଆସି ଶୁକ୍ରବାର ଅପରାହ୍ନରେ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୁଣ୍ଡକାର ଜ୍ୱାଳାପୁରୀ ଅଞ୍ଚଳରେ ଥିବା ଏକ କାରଖାନାରେ ଏହି ଅଭାବନୀୟ ଘଟଣା ଘଟିଛି । ଅଗ୍ନିଶମ ବାହିନୀର ସୂଚନା ଅନୁଯାୟୀ, ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ କାରଖାନାର ସେପ୍ଟିକ୍ ଟାଙ୍କି ଭିତରେ କିଛି ଲୋକ ଫସି ରହିଥିବା ଖବର ମିଳିଥିଲା । ଏହା ପରେ ଉଦ୍ଧାର କାର୍ଯ୍ୟ ପାଇଁ ଅଗ୍ନିଶମ ଗାଡ଼ି ଏବଂ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ । ମାତ୍ର ଟାଙ୍କି ଭିତରେ ଥିବା ପ୍ରବଳ ବିଷାକ୍ତ ଗ୍ୟାସ୍ ଯୋଗୁଁ ସେମାନେ ଶ୍ୱାସରୁଦ୍ଧ ହୋଇ ସେଠାରେ ହିଁ ଅଚେତ ହୋଇପଡ଼ିଥିଲେ । ଅଗ୍ନିଶମ କର୍ମଚାରୀମାନେ ତିନି ଜଣଙ୍କୁ ଟାଙ୍କି ଭିତରୁ ବାହାରକୁ ଆଣିଥିଲେ ମଧ୍ୟ ସେତେବେଳକୁ ସେମାନଙ୍କର ମୃତ୍ୟୁ ହୋଇସାରିଥିଲା ।

## ଡେନ୍‌ମାର୍କରେ ଅଜାନ ଉପରେ କଟକଣା ହେବ

କୋପେନହେଗେନ, ୨୬ ।୬(ଏଜେନ୍ସି): ଡେନମାର୍କରେ ବଢୁଥିବା ଇସଲାମୀକରଣକୁ ରୋକିବା ପାଇଁ ସେଠାକାର ସରକାର ସାରା ଦେଶରେ ମସଜିଦ୍‌ରୁ ଦିଆଯାଉଥିବା ସାର୍ବଜନୀନ ପ୍ରାର୍ଥନା ଡାକରା ବା ଅଜାନ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇବାକୁ ପ୍ରସ୍ତୁତି ଚଳାଇଛନ୍ତି । ସର୍ବସାଧାରଣ ସ୍ଥାନରେ ମୁହଁ ଢାଙ୍କିବା ଉପରେ ପୂର୍ବରୁ କଟକଣା ଲଗାଯାଇଥିବା ବେଳେ ବର୍ତ୍ତମାନ ଏହି ନୂଆ ପ୍ରସ୍ତାବ ଉପରେ ବିଚାର କରାଯାଉଛି । ଦେଶର ପ୍ରବାସୀ ମନ୍ତ୍ରୀ ମୋର୍ଟେନ ବୋଡସ୍କୋଭ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ଡେନମାର୍କର କିଛି ଅଞ୍ଚଳ ବର୍ତ୍ତମାନ ପାକିସ୍ତାନର ରାଜଧାନୀ 'ଇସଲାମାବାଦର ଉପକଣ୍ଠ' ଭଳି ଅନୁଭୂତ ହେଉଛି । ଡେନମାର୍କ ଆକାଶରେ ଅଜାନ ଶବ୍ଦ ଶୁଣାଯିବା ଉଚିତ ନୁହେଁ ଏବଂ ଏହାର ଏଠାରେ କୌଣସି ସ୍ଥାନ ନାହିଁ । ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକସେନଙ୍କ ନେତୃତ୍ୱରେ ସରକାର ଏବେ ଶିକ୍ଷାନୁଷ୍ଠାନଗୁଡ଼ିକରୁ ପ୍ରାର୍ଥନା ଗୃହ ହଟାଇବା ସହ ଅନୁପ୍ରବେଶ ରୋକିବା ପାଇଁ ୟୁରୋପର ସବୁଠାରୁ କଠୋର ନୀତି ଆପଣାଇଛନ୍ତି । ଡେନମାର୍କରେ ମୋଟ ଜନସଂଖ୍ୟାର ପ୍ରାୟ ୫ ପ୍ରତିଶତ ମୁସଲିମ ସମ୍ପ୍ରଦାୟର ଲୋକ ଅଛନ୍ତି ।

## 'ଅପରେସନ୍ ସିନ୍ଦୂର' ପ୍ରକାଶ ପାଇଲା ସହିଦ ଯବାନଙ୍କ ନାମ

ନୂଆଦିଲ୍ଲୀ, ୨୬ ।୬(ଏଜେନ୍ସି): ଗତ ବର୍ଷ ମେ ମାସରେ ପହଲଗାମଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଦୃଢ଼ ଜବାବ ଦେବାକୁ ଯାଇ ଭାରତୀୟ ସେନା ପକ୍ଷରୁ କରାଯାଇଥିବା 'ଅପରେସନ୍ ସିନ୍ଦୂର'ରେ ପ୍ରାଣବଳୀ ଦେଇଥିବା ୬ ଜଣ ବୀର ସୈନିକଙ୍କ ପରିଚୟ ପ୍ରଥମ ଥର ପାଇଁ ସାର୍ବଜନୀନ କରାଯାଇଛି । ଦେଶମାତୃକାର ସୁରକ୍ଷା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ଏହି ଅମର ଶହୀଦମାନଙ୍କ ନାମ ନୂଆଦିଲ୍ଲୀସ୍ଥିତ ଜାତୀୟ ସମର ସ୍ମାରକୀର 'ତ୍ୟାଗ ଚକ୍ର'ରେ ଖୋଦିତ କରାଯାଇ ସେମାନଙ୍କୁ ଚିରଦିନ ପାଇଁ ସମ୍ମାନିତ କରାଯିବ । ଶହୀଦ ହୋଇଥିବା ଏହି ସେନା ଅଧିକାରୀ ଓ ଯବାନମାନଙ୍କ ମଧ୍ୟରେ ଭାରତୀୟ ସ୍ଥଳସେନାର ୫ ଜଣ ଏବଂ ଭାରତୀୟ ବାୟୁସେନାର ଜଣେ ଯୋଦ୍ଧା ସାମିଲ ଅଛନ୍ତି । ସେମାନେ ହେଲେ ସୁବେଦାର ମେଜର ପବନ କୁମାର, ରାଇଫଲମ୍ୟାନ୍ ସୁନୀଲ କୁମାର, ଲାନ୍ସ ନାୟକ ଦିନେଶ କୁମାର, ଅଗ୍ନିବୀର ମୁରଲୀ ନାୟକ, ହାବିଲଦାର ସୁନୀଲ କୁମାର ସିଂ ଏବଂ ବାୟୁସେନା ସର୍ଜେଣ୍ଟ ସୁରେନ୍ଦ୍ର କୁମାର । ଏହି ବୀରମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ସେମାନଙ୍କ ଅସାଧାରଣ ସାହସିକତା ପାଇଁ ମରଣୋତ୍ତର ଭାବେ ବୀରତ୍ୱ ପୁରସ୍କାରରେ ସମ୍ମାନିତ କରାଯାଇଛି । ରାଇଫଲମ୍ୟାନ୍ ସୁନୀଲ କୁମାରଙ୍କୁ ମରଣୋତ୍ତର ଭାବେ 'ବୀର ଚକ୍ର' ଏବଂ ସର୍ଜେଣ୍ଟ ସୁରେନ୍ଦ୍ର କୁମାରଙ୍କୁ ମରଣୋତ୍ତର ଭାବେ 'ବାୟୁସେନା ପଦକ' ପ୍ରଦାନ କରାଯାଇଛି । ୨୦୨୫ ମସିହାର ବିଭିନ୍ନ ସାମରିକ ଅଭିଯାନ ସମୟରେ ସହିଦ ହୋଇଥିବା ସମସ୍ତ ସୈନିକଙ୍କ ନାମ ସହିତ ଏହି ୬ ଜଣ ବୀରଙ୍କ ନାମ ମଧ୍ୟ ଜାରି କରାଯାଇଛି । ସ୍ୱାଧୀନତା ପରଠାରୁ ଦେଶ ପାଇଁ ପ୍ରାଣ ଉତ୍ସର୍ଗ କରିଥିବା ପ୍ରତ୍ୟେକ ସୈନିକଙ୍କ ନାମ, ପଦବୀ ଓ ସେନା ଶାଖା ଜାତୀୟ ସମର ସ୍ମାରକୀର ୧୬ଟି ଗୋଲାକାର ଗ୍ରାନାଇଟ୍ ପ୍ରସ୍ତର କାନ୍ଥରେ ସ୍ଥାନ ପାଇଛି, ଯେଉଁଠାରେ ଏବେ ଏହି ବୀରମାନଙ୍କ ନାମ ସଦାସର୍ବଦା ପାଇଁ




ଶୋଭା ପାଇବ । ସୂଚନାଯୋଗ୍ୟ ଯେ, ଗତ ୨୦୨୫ ମସିହା ମଇ ୭ ତାରିଖରେ ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତୀୟ ସେନା ପକ୍ଷରୁ 'ଅପରେସନ୍ ସିନ୍ଦୂର' ଆରମ୍ଭ କରାଯାଇଥିଲା । ଏହି ଅଭିଯାନ ଅଧୀନରେ ଭାରତୀୟ ସଶସ୍ତ୍ର ବାହିନୀ ପକ୍ଷରୁ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ ଜମ୍ମୁ-କାଶ୍ମୀରରେ ଥିବା ଲସ୍କର-ଇ-ତୋଇବା, ଜୈଶ-ଇ-ମହମ୍ମଦ ଏବଂ ହିଜବୁଲ ମୁଜାହିଦ୍ଦିନ ଭଳି ସଂଗଠନର ୯ଟି ପ୍ରମୁଖ ଆତଙ୍କବାଦୀ ଆଡ୍ଡା ଉପରେ ସଠିକ୍ ଓ ବେଗବାନ ଆକ୍ରମଣ କରାଯାଇଥିଲା । ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ । ଏହାର ଜବାବରେ ପାକିସ୍ତାନ ପକ୍ଷରୁ ଡ୍ରୋନ ଆକ୍ରମଣ ଓ ଗୋଳାବାରୁଦ ବର୍ଷଣ କରାଯିବା ଫଳରେ ଉଭୟ ଦେଶ ମଧ୍ୟରେ ଚାରି ଦିନ ଧରି ପ୍ରତ୍ୟକ୍ଷ ସଂଘର୍ଷ ଚାଲିଥିଲା । ପରେ ଭାରତ ଲାହୋରର ରାଡାର ପ୍ରତିଷ୍ଠାନ ଏବଂ ଗୁଜରାନୱାଲା ନିକଟସ୍ଥ ଆଡ୍ଡାଗୁଡ଼ିକୁ ସଫଳତାର ସହ ଧ୍ୱଂସ କରିବା ପରେ ମଇ ୧୦ ତାରିଖରେ ଦୁଇ ଦେଶର ସାମରିକ ଅଭିଯାନ ମହାନିର୍ଦ୍ଦେଶକଙ୍କ ଆଲୋଚନା ଭିତ୍ତିରେ ଏକ ଯୁଦ୍ଧବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଗତ ମାସରେ ଏହି ସଫଳ ସାମରିକ ଅଭିଯାନର ପ୍ରଥମ ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରି 'ଅପରେସନ୍ ସିନ୍ଦୂର'କୁ ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ ଜବାବ ଏବଂ ଜାତୀୟ ସୁରକ୍ଷା ପ୍ରତି ଦେଶର ପ୍ରତିବଦ୍ଧତାର ପ୍ରତୀକ ବୋଲି ଅଭିହିତ କରିଥିଲେ । ଦେଶର ସୁରକ୍ଷା ଓ ଅଖଣ୍ଡତା ବଜାୟ ରଖିବା ପାଇଁ ଭାରତୀୟ ସେନାର ଯବାନମାନେ ଯେଉଁ ଅତୁଳନୀୟ ସାହସ, ସଠିକତା ଏବଂ ଦୃଢ଼ ସଂକଳ୍ପ ପ୍ରଦର୍ଶନ କରିଛନ୍ତି, ତାହା ଦେଶବାସୀଙ୍କୁ ସଦାସର୍ବଦା ପ୍ରେରଣା ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି । ଅମର ଶହୀଦଙ୍କ ଏହି ବଳିଦାନ ନିକଟରେ ସମଗ୍ର ଦେଶ ଆଜି କୃତଜ୍ଞତା ଜ୍ଞାପନ କରୁଛି ।

## ସରକାରୀ ଅଧିକାରୀଙ୍କ ଘରୁ ମିଳିଲା କୋଟି କୋଟି ଟଙ୍କାର ସୁନା, ହୀରା, ନଗଦ ଅର୍ଥ

ହାଇଦରାବାଦ, ୨୬ ।୬(ଏଜେନ୍ସି): ହାଇଦରାବାଦର ସାମିରପେଟ ଅଞ୍ଚଳର ଜଣେ ନିଲମ୍ବିତ ତହସିଲଦାର ତଥା ଯୁଗ୍ମ ଉପ-ନିବନ୍ଧକ (ଜଏଣ୍ଟ ସବ୍-ରେଜିଷ୍ଟ୍ରାର) ଥୁମ୍ମାକୋମ୍ମା ସୁଚରିତାଙ୍କ ଅସାଧୁତାକୁ ନେଇ ଏକ ବଡ଼ ପର୍ଦ୍ଦାଫାଶ ହୋଇଛି । ଭ୍ରଷ୍ଟାଚାର ନିରୋଧୀ ବ୍ୟୁରୋ (ଏସିବି) ପକ୍ଷରୁ ସୁଚରିତା ଏବଂ ତାଙ୍କ ସହଯୋଗୀମାନଙ୍କ ବିଭିନ୍ନ ବାସଭବନ ଉପରେ



କରାଯାଇଥିବା ଚଢ଼ାଉ ବେଳେ ପ୍ରାୟ ୫.୦୫ କୋଟି ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି । ସରକାରୀ ହିସାବ ଅନୁଯାୟୀ ଏହାର ମୂଲ୍ୟ ୫ କୋଟିରୁ ଅଧିକ ହୋଇଥିବା ବେଳେ ବଜାର ଦର ଅନୁସାରେ ଏହାର ପ୍ରକୃତ ମୂଲ୍ୟ କେତେ ଗୁଣା ଅଧିକ ହେବ ବୋଲି ଆଶା କରାଯାଉଛି । ସୂଚନାଯୋଗ୍ୟ ଯେ, ସୁଚରିତା ପୂର୍ବରୁ ୩୦ ଲକ୍ଷ ଟଙ୍କାର ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇ ବର୍ତ୍ତମାନ ବିଚାର ବିଭାଗୀୟ ହାଜତରେ ଅଛନ୍ତି । ଏହି ମାମଲାର ଅଧିକ ତଦନ୍ତ କରୁଥିବା ଅଧିକାରୀମାନେ ଯେତେବେଳେ ତାଙ୍କର ଏବଂ ତାଙ୍କ ସମ୍ପର୍କୀୟ ଓ ବେନାମୀ ସହଯୋଗୀମାନଙ୍କ ଘରେ ଯାଞ୍ଚ କରିଥିଲେ, ସେତେବେଳେ ସେମାନଙ୍କ ଆଖି ଖୋସି ହୋଇଯାଇଥିଲା । ଏହି ଚଢ଼ାଉ ସମୟରେ ସିଦ୍ଦିପେଟ ଅଞ୍ଚଳରେ ୨.୧୭ ଏକର ଚାଷ ଜମି, ହାଇଦରାବାଦରେ ୩ଟି ବିଳାସପୂର୍ଣ୍ଣ ଫ୍ଲାଟ୍, ୨ଟି ପ୍ଲଟ୍, ଦୁଇଟି ଦାମୀ କାର୍, ୧.୨ କୋଟି ଟଙ୍କାର ସୁନା ଓ ହୀରା ଅଳଙ୍କାର, ୧୨ ଲକ୍ଷ ଟଙ୍କାର ନଗଦ ଅର୍ଥ ଏବଂ ବ୍ୟାଙ୍କରେ ୩୮ ଲକ୍ଷ ଟଙ୍କାର ଜମା ରାଶି ଥିବା ଜଣାପଡ଼ିଛି ।

## ଇଡ଼ି ଦ୍ୱାରା ୩.୬୬ କୋଟିର ଜୀବନ ବୀମା ପଲିସି ଜବତ

ଭୋପାଳ, ୨୬ ।୬(ଏଜେନ୍ସି): ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ସହ ଜଡ଼ିତ ପ୍ରାୟ ୧, ୨୬୬ କୋଟି ଟଙ୍କାର ଏକ ବଡ଼ ଆର୍ଥିକ ପ୍ରତାରଣା ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଭୋପାଳ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଆର୍ଥିକ ଅପରାଧ ନିରୋଧୀ ଆଇନ (ପିଏମଏଲଏ) ଅଧୀନରେ ଇଡି 'ଆଡଭାଣ୍ଟେଜ ଓଭରସିଜ ପ୍ରାଇଭେଟ ଲିମିଟେଡ' (ଏଓପିଏଲ) କମ୍ପାନୀର ମୁଖ୍ୟ ପ୍ରବର୍ତ୍ତକ ଶ୍ରୀକାନ୍ତ ଭାସିଙ୍କ ଦୁଇଟି ଅନ୍ତର୍ଜାତୀୟ ଜୀବନ ବୀମା ପଲିସିକୁ ଜବତ କରିଛି । ଏହି ଦୁଇଟି ଜୀବନ ବୀମା ପଲିସି 'ଜୁରିକ୍ ଇଣ୍ଟରନ୍ୟାସନାଲ ଲାଇଫ୍ ଲିମିଟେଡ' ସଂସ୍ଥାରେ ଥିଲା, ଯାହାର ସାମ୍ପ୍ରତିକ ମୂଲ୍ୟ ପ୍ରାୟ ୩.୬୬ କୋଟି ଟଙ୍କା ଅଟେ । କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ଦ୍ୱାରା ରୁଜୁ ହୋଇଥିବା ପ୍ରାଥମିକ ମାମଲାକୁ ଆଧାର କରି ଇଡି ଏହି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଅଭିଯୋଗ ଅନୁଯାୟୀ, ଉକ୍ତ କମ୍ପାନୀ ଏବଂ ଏହାର ନିର୍ଦ୍ଦେଶକମାନେ ଜାଲ୍ ବ୍ୟାପାରିକ ଦସ୍ତାବିଜ ପ୍ରସ୍ତୁତ କରି ଏବଂ ବ୍ୟାଙ୍କ ଅର୍ଥକୁ ଅନ୍ୟ ଆଡ଼େ ପଠାଇ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ବିପୁଳ ପରିମାଣର ଆର୍ଥିକ କ୍ଷତି ପହଞ୍ଚାଇଥିଲେ ।

## ୟୁକ୍ରେନର ୬୬୦ଟି ଡ୍ରୋନ୍ ନଷ୍ଟ କଲା ରୁଷ

ମସ୍କୋ, ୨୬ ।୬(ଏଜେନ୍ସି): ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଆହୁରି ଭୟଙ୍କର ରୂପ ନେଇଛି । ଗୁରୁବାର ବିଳମ୍ବିତ ରାତିରେ ୟୁକ୍ରେନ ପକ୍ଷରୁ ରୁଷର ୧୨ଟି ଅଞ୍ଚଳ ସମେତ କ୍ରିମିଆ ଉପରେ ଏକ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ କରାଯାଇଛି । ଏହି ଆକ୍ରମଣ ସମୟରେ ରୁଷର ବାୟୁସେନା ପ୍ରାୟ ୬୬୦ଟି ୟୁକ୍ରେନୀୟ ଡ୍ରୋନ୍‌କୁ ଆକାଶରେ ହିଁ ନଷ୍ଟ କରିଦେଇଥିବା ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି । ୪ ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଏହି ଯୁଦ୍ଧ ମଧ୍ୟରେ ଏହାକୁ ସବୁଠାରୁ ବଡ଼ ଡ୍ରୋନ୍ ଆକ୍ରମଣ କୁହାଯାଉଛି । ୟୁକ୍ରେନର ସୁରକ୍ଷା ବାହିନୀ ଅନୁଯାୟୀ, ସେମାନେ କ୍ରିମିଆର କେର୍ଚ୍ଚ ବନ୍ଦରରେ ଥିବା ରୁଷର ନୌସେନା ଜାହାଜ ଏବଂ ଆକାଶ ମାର୍ଗରୁ ପ୍ରତିରକ୍ଷା କରୁଥିବା ରାଡାର୍ ଉପରେ ସଫଳ ଆକ୍ରମଣ କରିଛନ୍ତି । ଅନ୍ୟପଟେ, ରୁଷର ମସ୍କୋ ଏବଂ ଟୁଲା ଅଞ୍ଚଳରେ ଡ୍ରୋନ୍ ମାଡ଼ ଯୋଗୁଁ କେତେକ ଶିଳ୍ପ ପ୍ରତିଷ୍ଠାନ ଏବଂ ବିଦ୍ୟୁତ ସେବା ପ୍ରଭାବିତ ହୋଇଛି । ଏହି ଆକ୍ରମଣ ପୂର୍ବରୁ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ରୁଷକୁ ଯୁଦ୍ଧ ବନ୍ଦ କରିବା ପାଇଁ ବାଧ୍ୟ କରିବାକୁ ଏକ ନୂତନ ଏବଂ ବ୍ୟାପକ ସାମରିକ ଅଭିଯାନର ନିର୍ଦ୍ଦେଶ ଦେଇଥିଲେ । ଏହାର ଜବାବରେ ରୁଷ ପକ୍ଷରୁ ମଧ୍ୟ ୟୁକ୍ରେନର ଖାର୍କିଭ୍ ଏବଂ କିଭ୍ ଭଳି ସହରଗୁଡ଼ିକ ଉପରେ ବାଲିଷ୍ଟିକ୍ ମିସାଇଲ୍ ଓ ପ୍ରାୟ ୧୮୯ଟି ଡ୍ରୋନ୍ ମାଡ଼ କରାଯାଇଛି, ଯେଉଁଥିରେ ୨ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି । ଉଭୟ ଦେଶ ମଧ୍ୟରେ ଏହି ଆକ୍ରମଣ ପ୍ରତି-ଆକ୍ରମଣ ଯୋଗୁଁ ଯୁଦ୍ଧ ପରିସ୍ଥିତି ଆହୁରି ଜଟିଳ ହେବାରେ ଲାଗିଛି ।

● ଟୋଲ୍ ପ୍ଲାଜାରେ ପିଟିହେଲା ଏଲ୍‌ପିଜି ଟ୍ୟାଙ୍କର

## ଡ୍ରାଇଭର ଜୀବନ୍ତ ଦଗ୍ଧ, ୫ ଗୁରୁତର

କୌଶାମ୍ବୀ, ୨୬ ।୬(ଏଜେନ୍ସି): ଉତ୍ତର ପ୍ରଦେଶର କୌଶାମ୍ବୀ ଜିଲ୍ଲାରେ ଶୁକ୍ରବାର ସକାଳ ପ୍ରାୟ ୬ଟା ସମୟରେ ଏକ ବଡ଼ ଧରଣର ସଡ଼କ ଦୁର୍ଘଟଣା ଘଟିଛି । ଏକ ଦ୍ରୁତଗାମୀ ଏଲ୍‌ପିଜି ଗ୍ୟାସ୍ ଟ୍ୟାଙ୍କର ନିୟନ୍ତ୍ରଣ ହରାଇ ସିହୋରୀ ଟୋଲ୍ ପ୍ଲାଜା ସହ ପିଟି ହୋଇଯାଇଥିଲା । ଟକ୍କର ଏତେ ଜୋରଦାର ଥିଲା ଯେ ଏହାପରେ ଏକ ପ୍ରକାଣ୍ଡ ବିସ୍ଫୋରଣ ହେବା ସହ ଟ୍ୟାଙ୍କରରେ ନିଆଁ ଲାଗିଯାଇଥିଲା । ଏହି ଦୁର୍ଘଟଣାରେ ଟ୍ୟାଙ୍କର ଚାଳକ ଜଣକ ଗାଡ଼ି ଭିତରୁ ବାହାରି ନପାରି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ଅଗ୍ନିକାଣ୍ଡର ତୀବ୍ରତା ଯୋଗୁଁ ତାଙ୍କ ଶରୀର ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଥିବା ବେଳେ ଉଦ୍ଧାରକାରୀ ଦଳ କେବଳ କଙ୍କାଳର କିଛି ଅଂଶ ଉଦ୍ଧାର କରିଛନ୍ତି । ଏହି ଦୁର୍ଘଟଣାରେ ଟୋଲ୍ ପ୍ଲାଜାର ୫ ଜଣ କର୍ମଚାରୀ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି । ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ଟୋଲ୍ ପ୍ଲାଜା ୟାର୍ଡରେ ପାର୍କିଂ କରାଯାଇଥିବା ୧୬ଟି ମୋଟରସାଇକେଲ ଏବଂ ୨ଟି କାର୍ ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି । ବିସ୍ଫୋରଣ ପରେ ଆକାଶରେ ପ୍ରାୟ ୨ କିଲୋମିଟର ଦୂର ପର୍ଯ୍ୟନ୍ତ କଳା ଧୂଆଁର ଆସ୍ତରଣ ଦେଖିବାକୁ ମିଳିଥିଲା, ଯାହାଫଳରେ ହାଇୱେର ଉଭୟ ପାର୍ଶ୍ୱରେ ଗାଡ଼ିଗୁଡ଼ିକର ଦୀର୍ଘ ଲାଇନ୍ ଲାଗିଯାଇଥିଲା ଏବଂ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ପ୍ରାୟ ଅଧଘଣ୍ଟାର କଠିନ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ । ସ୍ଥାନୀୟ କୋଖରାଜ ଥାନା ପୋଲିସ ଆହତମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ପଠାଇବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

## ଭେନେଜୁଏଲା ଭୂକମ୍ପରେ ମୃତ୍ୟୁ ସଂଖ୍ୟା ୨୩୫କୁ ବୃଦ୍ଧି
## ସହାୟତା ପାଇଁ ଭାରତର 'ଅପରେସନ୍ ଅମିସ୍ତାଦ୍' ଆରମ୍ଭ

କାରାକାସ, ୨୬ ।୬(ଏଜେନ୍ସି): ଗତ ବୁଧବାର ଭେନେଜୁଏଲାରେ ଆସିଥିବା ଦୁଇଟି ଶକ୍ତିଶାଳୀ ଭୂକମ୍ପ ଯୋଗୁଁ ସେଠାରେ ବ୍ୟାପକ ସଂହାର ଲୀଳା ଦେଖାଦେଇଛି । ସାମ୍ପ୍ରତିକ ସୂଚନା ଅନୁଯାୟୀ, ଏହି ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁ ସଂଖ୍ୟା ୨୩୫କୁ ବୃଦ୍ଧି ପାଇଥିବା ବେଳେ ୪, ୩୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ସରକାରୀ ସୂତ୍ର ଅନୁସାରେ, ଏବେ ମଧ୍ୟ ୩୯, ୦୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି । ଭାଙ୍ଗିପଡ଼ିଥିବା କୋଠାବାଡ଼ିର ଭଗ୍ନାବଶେଷ ତଳୁ ଏବେ ବି ଲୋକଙ୍କ ଚିତ୍କାର ଶୁଣାଯାଉଥିବାରୁ ଉଦ୍ଧାର କାର୍ଯ୍ୟକୁ ଆହୁରି ଜୋରଦାର କରାଯାଇଛି ଏବଂ ଅଧିକ ଲୋକ ଜୀବିତ ଉଦ୍ଧାର ହେବାର ଆଶା ରହିଛି । ଭୂକମ୍ପ ଆସିବା ସମୟରେ ଭେନେଜୁଏଲାରେ ଏକ ଜାତୀୟ ଛୁଟିଦିନ ଥିଲା ଏବଂ ଅଧିକାଂଶ ଲୋକ ଘର ଭିତରେ ରହି ବିଶ୍ୱକପ୍ ଫୁଟବଲ୍ ମ୍ୟାଚ୍ ଦେଖୁଥିଲେ । ଏହି କାରଣରୁ ମାଟିରେ ମିଶିଯାଇଥିବା କୋଠାଗୁଡ଼ିକ ତଳେ ବହୁ ସଂଖ୍ୟାରେ ଲୋକ ଦେବି ହୋଇ ରହିଥିବା ଆଶଙ୍କା କରାଯାଉଛି । ଆମେରିକାର ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ, ଏହି ବିପର୍ଯ୍ୟୟରେ ମୃତ୍ୟୁ ସଂଖ୍ୟା ୧୦, ୦୦୦ କିମ୍ବା ତାଠାରୁ ଅଧିକ ହେବାର ଆଶଙ୍କା ରହିଛି । ସ୍ଥିତିକୁ ଦୃଷ୍ଟିରେ ରଖି ସେଠାକାର କାର୍ଯ୍ୟକାରୀ ରାଷ୍ଟ୍ରପତି ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି । ଏହି ମହାବିପତ୍ତି ସମୟରେ ଭେନେଜୁଏଲାବାସୀଙ୍କୁ ସାହାଯ୍ୟ କରିବା ପାଇଁ ଭାରତ ସରକାର ତୁରନ୍ତ 'ଅପରେସନ୍ ଅମିସ୍ତାଦ୍' ଆରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭେନେଜୁଏଲାର ପ୍ରଶାସନ ସହ ଆଲୋଚନା କରି ଭାରତ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଭାରତୀୟ ବାୟୁସେନାର ଦୁଇଟି ବିଶାଳ ସି-୧୭ ଗ୍ଲୋବମାଷ୍ଟର ବିମାନ ଯୋଗେ ଭେନେଜୁଏଲାକୁ ସହାୟତା ସାମଗ୍ରୀ ପଠାଯାଇଛି । ଏହି ବିମାନରେ ଭାରତୀୟ ସେନାର ଏକ ସ୍ୱତନ୍ତ୍ର କ୍ଷେତ୍ରୀୟ ଚିକିତ୍ସାଳୟ (ଫିଲ୍ଡ ହସ୍ପିଟାଲ୍) ୟୁନିଟ୍ ପଠାଯାଇଛି, ଯାହା ସେଠାରେ ଜରୁରୀକାଳୀନ ଚିକିତ୍ସା ଯୋଗାଇବ । ଏହା ସହିତ ୩୫ ଟନରୁ ଅଧିକ ଜରୁରୀକାଳୀନ ରିଲିଫ୍ ଓ ସହାୟତା ସାମଗ୍ରୀ ମଧ୍ୟ ପ୍ରେରଣ କରାଯାଇଛି । ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି ଯେ, ଏହି ମାନବୀୟ ସଙ୍କଟ ସମୟରେ ଭାରତ ଦୃଢ଼ତାର ସହ ଭେନେଜୁଏଲାବାସୀଙ୍କ ସହ ଛିଡ଼ା ହୋଇଛି ଏବଂ ସେମାନଙ୍କୁ ସମସ୍ତ ସମ୍ଭବପର ସହାୟତା ଯୋଗାଇଦେବାକୁ କୃତସଂକଳ୍ପ ।

## ଫିଲିପାଇନ୍ସ ଓ ପାକିସ୍ତାନରେ ଭୂକମ୍ପ ଝଟ୍‌କା

ମାନିଲା/ଇସଲାମାବାଦ, ୨୬ ।୬(ଏଜେନ୍ସି): ଶୁକ୍ରବାର ଦକ୍ଷିଣ ଫିଲିପାଇନ୍ସର ମିନ୍ଦାନାଓ ଦ୍ୱୀପରେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି । ଆମେରିକାର ଭୂତାତ୍ତ୍ୱିକ ସର୍ଭେକ୍ଷଣ (ୟୁଏସ୍‌ଜିଏସ୍) ଅନୁଯାୟୀ, ରିକ୍ଟର ସ୍କେଲରେ ଏହି ଭୂକମ୍ପର ତୀବ୍ରତା ୬.୫ ରହିଥିବା ବେଳେ ଏହାର କେନ୍ଦ୍ରସ୍ଥଳ ଭୂପୃଷ୍ଠରୁ ୨୯ କିଲୋମିଟର ଗଭୀରତାରେ ଥିଲା । ଏହି ଝଟ୍‌କା ପରେ ତୁରନ୍ତ କୌଣସି ଧନଜୀବନ ହାନିର ସୂଚନା ମିଳିନାହିଁ ଏବଂ ସୁନାମି ନେଇ କୌଣସି ସତର୍କ ସୂଚନା ମଧ୍ୟ ଜାରି କରାଯାଇ ନାହିଁ । କେବଳ ଫିଲିପାଇନ୍ସ ନୁହେଁ, ଆଜି ପାକିସ୍ତାନରେ ମଧ୍ୟ ୫.୩ ତୀବ୍ରତାର ଏକ ମଧ୍ୟମ ଧରଣର ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି । ମିନ୍ଦାନାଓ ଦ୍ୱୀପରେ ଚଳିତ ମାସ ମଧ୍ୟରେ ଏହା ଦ୍ୱିତୀୟ ବଡ଼ ଭୂକମ୍ପ । ଏହାପୂର୍ବରୁ ଜୁନ୍ ପ୍ରଥମ ସପ୍ତାହରେ ଏଠାରେ ଏକ ପ୍ରଳୟଙ୍କରୀ ୭.୮ ତୀବ୍ରତାର ଭୂକମ୍ପ ଆସିଥିଲା, ଯେଉଁଥିରେ ୮୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହେବା ସହ ୧, ୩୦୦ ରୁ ଅଧିକ ଲୋକ ଆହତ ହୋଇଥିଲେ । ସେହି ସମୟରେ ସୁନାମି ଆସିବା ଭୟରେ ଉପକୂଳବର୍ତ୍ତୀ ଅଞ୍ଚଳରୁ ବ୍ୟାପକ ସ୍ଥାନାନ୍ତରଣ କରାଯାଇଥିଲା । ଏପରିକି ଭୂକମ୍ପ ଯୋଗୁଁ ସମୁଦ୍ର ଶଯ୍ୟା ପ୍ରାୟ ୨ ମିଟର ଉପରକୁ ଉଠିଯାଇଥିଲା, ଯାହାଫଳରେ ପାଣି ଭିତରେ ଥିବା କୋରାଲ୍ ରିଫ୍ (ପ୍ରବାଳ ପ୍ରାଚୀର) ବାହାରକୁ ଦେଖାଯାଇଥିଲା । ଫିଲିପାଇନ୍ସ ଭୌଗୋଳିକ ଭାବେ ପ୍ରଶାନ୍ତ ମହାସାଗରର 'ରିଙ୍ଗ୍ ଅଫ୍ ଫାୟାର୍' ଅଞ୍ଚଳରେ ଅବସ୍ଥିତ । ଏହି ଅଞ୍ଚଳରେ ଅନେକ ଆଗ୍ନେୟଗିରି ଏବଂ ଟେକ୍ଟୋନିକ୍ ପ୍ଲେଟ୍ ଗୁଡ଼ିକର ମିଳନ ସ୍ଥଳ ଥିବାରୁ ଏଠାରେ ପ୍ରତିଦିନ ପ୍ରାୟ ଭୂକମ୍ପ ଅନୁଭୂତ ହୋଇଥାଏ ।

## ବ୍ରିଟେନରେ ୬,୦୦୦ କଏଦୀଙ୍କୁ ଆଗୁଆ ମୁକ୍ତ କରାଯିବ

ଲଣ୍ଡନ, ୨୬ ।୬(ଏଜେନ୍ସି): ଇଂଲଣ୍ଡ ଏବଂ ୱେଲ୍ସର ଜେଲ୍‌ଗୁଡ଼ିକରେ କଏଦୀ ସଂଖ୍ୟା ଅତ୍ୟଧିକ ବଢ଼ିଯାଇଥିବାରୁ ସେଠାକାର ସରକାର ଜେଲ୍ ସଂସ୍କାର କାର୍ଯ୍ୟକ୍ରମ ଅଧୀନରେ ପ୍ରାୟ ୬, ୦୦୦ କଏଦୀଙ୍କୁ ସେପ୍‌ଟେମ୍ବର ମାସରୁ ପର୍ଯ୍ୟାୟକ୍ରମେ ଆଗୁଆ ମୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବ୍ରିଟେନର ନ୍ୟାୟ ମନ୍ତ୍ରଣାଳୟର ଯୋଜନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ୧୮ ମାସରୁ କମ୍ କାରାଦଣ୍ଡ ଭୋଗୁଥିବା ଅପରାଧୀଙ୍କୁ ଛଡ଼ାଯିବ । ପରବର୍ତ୍ତୀ ସମୟରେ ଭଲ ବ୍ୟବହାର ପ୍ରଦର୍ଶନ କରୁଥିବା ଏବଂ ଦୀର୍ଘକାଳୀନ ସଜା କାଟୁଥିବା କଏଦୀଙ୍କୁ ମଧ୍ୟ ଏହି ନିୟମ ଆଧାରରେ ମୁକ୍ତ କରାଯିବ । ତେବେ ହତ୍ୟା ଭଳି ସଙ୍ଗୀନ ଅପରାଧରେ ଆଜୀବନ କାରାଦଣ୍ଡ ପାଇଥିବା ଅପରାଧୀଙ୍କ ପାଇଁ ଏହି ନିୟମ ଲାଗୁ ହେବ ନାହିଁ । ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧୀ ଦଳଗୁଡ଼ିକ ତୀବ୍ର ସମାଲୋଚନା କରିଛନ୍ତି । ବିରୋଧୀ ନେତାମାନଙ୍କ କହିବା ଅନୁଯାୟୀ, ଅପରାଧୀମାନଙ୍କୁ ସମୟ ପୂର୍ବରୁ ଛାଡ଼ିଦେବା ଦ୍ୱାରା ପୀଡ଼ିତମାନେ ନ୍ୟାୟରୁ ବଞ୍ଚିତ ହେବେ ଏବଂ ସମାଜରେ ଅସୁରକ୍ଷା ବୃଦ୍ଧି ପାଇବ ।



ସମ୍ବିତଙ୍କୁ ଜାତୀୟ ସୁଯୋଗ

▶ପୃଷ୍ଠା ୧୨ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-03 •SATURDAY •27 JUNE 2026 •PAGE-12 •₹ 7.00

•ବର୍ଷ-୪୪ •ସଂଖ୍ୟା-୦୩ •ଶନିବାର •୨୭ ଜୁନ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


## ପିଲାଙ୍କ ପଢ଼ାବହିରେ ତ୍ରୁଟି: କଡ଼ା କାର୍ଯ୍ୟାନୁଷ୍ଠାନ ନେଲେ ମୁଖ୍ୟମନ୍ତ୍ରୀ

# ଏସ୍‌ସିଇଆର୍‌ଟିର ୪ ଅଧିକାରୀ ନିଲମ୍ବିତ


### ତ୍ରୁଟିଶୂନ୍ୟ ଶିକ୍ଷାଦାନ ପାଇଁ କମିଟିର ୧୪ ସୁପାରିସ

■ ଭୁବନେଶ୍ୱର, ୨୬।୬ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ମାଳମାଳ ତ୍ରୁଟି ଘଟଣାରେ ହୋଇଛି କଡ଼ା କାର୍ଯ୍ୟାନୁଷ୍ଠାନ। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର (ଏସସିଇଆରଟି) ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀ ଓ ୩ ସହକାରୀ ନିର୍ଦ୍ଦେଶକଙ୍କୁ ସରକାର ନିଲମ୍ବନ କରିଛନ୍ତି। ସେହିପରି ଅନ୍ୟ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି।

ଉନ୍ନୟନ କମିସନରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ରିପୋର୍ଟ ଆଧାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ତତ୍କାଳୀନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ନିଲମ୍ବନ କରିଛନ୍ତି। ତାଙ୍କ ସହିତ ଆଉ ୩ ଜଣ ସହକାରୀ ନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଦିଲୀପ କୁମାର ସାହୁ, ଓ ଭାରତୀ ଟୁଡୁଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। ଏହା ସହିତ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନେ ହେଲେ ବନ୍ଦିତା ପଟ୍ଟନାୟକ, ମାନସ ରଞ୍ଜନ ରାଉତ, ମନୋରଞ୍ଜନ ମହାପାତ୍ର, ଡକ୍ଟର ପ୍ରଶାନ୍ତ କୁମାର ସାହୁ, ମାନସ କୁମାର ନାୟକ ଏବଂ ଡକ୍ଟର ସୁଦର୍ଶନ ସନ୍ତରା। ତତ୍କାଳୀନ ନିର୍ଦ୍ଦେଶକ ମନୋଜ ପାଢୀଙ୍କ ସମୟରେ ନୂତନ ପୁସ୍ତକ ପ୍ରସ୍ତୁତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅନୁରୂପ ଭାବେ ନିଲମ୍ବିତ ହୋଇଥିବା ଅନ୍ୟ ୩ ଜଣ ସହକାରୀ ନିର୍ଦ୍ଦେଶକ ମଧ୍ୟ କାର୍ଯ୍ୟରେ ଗୁରୁତର ଅବହେଳା କରିଥିବା ତଦନ୍ତ ବେଳେ ଜଣାପଡିଛି।

ଅପରପକ୍ଷରେ ପିଲାଙ୍କ ଶିକ୍ଷା ଓ ତ୍ରୁଟି ସୁଧାରିବା ପାଇଁ ତଦନ୍ତ କମିଟି ୧୪ଟି ସୁପାରିସ କରିଛି। ନୂତନ ପୁସ୍ତକ ଛପା ନ ହୋଇ ପିଲାଙ୍କୁ କିପରି ତ୍ରୁଟି ଶୂନ୍ୟ ଶିକ୍ଷାଦାନ କରାଯାଇ ପାରିବ ସେ ନେଇ ▶ପୃଷ୍ଠା-୭

### ଷଷ୍ଠ ଶ୍ରେଣୀ ଧନ୍ଦାମୂଳକ କୌଶଳ ଶିକ୍ଷାରେ 'ଝାଲ୍‌ମୁଢ଼ି'



■ ଭୁବନେଶ୍ୱର, ୨୬।୬ (ସମିସ): ସରକାରଙ୍କ ଦ୍ୱାରା ପ୍ରସ୍ତୁତ ପିଲାଙ୍କ ପଢ଼ା ବହିରେ ସ୍କୁଲ ବହିରେ ମାଳମାଳ ତ୍ରୁଟି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ପଢ଼ା ବହିରେ ଭୁଲ୍ ସଂଖ୍ୟା ୨୬୦୦ ଟପିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ମୁଦ୍ରଣ ପ୍ରମାଦକୁ ବାଦ୍ ଦେଲେ ଭୁଲ୍ ତଥ୍ୟ, ଭୁଲ ଫଟୋ ଓ ଭୁଲ୍ ପ୍ରସଙ୍ଗ ପାଠ୍ୟପୁସ୍ତକରେ ସ୍ଥାନ ପାଇଛି। ତେବେ ଷଷ୍ଠ ଶ୍ରେଣୀ ପିଲାଙ୍କ ପାଇଁ ଧନ୍ଦାମୂଳକ କୌଶଳ ଶିକ୍ଷା ପୁସ୍ତକରେ 'ଝାଲମୁଢ଼ି' ପ୍ରସ୍ତୁତି ଶିକ୍ଷଣ ଅନେକ ଅଭିଭାବକଙ୍କୁ ବ୍ୟଥିତ କରିଛି। ପିଲାଙ୍କୁ ଝାଲମୁଢ଼ି ପ୍ରସ୍ତୁତି ଶିକ୍ଷା ଦେବା କେଉଁପ୍ରକାର କୌଶଳ ଶିକ୍ଷା ବୋଲି ଅଭିଭାବକ ପ୍ରଶ୍ନ ଉଠାଇଛନ୍ତି। ଏପରିକି ସରକାର ପିଲାମାନଙ୍କୁ ଝାଲ୍‌ମୁଢ଼ି ପ୍ରସ୍ତୁତ କରି ବିକିବା ▶ପୃଷ୍ଠା-୭

### ବହିରେ ତ୍ରୁଟି ପଛରେ ଷଡ଼ଯନ୍ତ୍ର: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୨୬।୬ (ସମିସ): ସ୍କୁଲ ପିଲାଙ୍କ ପଢ଼ା ବହିରେ ଶହଶହ ତ୍ରୁଟିକୁ ନେଇ ସରକାର ଅକଳରେ ପଡ଼ିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଭୂମିକା ସନ୍ଦେହ ଘେରକୁ ଆସିଛି। ସରକାରୀ ପ୍ରେସ ବଦଳରେ ବାହାରେ ବେସରକାରୀ ପ୍ରେସରେ ବହି ଛାପାକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଡୁଆରେ ପଡ଼ିଛି। ଓଡ଼ିଆ ପିଲାଙ୍କ ସ୍କୁଲ ବହିରେ ନିଉଟନଙ୍କୁ ପାଇଲଟ୍ ଭାବରେ ଉଲ୍ଲେଖ ପ୍ରସଙ୍ଗ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି। ଜାତୀୟ ଗଣମାଧ୍ୟମ ଓଡ଼ିଆ ଶିକ୍ଷା ବିଶେଷଜ୍ଞ ଓ ଶିକ୍ଷାବିତ୍‌ଙ୍କ ଜ୍ଞାନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ମାତ୍ର ବିଭାଗୀୟ ମନ୍ତ୍ରୀ ଏହାକୁ ସାଧାରଣ ତ୍ରୁଟି ବୋଲି ଅଭିହିତ କରିଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଅତ୍ୟନ୍ତ ଗୁରୁତ୍ୱର ସହ ▶ପୃଷ୍ଠା-୭

**କିଏ ଷଡ଼ଯନ୍ତ୍ର କରିଛି ତୁରନ୍ତ ତଦନ୍ତ କରାଯାଉ: କଂଗ୍ରେସ**

**ଚାଲି ନ ଜାଣି ବାଟକୁ ଦୋଷ: ବିଜେଡି**

## ରାମ ମନ୍ଦିର ଦାନ ଅର୍ଥ ହେରଫେର ମାମଲା

# ଚମ୍ପତ ରାୟଙ୍କ ସମେତ ଦୁଇ ବରିଷ୍ଠ କର୍ମକର୍ତ୍ତାଙ୍କ ଇସ୍ତଫା



■ ଅଯୋଧ୍ୟା, ୨୬।୬ (ଏଜେନ୍ସି): ଅଯୋଧ୍ୟାର ପ୍ରସିଦ୍ଧ ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ଭକ୍ତମାନଙ୍କ ଦ୍ୱାରା ଅର୍ପଣ କରାଯାଉଥିବା ନଗଦ ଦାନ ଅର୍ଥ ହେରଫେର ଅଭିଯୋଗକୁ ନେଇ ସେଠାକାର ପରିଚାଳନା କମିଟିରେ ଏକ ବଡ଼ ବିପର୍ଯ୍ୟୟ ଦେଖାଦେଇଛି। ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ସ୍ୱାଧୀନ ସଂସ୍ଥାର ମୁଖ୍ୟ ମହାସଚିବ ଚମ୍ପତ ରାୟ ଏବଂ ଅନ୍ୟତମ ବରିଷ୍ଠ ସଦସ୍ୟ ଅନିଲ ମିଶ୍ର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନୈତିକତା ଆଧାରରେ ଉଭୟ ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଦୃଢ଼ ଆଭିମୁଖ୍ୟ ଏବଂ ଏହି ଦୁର୍ନୀତିର ତଦନ୍ତ ପାଇଁ ଗଠିତ ବିଶେଷ ଅନୁସନ୍ଧାନକାରୀ ଦଳର ପ୍ରାଥମିକ ରିପୋର୍ଟ ଆସିବା ପରେ ଏହି ଇସ୍ତଫା ପ୍ରକ୍ରିୟା ଘଟିଛି। ପ୍ରାଥମିକ ଆକଳନ ଅନୁଯାୟୀ, ମନ୍ଦିରର ଦାନ ବାକ୍ସରୁ ପ୍ରାୟ ସାତରୁ ସାଢେ ସାତ କୋଟି ଟଙ୍କା ଗାଏବ ଥିବା ଜଣାପଡ଼ିଛି।ଏହି ମାମଲାରେ ପୋଲିସ ପକ୍ଷରୁ ବିଶ୍ୱାସଘାତକତା, ଚୋରି ଏବଂ ଅପରାଧିକ ମସୁଧା ଭଳି ▶ପୃଷ୍ଠା-୭

### ଚାବି ରଖୁଥିବା ସଦସ୍ୟ ଓ ବ୍ୟାଙ୍କ କର୍ମଚାରୀଙ୍କ ସମେତ ୮ ଗିରଫ

■ ଲକ୍ଷ୍ନୌ, ୨୬।୬ (ଏଜେନ୍ସି): ଅଯୋଧ୍ୟା ଶ୍ରୀରାମ ମନ୍ଦିରର ପ୍ରାୟ ୭ ରୁ ୭.୫ କୋଟି ଟଙ୍କାର ଦାନ ଅର୍ଥ ଆତ୍ମସାତ ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳର ପ୍ରାଥମିକ ରିପୋର୍ଟ ଆଧାରରେ ପୁଲିସ ଗୁରୁବାର ବିଳମ୍ବିତ ରାତିରେ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ମନ୍ଦିରର ଦାନ ବାକ୍ସରୁ ଟଙ୍କା ଗଣତି କାର୍ଯ୍ୟରେ ସିଧାସଳଖ ସାମିଲ ଥିଲେ। ଏହି ମାମଲାରେ ମନ୍ଦିରର ପରିଚାଳନା ସମିତିର ସାଧାରଣ ସମ୍ପାଦକଙ୍କ ପୂର୍ବତନ ▶ପୃଷ୍ଠା-୭

## ସିଆଇଆଇ-ପୂର୍ବାଞ୍ଚଳ କାଉନସିଲ ବୈଠକ

# ଶିଳ୍ପାୟନରେ ସବୁ ରେକର୍ଡ ଭାଙ୍ଗିବ ଓଡ଼ିଶା: ମୁଖ୍ୟମନ୍ତ୍ରୀ



■ ଭୁବନେଶ୍ୱର, ୨୬।୬ (ସମିସ): ସିଆଇଆଇ-ଇଷ୍ଟର୍ଣ୍ଣ ରିଜିଓନାଲ କାଉନସିଲ ବୈଠକ ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ରାଜ୍ୟର ଶିଳ୍ପ ବିକାଶ ଓ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ଏକ ନୂଆ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଛନ୍ତି। ଓଡ଼ିଶା ସହିତ ସମଗ୍ର ପୂର୍ବ ଭାରତର ରାଜ୍ୟ ଗୁଡ଼ିକର ଶିଳ୍ପାୟନ ପ୍ରକ୍ରିୟାକୁ ବ୍ୟାପକ ଭାବେ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ "ଗୋ ଇଷ୍ଟ" ନାମରେ ନୂଆ ଏକ ନୂତନ ପ୍ଲାଟଫର୍ମ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି " ଗୋ ଇଷ୍ଟ'ର ଅର୍ଥ ହେଉଛି "ଓଡ଼ିଶା ସରକାର-ଇଷ୍ଟର୍ନ ଇନଭେଷ୍ଟମେଣ୍ଟ ଆକ୍ସିଲେରେଟର୍ ଏବଂ ସ୍ପେଶାଲ୍ ଟାସ୍କ ଫୋର୍ସ'। ଏହି ନୂତନ ପଦକ୍ଷେପ ମାଧ୍ୟମରେ ସମଗ୍ର ପୂର୍ବାଞ୍ଚଳ ଓ ପୂର୍ବୋତ୍ତର ରାଜ୍ୟର ଶିଳ୍ପ ଗୋଷ୍ଠୀଗୁଡ଼ିକ ତାଙ୍କ ନିଜ ରାଜ୍ୟରେ ତାଙ୍କର ଇଣ୍ଡଷ୍ଟ୍ରିଆଲ୍ ବେସ୍ ଓ ମାର୍କେଟ୍‌କୁ ସୁରକ୍ଷିତ ରଖି ଓଡ଼ିଶାରେ ନିବେଶ କରିବାକୁ ବ୍ୟାପକ ସୁଯୋଗ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।


ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶା ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି। ଏଥିସହିତ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା 'ଇପିକଲ' ମଧ୍ୟରେ ଏକ ସମର୍ପିତ 'ଗୋ ଇଷ୍ଟ ସେଲ୍' ଗଠନ କରାଯିବ। ନିବେଶ ପ୍ରକ୍ରିୟା ଏବଂ ମଞ୍ଜୁରୀର ସ୍ଥିତିକୁ ରିଏଲ୍ ଟାଇମ୍ (ତତ୍କାଳ) ମନିଟରିଂ ଓ ଟ୍ରାକିଂ କରିବା ପାଇଁ ଏକ ସ୍ୱତନ୍ତ୍ର "ଗୋ ସ୍ୱିଫ୍ଟ" ମଡ୍ୟୁଲ୍ ମଧ୍ୟ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ନିବେଶ ପ୍ରକଳ୍ପ ଗୁଡ଼ିକୁ ତ୍ୱରାନ୍ୱିତ କରିବ 'ଗୋ ଇଷ୍ଟ'**

**ସମାବେଶୀ ଶିଳ୍ପାୟନରେ ଦେଶରେ ଅଗ୍ରଣୀ ହେବ ଓଡ଼ିଶା**

ଏହି ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଶିଳ୍ପ ନୀତି ରିଜୋଲ୍ୟୁସନ୍-୨୦୨୨ରେ କିଛି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ଏହାଦ୍ୱାରା ଆର୍ଥିକ ଅନଗ୍ରସର ଓ ପଛୁଆ ଅଞ୍ଚଳ ଭାବେ ପରିଚିତ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଭଳି ୧୫ ଟି ପ୍ରମୁଖ ଜିଲ୍ଲାରେ ଅଣ-ଖଣିଜ ଦ୍ରବ୍ୟ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ଏହି ଜିଲ୍ଲାଗୁଡ଼ିକୁ 'ଥ୍ରଷ୍ଟ ସେକ୍ଟର' ବା ▶ପୃଷ୍ଠା-୭

### ଲାଲ୍‌ଜୀ ଦେଶାଇ ରାଜ୍ୟ କଂଗ୍ରେସ ନୂଆ ପ୍ରଭାରୀ



■ ଭୁବନେଶ୍ୱର, ୨୬।୬ (ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନୂତନ ପ୍ରଭାରୀ ଭାବେ ନିଯୁକ୍ତି ପାଇଛନ୍ତି ଲାଲ୍‌ଜୀ ଦେଶାଇ। ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସ୍ଥାନରେ ଶ୍ରୀ ଦେଶାଇଙ୍କୁ ରାଜ୍ୟ କଂଗ୍ରେସର ପ୍ରଭାରୀ ଭାବରେ ଅବସ୍ଥାପିତ କରାଯାଇଛି। ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ଅନୁମୋଦନ କ୍ରମେ ଶୁକ୍ରବାର ଏଆଇସିସି ସଂଗଠନ ସମ୍ପାଦକ କେସି ବେଣୁଗୋପାଳ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରିଛନ୍ତି। ଶ୍ରୀ ଦେଶାଇ ଏହା ପୂର୍ବରୁ କଂଗ୍ରେସ ସେବା ଦଳର ଜାତୀୟ ସଭାପତି (ମୁଖ୍ୟ ସଂଗଠକ) ରହିଥିଲେ। ୨୦୨୪ ସାଧାରଣ ▶ପୃଷ୍ଠା-୭

### ମହେଶ ଦୀକ୍ଷିତ ଆଇବି ମୁଖ୍ୟ



■ ନୂଆଦିଲ୍ଲୀ, ୨୬।୬ (ଏଜେନ୍ସି): ଦେଶର ପ୍ରମୁଖ ଆଭ୍ୟନ୍ତରୀଣ ଗୁପ୍ତଚର ସଂସ୍ଥା 'ଇଣ୍ଟେଲିଜେନ୍ସ ବ୍ୟୁରୋ' (ଆଇବି)ର ନୂତନ ନିର୍ଦ୍ଦେଶକ ଭାବେ ବରିଷ୍ଠ ଆଇପିଏସ ଅଧିକାରୀ ମହେଶ ଦୀକ୍ଷିତଙ୍କୁ ନିଯୁକ୍ତ କରାଯାଇଛି। କେନ୍ଦ୍ର କ୍ୟାବିନେଟର ନିଯୁକ୍ତି କମିଟି ଦ୍ୱାରା ତାଙ୍କ ନାମକୁ ମଞ୍ଜୁରୀ ମିଳିଛି। ସେ ପୂର୍ବତନ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀର ଦାୟିତ୍ୱ ଗ୍ରହଣ କରିବେ। ଆନ୍ଧ୍ରପ୍ରଦେଶ କ୍ୟାଡରର ୧୯୯୩ ବ୍ୟାଚର ଆଇପିଏସ ଅଧିକାରୀ ମହେଶ ଦୀକ୍ଷିତଙ୍କର ଗୁପ୍ତଚର କାର୍ଯ୍ୟକଳାପ, ଆତଙ୍କବାଦ ବିରୋଧୀ ଅଭିଯାନ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା କ୍ଷେତ୍ରରେ ଦୀର୍ଘ ଦଶନ୍ଧିର ବ୍ୟାପକ ଅଭିଜ୍ଞତା ରହିଛି। ବିଶେଷ କରି ଶ୍ରୀନଗର ସ୍ଥିତ ଆଇବିର ସହଯୋଗୀ ▶ପୃଷ୍ଠା-୭

# ଗରଡାପାଣି ଘାଟି ତଳକୁ ବାଇକ୍ ଖସି ୩ ମୃତ

■ ବାରିପଦା/ଗୋରୁମହିଷାଣୀ, ୨୬।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଗରଡ଼ାପାଣି ଘାଟିରେ ଭାରସାମ୍ୟ ହରାଇ ୧୫୦ ଫୁଟ ଘାଟି ତଳକୁ ଏକ ବାଇକ୍ ଖସି ପଡ଼ିବାରୁ ଘଟଣାସ୍ଥଳରେ ତିନି ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଗୋରୁମହିଷାଣୀ ଥାନା ଅଞ୍ଚଳର ସୁଦର୍ଶନପୁର ପଞ୍ଚାୟତର ସାନଝାରି ଗ୍ରାମର ମନୋଜ ମୁଣ୍ଡାରୀ (୪୨), ସାଧୁ ଓରଫ ବୀରସିଂ ମୁଣ୍ଡା (୨୮) ଓ ଦୁଧିଚୁଆଁ ଗ୍ରାମର ୱାର୍ଡ ମେମ୍ବର ମନୋଜ ମୁଣ୍ଡା (୨୬)।

**ଭୋଜିରୁ ଫେରିବା ସମୟରେ ଅଘଟଣ**



ଗୁରୁବାର ରାତିରେ ଏକ ବାହାଘର ଭୋଜି ସାରି ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ଘାଟି ତଳକୁ ବାଇକ୍ ସହିତ ଖସିପଡ଼ିଥିଲେ। ତେବେ ଘଟଣା ସମ୍ପର୍କରେ ରାତିରେ କେହି ଜାଣିପାରି ନ ଥିବାବେଳେ ସେଠାରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ସ୍ଥାନୀୟ ଲୋକ ଖାଲରେ ବାଇକ୍ ସହ ତିନିଜଣ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଗୋରୁମହିଷାଣୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ୩ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର୍ ହସ୍ପିଟାଲକୁ ପଠାଇବା ସହ ଘଟଣାର ତଦନ୍ତ କରୁଛି। ସେପଟେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।






# ଗଞ୍ଜେଇ କାରବାରରେ ସରକାରୀ ଶିକ୍ଷକ



**ଏସ୍‌ଟିଏଫ୍‌ର ଅପରେସନ 'ଗ୍ରୀନ୍ କ୍ଲିନ୍'**

**ମିଳିଲା ଛିଣ୍ଡା ୧୦ ଟଙ୍କିଆ ନୋଟ୍**

**କିଙ୍ଗପିନ୍ ଦୁର୍ବାସା ସହ ୩ ଗିରଫ**

**୪ ରାଜ୍ୟରେ କରୁଥିଲେ ଚାଲାଣ**

**୭ ଦିନିଆ ରିମାଣ୍ଡ ଆବେଦନ**

■ ଭୁବନେଶ୍ୱର ୨୬।୬ (ସମିସ): ମାସେ ଧରି ଚାଲିଥିବା ଗୁପ୍ତ ଅପରେସନ୍ ପରେ ଆନ୍ତଃରାଜ୍ୟ ଗଞ୍ଜେଇ ସିଣ୍ଡିକେଟର ପର୍ଦ୍ଦାଫାସ୍ କରିଛି ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍)। ଗଞ୍ଜେଇ ଚାଲାଣର କିଙ୍ଗପିନ୍ ସମେତ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସରକାରୀ ଶିକ୍ଷକ ତଥା ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଟିକିରପଡ଼ାର ଦୁର୍ବାସା ସାହୁ, ସୁବୁଦ୍ଧି ସାହୁ, ଅରୁଣ କୁମାର ରଣା ଓ ପ୍ରକାଶ ଖଟୁଆ।

ଏସ୍‌ଟିଏଫ୍ ସୂଚନା ଅନୁସାରେ, ଗତ ବୁଧବାର ଏସ୍‌ଟିଏଫ୍ ଟିମ୍ ଆଠଗଡ଼ ବେଣ୍ଟପଡ଼ା କାଜୁ ଜଙ୍ଗଲରେ ଚଢ଼ଉ କରି ୧୯୦ କିଲୋ ଗଞ୍ଜେଇ ଜବତ କରିବା ସହ ଫିରିଙ୍ଗିଆର ନୀଳାମ୍ବର କହଁରକୁ ଗିରଫ କରିଥିଲା। ତା' ଠାରୁ ଛିଣ୍ଡା ୧୦ ଟଙ୍କିଆ ନୋଟ୍ ମିଳିବା ପରେ ସିନେମା ଶୈଳୀରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା। ସିଣ୍ଡିକେଟର ମାଷ୍ଟରମାଇଣ୍ଡ ଗୋଟିଏ ୧୦ ଟଙ୍କିଆ ନୋଟକୁ ଦୁଇ ଭାଗ କରି ଖଣ୍ଡେ ଡ୍ରାଇଭରକୁ ଓ ଆଉ ଖଣ୍ଡେ ରିସିଭରକୁ ଦେଉଥିଲା। ଗଞ୍ଜେଇ ବୋଝେଇ ଗାଡ଼ି ଠିକଣା ପହଞ୍ଚିବା ପରେ ୧୦ ଟଙ୍କିଆ ନୋଟ୍ ମ୍ୟାଚ୍ କରି ଡେଲିଭେରୀ ଦେଉଥିଲା ବୋଲି ପ୍ରାଥମିକ ତଦନ୍ତରୁ ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ନୀଳାମ୍ବର ଠାରୁ ଛିଣ୍ଡା ୧୦ ଟଙ୍କିଆ ନୋଟ୍ ଜବତ ହେବାପରେ ସିଣ୍ଡିକେଟର ମୁଖିଆ ଓ ରିସିଭରକୁ ଧରିବା ଲାଗି ଏସ୍‌ଟିଏଫ୍ ଜାଲ ବିଛାଇଥିଲା।

ଶୁକ୍ରବାର ସକାଳେ ସିଣ୍ଡିକେଟର କିଙ୍ଗପିନ୍ ଦୁର୍ବାସା, ସୁବୁଦ୍ଧି, ଅରୁଣ ଓ ପ୍ରକାଶ ମିଶି ଗଞ୍ଜେଇ ଡିଲ୍ ପାଇଁ ପଶ୍ଚିମବଙ୍ଗ ଯାଉଥିବା ଖବର ମିଳିଥିଲା। ଏସ୍‌ଟିଏଫର ଗୋଟିଏ ଟିମ୍ ବୌଦ୍ଧ ▶ପୃଷ୍ଠା-୭

● ଏମିତି ବି ମୃତ୍ୟୁ ଆସେ

## ଭୋଜି ଖାଉ ଖାଉ ଟଳିପଡ଼ିଲେ ଯୁବକ

ନୀଳଗିରି, ୨୬।୬ (ସମିସ): ମୃତ୍ୟୁ ଏମିତି ବି ଆସେ। ଭୋଜି ଖାଉ ଖାଉ ହୃଦ୍‌ଘାତରେ ଟଳିପଡ଼ିଲେ ଯୁବକ। ନୀଳଗିରି ଏନ୍‌.ଏ.ସି ୱାର୍ଡ ନଂ ୬ ର ମଙ୍ଗଳାସାହିର ବାସିନ୍ଦା ହରିଶ୍ଚନ୍ଦ୍ର ବର୍ଦ୍ଧନ (୪୬) ଆଜି ପୂର୍ବାହ୍ନରେ ଘର କାର୍ଯ୍ୟ ସାରି ମଧ୍ୟାହ୍ନ ସମୟରେ ଡାକ୍ତର ଘର ନିକଟସ୍ଥ ଡାକ୍ତର ଜଣେ ବନ୍ଧୁଙ୍କ ପୁଅର ଜନ୍ମଦିନ ଉପଲକ୍ଷେ ଏକ ଭୋଜିର ବ୍ୟବସ୍ଥା ହୋଇଥିବା ବେଳେ ହରିଶ୍ଚନ୍ଦ୍ର ସେଠାରେ ପହଞ୍ଚି ସେଠାକୁ ଆସିଥିବା ଅନ୍ୟ ଅତିଥିମାନଙ୍କ ସହ ଭୋଜି ଖାଉଥିବାବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ହରିଶ୍ଚନ୍ଦ୍ରଙ୍କୁ ସଙ୍ଗେ ସଙ୍ଗେ ନୀଳଗିରି ମେଡିକାଲକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ଏକ ଖବରକୁ ନେଇ ନୀଳଗିରିରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ପରୋପକାରୀ, ଅମାୟିକ, ସରଳ, ନିଷ୍ପାପ, ଭାବେ ପରିଚିତ ଥିଲେ। ପରେ ନୀଳଗିରି ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଯାଇଥିଲା। ତାଙ୍କର ତିନୋଟି କନ୍ୟା ସନ୍ତାନ ଅଛନ୍ତି, ଏହି ଖବର ପାଇ ପାଖ ପଡୋଶୀ ଉଦୟ ଜ୍ୟୋତି ମହାନ୍ତି, ଚନ୍ଦ୍ରଶେଖର ନନ୍ଦ ପ୍ରମୁଖ ମଙ୍ଗଳାସାହି ସ୍ଥିତ ବାସଭବନରେ ଶେଷ ଦର୍ଶନ କରିଥିଲେ। ପରେ ଗ୍ରାମରେ ଶୋକାକୁଳ ପରିବେଶ ରେ ପରିବାର ବର୍ଗ, ବନ୍ଧୁବାନ୍ଧବ ଶେଷକୃତ୍ୟ ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା।

## ପିକ୍‌ଅପ୍ ସହ ଦେଶୀ ମଦ ଜବତ, ଜଣେ ଗିରଫ

ସୋର,୨୬।୬ (ସମିସ): ସୋର ଅବକାରୀ ବିଭାଗ ପକ୍ଷରୁ ବର୍ଣ୍ଣ୍ଣଗଡିଆ ଗ୍ରାମରେ ଚଢ଼ଉ କରାଯାଇ ପିକଅପ ସହ ବିପୁଳ ପରିମାଣର ଦେଶୀମଦ ଜବତ କରାଯିବା ସହିତ ଜଣଙ୍କୁ ଗିରଫ କରାଯାଇଛି। ଆଜି ସକାଳେ ଏକ ପିକଅପ ଭ୍ୟାନରେ ନୀଳଗିରିରୁ ସୋର ଅଭିମୁଖେ ଦେଶୀମଦ ଚୋରା ଚାଲାଣ ହେଉଥିବା କୌଣସି ସୂତ୍ରରୁ ଜାଣି ପାରି ସୋର ଆଦର୍ଶ ଅବକାରୀ ଥାନାଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଏକ ଟିମ ସହ ଚଢ଼ଉ କରିଥିଲେ। ଏହି ସମୟରେ ପିକଅପରେ ୧୫୩୫ ଲିଟରରୁ ଅଧିକ ମଦ ଚାଲାଣ ହେଉଥିବା ଜାଣିପାରି ପିକଅପ ସହ ଦେଶୀମଦ ଜବତ କରିବା ସହିତ ଏହାର ଚାଳକ ପୂର୍ଣ୍ଣଚନ୍ଦ୍ର ସିଂହ୍କୁ ଗିରଫ କରିଥିଲେ। ଆସନ୍ତାକାଲି ପୂର୍ଣ୍ଣଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଏହି ଚଢ଼ଉରେ ଏଏସଆଇ ବସନ୍ତ ବାରିକ,କ୍ଷିରୋଦ ସାହୁ, କନେଷ୍ଟବଳ ମିନତୀ ପରିଡା ସାମିଲ ଥିଲେ।

## 'ଶିକ୍ଷା ବଞ୍ଚାଅ, ଦେଶ ବଞ୍ଚାଅ'




ବାଲେଶ୍ୱର,୨୬।୬ (ସମିସ): ଶିକ୍ଷା ବ୍ୟବସ୍ଥାରେ ବିପର୍ଯ୍ୟୟ ଦେଶକୁ ବିପଦ ଆଡ଼କୁ ଠେଲି ଦେଉଛି ବୋଲି ଅଭିଯୋଗ କରିଛି କଂଗ୍ରେସ। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନରେ ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ "ଶିକ୍ଷା ବଞ୍ଚାଅ, ଦେଶ ବଞ୍ଚାଅ" ଶୀର୍ଷକରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ବିଧାନସଭା କଂଗ୍ରେସ ଉପନେତା ତଥା ବାସୁଦେବପୁର ବିଧାୟକ ଅଶୋକ ଦାସ ଓ ପିସି ସାଧାରଣ ସଂପାଦିକା ମଧୁମିତା ସେଠି ପଣ୍ଡା ଯୋଗଦେଇ ଶିକ୍ଷା କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତାକୁ ନେଇ ସରିଥିଲେ। ନେତାଦ୍ୱୟ କହିଥିଲେ, ନିଟ୍ ପ୍ରଶ୍ନପତ୍ର ବିଭ୍ରାଟ ପାଇଁ ସରକାରୀ ଭାବେ ୧୮ ଜଣ ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ବାସ୍ତବରେ ଏହି ସଂଖ୍ୟା ୩୨ ଟପିଗଲାଣି। ୨୨ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ପାଇଁ ୧.୩୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ଯାହା ଶିକ୍ଷା ମନ୍ତ୍ରଣାଳୟର ବାର୍ଷିକ ବଜେଟ୍ ସହ ସମାନ। ବାରମ୍ବାର ବିଭ୍ରାଟ ଦେଶ ପାଇଁ ମହାବିପଦ ବୋଲି ସେମାନେ କହିଥିଲେ। ଦେଶକୁ ବଞ୍ଚାଇବାକୁ ହେଲେ ଶିକ୍ଷାକୁ ବଞ୍ଚାଇବାକୁ ହେବ। ଏଥିପାଇଁ ବିଜେପିକୁ ସରକାରରୁ ହଟାଇବାକୁ ପଡିବ ବୋଲି ଅଶୋକ ଦାସ ଓ ମଧୁମିତା ପଣ୍ଡା ଆହ୍ୱାନ ଦେଇଥିଲେ। ଶେଷରେ ଜିଲ୍ଲା ସାଧାରଣ ସଂପାଦକ ନିଶିଥ ବାରିକ ଧନ୍ୟବାଦ ଦେଇଥିଲେ। ଏଥିରେ ପ୍ରତିମା ପଣ୍ଡା, ବିଧାନ ଜେନା, ଆଶିଷ ପଟ୍ଟନାୟକ, ତୁଷାରକାନ୍ତି ତପସ୍ୱୀ, ବିଜୟ ମହାନ୍ତି, ଯୋଗେଶ୍ୱର ବେହେରା, ଦେବଦତ୍ତ ଦାସ, ତରୁଣ ଦାସ, କୁମୁଦିନୀ ଦାସ, ପଶୁପତି ଉପାଧ୍ୟାୟ, କହ୍ନେଇ ବେହେରା, ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କୁବା ଡାଇଭିଂ ଉପରେ କର୍ମଶାଳା

ବାଲେଶ୍ୱର,୨୬।୬(ସମିସ): ଜଳଚର ପ୍ରାଣୀତତ୍ତ୍ୱ ଏବଂ ସଂଙ୍ଗଠାଳିତ ଶ୍ୱାସଯନ୍ତ୍ର ସହାୟତାରେ ସ୍କୁବା ଡାଇଭିଂ ପ୍ରଣାଳୀ ସମ୍ପର୍କରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କର୍ମଶାଳାରେ ଶ୍ରୀଲଙ୍କାର ପ୍ରଶିକ୍ଷକ ରସିକା ମୁଥୁକୁମାରନ ଏବଂ କଳିଙ୍ଗ ଡାଇଭର୍ସ ଫାଉଣ୍ଡେସନର ସକ୍ରିୟ ବନ୍ଧୁ ଜଳକ୍ରୀଡ଼ା ନିମଜ୍ଜନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ଶ୍ରୀଲଙ୍କାର ଅଲଙ୍କା ଓିସେଭ୍ରିୟା ପ୍ରାୟୋଗିକ ଓ ଜଳଚର ପ୍ରାଣୀତତ୍ତ୍ୱ ନଥରକଣ ସମ୍ପର୍କରେ ବ୍ୟାଖ୍ୟାନ ଓ ପ୍ରଶିକ୍ଷଣ ଦେଇଥିଲେ। ଆୟୋଜକମାନେ ନଦୀ, ସମୁଦ୍ର, ପ୍ରାଚୀନ ବନ୍ଦର ଏବଂ ଜଳମଗ୍ନ ସାଂସ୍କୃତିକ ପରିବେଶ ମାଧ୍ୟମରେ ମାନବ ସଭ୍ୟତାର ଅତୀତକୁ ବୁଝିବାରେ ସାମୁଦ୍ରିକ ପ୍ରତ୍ନତତ୍ତ୍ୱର ବର୍ଦ୍ଧିତ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ଜଳଚର ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣର ବିଭିନ୍ନ ପଦ୍ଧତି ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ପରିଚିତ କରାଯାଇଥିଲା। ଏଥିସହ ଅଂଶଗ୍ରହଣକାରୀମାନଙ୍କୁ ଅବସ୍ଥିତି ନିର୍ଣ୍ଣୟ ପ୍ରଣାଳୀର ବ୍ୟବହାର, ଜଳତଳ ଆଲୋକଚିତ୍ର ଗ୍ରହଣ, ପରିମାପଭିତ୍ତିକ ଚିତ୍ରାଙ୍କନ, ରେଖାଚିତ୍ର ପ୍ରସ୍ତୁତି ଏବଂ ସୁବ୍ୟବସ୍ଥିତ ନଥିକରଣ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କର୍ମଶାଳାରେ ଅଂଶଗ୍ରହଣକାରୀମାନେ ଜଳତଳ ପ୍ରତ୍ନତତ୍ତ୍ୱର ବୈଜ୍ଞାନିକ ପ୍ରକ୍ରିୟା, ସ୍କୁବା ଡାଇଭିଂ ପ୍ରଶିକ୍ଷଣର ମୌଳିକ କୌଶଳ ଏବଂ ଜଳମଗ୍ନ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ସମ୍ପର୍କରେ ଜ୍ଞାନ ଲାଭ କରିଥିଲେ।

# ପ୍ରଚାରରେ ସୀମିତ ଆନ୍ତଃଜାତି ବିବାହ ପ୍ରୋତ୍ସାହନ ଯୋଜନା

ବାଲେଶ୍ୱର, ୨୬।୬ (ଭୂଡିକ ରଞ୍ଜନ ମହାପାତ୍ର)



ସରକାର ଜାତିଭେଦ ଓ ସାମାଜିକ କୁସଂସ୍କାର ଦୂର କରିବା ପାଇଁ ଆନ୍ତଃଜାତି ବିବାହକୁ ପ୍ରୋତ୍ସାହନ ଦେଉଛନ୍ତି। ଏଥିପାଇଁ ଅନୁସୂଚିତ ଜାତି ଓ ଅଣ-ଏସ୍‌ସି ବର୍ଗ ମଧ୍ୟରେ ବିବାହ କରୁଥିବା ଦମ୍ପତିଙ୍କୁ ସରକାରୀ ସ୍ତରରେ ୨.୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ଉଦ୍ଦେଶ୍ୟ ହେଉଛି ସମାଜରେ ସାମାଜିକ ସମାନତା ବୃଦ୍ଧି କରିବା ଏବଂ ଜାତିଗତ ଭେଦଭାବକୁ ଦୂର କରିବା। କିନ୍ତୁ ବାଲେଶ୍ୱର ଜିଲ୍ଲାର ଏହି ଯୋଜନାର କେବଳ କାଗଜ କଲମରେ ହେଉଥିବା ବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଏହି ଯୋଜନାରେ ଆବେଦନ କଲେ ସହାୟତା ପାଇଁ ବର୍ଷ ବର୍ଷ ଦୌଡ଼ି ଦୌଡ଼ି ନୟନ୍ତ ହେଉଥିଲେ ବି ବିଭାଗୀୟ ଅଧିକାରୀଙ୍କ ଆସାଧୁ କାର୍ଯ୍ୟ ସାମ୍ନାକୁ ଆଣିଛି। ଯାହାର ଜ୍ୱଳନ୍ତ ନିଦର୍ଶନ ବାହାନଗା ବ୍ଲକରୁ ଆସିଛି। ବାହାନଗା ବ୍ଲକର ଏକାଧିକ ଦମ୍ପତି ଏହି ଆନ୍ତଃଜାତି ବିବାହ ସହାୟତା ଯୋଜନାରେ ଆବେଦନ କରିଥିଲେ ଥିବାରୁ ସେଠାକାର ସମାଜ ମଙ୍ଗଳ ଅଧିକାରୀ ତୁରନ୍ତ ଭେରିଫିକେସନ ସମ୍ପୂର୍ଣ୍ଣ କରି ରିପୋର୍ଟ ଦାଖଲ କରିଥିଲେ। ମାତ୍ର ବାହାନଗା ବ୍ଲକରେ ତୃଡ଼ାନ୍ତ ଫିଲ୍ଡ ଇନକ୍ୱାରୀ ପ୍ରକ୍ରିୟା ଆଜି ପର୍ଯ୍ୟନ୍ତ ସମ୍ପନ୍ନ ହୋଇନଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତର କଥା ହେଉଛି, ବାହାନଗା ବ୍ଲକର

### ବାହାନଗା ସମାଜ ମଙ୍ଗଳ ଅଧିକାରୀଙ୍କ ଅବହେଳା ନେଇ ତୀବ୍ର ଅସନ୍ତୋଷ

ସୁଷ୍ମା ବାହାନଗା ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଫିଲ୍ଡ ଭେରୀଫିକେସନ ଆଳରେ ବର୍ଷ ବର୍ଷ ଧରି ପକାଇ ରଖି କେତେବେଳେ ବାହାନାଗା ତ କେତେବେଳେ ଓିପଦା ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଡାକି ହଇରାଣ କରୁଥିବାର ସଙ୍ଗୀନ ଅଭିଯୋଗ ହୋଇଛି। ସମାଜ ମଙ୍ଗଳ ଅଧିକାରୀ ନିରଞ୍ଜନ ବେହେରା ଆବେଦନ ଦାଖଲ ହେବାର ୮୩୭ ଦିନ ପରେ ମଧ୍ୟ ଫିଲ୍ଡ ଇନକ୍ୱାରୀ କରିନାହାନ୍ତି ଏବଂ ଫାଇଲକୁ ନିଜ ପାଖରେ ପେଣ୍ଡି ରଖିଥିବା ଅନଲାଇନରୁ ସ୍ପଷ୍ଟ ହୋଇଛି। ଫଳରେ ଜଣେ ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାର ଲାଭରୁ ବଞ୍ଚିତ ହୋଇ ଦୀର୍ଘ ଦୁଇ ବର୍ଷ ଧରି ବ୍ଲକ କାର୍ଯ୍ୟାଳୟକୁ ଉଭୟ ଦମ୍ପତି ଦୌଡ଼ି ଦୌଡ଼ି ନୟନ୍ତ ହୋଇଥିବା ବେଳେ ଅଧିକାରୀ ଜଣକ ଆଜି କାଲି କହି ଭୁଆଁ ବୁଲାଉ ଥିବାର ଅଭିଯୋଗ ଆଣିଛନ୍ତି ଉଭୟ ଦମ୍ପତି। ପ୍ରଶ୍ନ ଉଠୁଛି, ଯେଉଁ ଯୋଜନା ସାମାଜିକ ସଂସ୍କାର ଓ ଜାତିଭେଦ ଦୂରୀକରଣ ପାଇଁ ଆରମ୍ଭ ହୋଇଛି, ସେହି ଯୋଜନାର ଫାଇଲ ଯଦି ବର୍ଷ ବର୍ଷ ଧରି ଅଧିକାରୀଙ୍କ ଟେବୁଲ ତଳେ ପଡ଼ି ରହିବ, ତେବେ ସରକାରଙ୍କ ଘୋଷଣା ଓ ବାସ୍ତବତା ମଧ୍ୟରେ ଥିବା ବ୍ୟବଧାନ ସ୍ପଷ୍ଟ ହୋଇଯାଉଛି। ଜଣେ ହିତାଧିକାରୀଙ୍କୁ ୨.୫ ଲକ୍ଷ ଟଙ୍କାର ନ୍ୟାୟସଙ୍ଗତ ସହାୟତା ଦେବା ପରିବର୍ତ୍ତେ ତାଙ୍କୁ ବର୍ଷ ବର୍ଷ ଧରି କାର୍ଯ୍ୟାଳୟରୁ କାର୍ଯ୍ୟାଳୟ

ଯାହାର ଜ୍ୱଳନ୍ତ ଉଦାହରଣ ଭାବେ ବାହାନଗା ବ୍ଲକ ଅନ୍ତର୍ଗତ ଅଠିକାବାଡ ଗ୍ରାମର ପରେଶ ନାୟକ ଓ ଦମୟନ୍ତୀ ପାତ୍ରଙ୍କୁ ନିଆଯାଇପାରେ। ଉଭୟ ଆନ୍ତଃଜାତି ବିବାହ କରି ସରକାରୀ ଯୋଜନା ଅନୁଯାୟୀ ୧୧ ମାର୍ଚ୍ଚ ୨୦୨୪ ରେ ସାହାଯ୍ୟ ପାଇଁ ଆବେଦନ କରିଥିଲେ। ଆବଶ୍ୟକ ଦସ୍ତାବିଜ, ବିବାହ ପଞ୍ଜୀକରଣ ପ୍ରମାଣପତ୍ର ଏବଂ ଫି ଜମା ଦେଇ ସମସ୍ତ ପ୍ରକ୍ରିୟା ପୂରଣ କରିଥିଲେ। କିନ୍ତୁ ଆଜିକୁ ୮୩୭ ଦିନ ଅର୍ଥାତ ୨ ବର୍ଷ ୩ ମାସ ୧୫ ଦିନ ବିତିଯାଇଥିଲେ ସୁଦ୍ଧା ସେମାନଙ୍କୁ ଗୋଟିଏ ଟଙ୍କାର ସହାୟତା ମଧ୍ୟ ମିଳିନାହିଁ। କେବଳ ସେତିକି ନୁହେଁ ଦମୟନ୍ତୀଙ୍କ ପୈତୃକ ଘର ନୀଳଗିରି ବ୍ଲକ ଅଧୀନରେ ବୁଲାଇବା କି ପ୍ରଶାସନର ଦାୟିତ୍ୱବୋଧକୁ ପ୍ରତିଫଳିତ କରୁଛି ? ସରକାରୀ ଯୋଜନାର ଲାଭ ପହଞ୍ଚାଇବା ପାଇଁ ନିଯୁକ୍ତ କିଛି ଅଧିକାରୀ ହିଁ ଯଦି ଏହାର ପ୍ରମୁଖ ବାଧକ ସାଜନ୍ତି, ତେବେ ସାଧାରଣ ଲୋକ କାହା ପାଖରେ ନ୍ୟାୟ ମାଗିବେ ବୋଲି ସ୍ଥାନୀୟ ମହଲରେ ଚର୍ଚ୍ଚା ହେଉଛି। ଜଣେ ହିତାଧିକାରୀଙ୍କ ଫାଇଲ ୮୩୭ ଦିନ ଧରି ପେଣ୍ଡି ରହିବା କେବଳ ଅବହେଳା ନୁହେଁ, ବରଂ ସରକାରୀ ଯୋଜନା ପ୍ରତି ଏକ ପ୍ରକାର ଅସମ୍ମାନ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। କେବଳ ଏହା ଗୋଟିଏ ଉଦାହରଣ ମାତ୍ର, ଏହି ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଜଣକ ବାହାନଗା ଏବଂ ଓିପଦା ବ୍ଲକ ଦାୟିତ୍ୱରେ ଥିବା ବେଳେ ଉଭୟ ବ୍ଲକରେ ବର୍ଷ ଗସ୍ତକୁ ଯାଇ ଫିଲ୍ଡ ଭେରୀଫିକେସନ କରିବା ଦୂରେ ଥାଉ, ନିଜ ପାଖରେ ପେଣ୍ଡିଙ୍ଗ ରଖିଥିବାର ଅଭିଯୋଗ ରହିଛି। ଅଧିକାରୀ ନିରଞ୍ଜନ ବେହେରା ଆବେଦନକାରୀଙ୍କ ଆବେଦନ ପତ୍ରକୁ ବର୍ଷ ବର୍ଷ ଧରି ଫିଲ୍ଡ ଭେରୀଫିକେସନ ନକରି ପେଣ୍ଡିଙ୍ଗ ରଖି ଲୋକଙ୍କୁ ହଇରାଣ କରୁଥିବା ବେଳେ ଜିଲ୍ଲା ସ୍ତରର ଅଧିକାରୀ ଏଥିପ୍ରତି ଲଗାମ ନ ରହିବା ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଜିଲ୍ଲାସ୍ତରର ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲାରେ କେଉଁ ବ୍ଲକରେ କେତେ ସଂଖ୍ୟକ ଆବେଦନପତ୍ର ପେଣ୍ଡିଙ୍ଗ ଜିଲ୍ଲାପାଳ ଏ ଦିଗରେ ରିଭ୍ୟୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ସେପଟେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ବିଳମ୍ବ ପାଇଁ କିଏ ଦାୟୀ ତାହା ଚିହ୍ନଟ କରିବା, ପେଣ୍ଡିଂ ଫାଇଲର ତୁରନ୍ତ ନିଷ୍ପତ୍ତି ନେବା ଏବଂ ଦାୟୀ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜୋର ଧରିଛି। ନଚେତ୍ ଆନ୍ତଃଜାତି ବିବାହ ପ୍ରୋତ୍ସାହନ ଯୋଜନା କେବଳ ସରକାରୀ ବିଜ୍ଞାପନ ଓ ପ୍ରଚାରରେ ସୀମିତ ରହିଯିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

### ମତାମତ

▶ ମାର୍ଚ୍ଚ ୨୦୨୪ ମସିହାରୁ ଆବେଦନ କରିଥିଲି, ନୀଳଗିରି ବ୍ଲକର ଅଧିକାରୀ ଭେରୀଫିକେସନ ଦୀର୍ଘ ଦିନ ତଳେ ଶେଷ କରିଥିଲେ ସୁଦ୍ଧା ବାହାନଗାର ଅଧିକାରୀ ଦୀର୍ଘ ୨ ବର୍ଷ ଧରି ଆମ ଆବେଦନପତ୍ରକୁ ଭେରିଫିକେସନ ନକରି ଆମକୁ ହଇରାଣ କରୁଛନ୍ତି। ଯଦି ଆମର କିଛି ଭୁଲ ଅଛି ଆମକୁ ଅନଲାଇନ ରିମାର୍କରେ ଲେଖି ଫେରାଇ ପାରନ୍ତେ, ହେଲେ ସେ ଲାଞ୍ଚ ପାଇଁ ଆମକୁ ୨ ବର୍ଷ ଧରି ହଇରାଣ କରୁଛନ୍ତି। ରାଜ୍ୟ ସରକାରଙ୍କ ଏହି ଯୋଜନାର ଲାଭ ଆମେ ପାଇପାରୁନାହୁଁ, ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**ପରେଶ ନାୟକ, ଆବେଦନକାରୀ**

▶ ମୁଁ କାହାକୁ ହଇରାଣ କରିନାହିଁ, ମୋ ନିକଟରେ ଏତେ ଦିନର କିଛି ଯେମିତି ପେଣ୍ଡିଙ୍ଗ ନାହିଁ, ଯଦି ସେମିତି ହୋଇଥିବ ଦେଖିକି କହିବି।

**ନିରଞ୍ଜନ ବେହେରା, ବ୍ଲକ ସମାଜ ମଙ୍ଗଳ ଅଧିକାରୀ, ବାହାନଗା**

▶ ୨ ବର୍ଷରୁ ଉର୍ଦ୍ଧ ସମୟ ଧରି ଆବେଦନକାରୀଙ୍କ ଆବେଦନପତ୍ର ଫିଲ୍ଡ ଭେରିଫିକେସନ ପାଇଁ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ନିଜ ପାଖରେ ପେଣ୍ଡିଙ୍ଗ ରଖିବା ଠିକ ନୁହେଁ, ମୁଁ ବ୍ଲକର ଅଧିକାରୀଙ୍କୁ କହିଛି, ଏ ଦିଗରେ ବିଧିବଦ୍ଧ ଦୃଷ୍ଟି ଦେବା ସହ ହିତାଧିକାରୀ କିଭଳି ତୁରନ୍ତ ସେମାନଙ୍କର ସାହାଯ୍ୟ ପାଇପାରିବେ ସେ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଦେବାଶିଷ ସାହୁ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ**

▶ ଏତେ ଦିନ ଧରି ସରକାରୀ ଯୋଜନାରେ ଆବେଦନକାରୀଙ୍କୁ ସହାୟତା ପ୍ରଦାନ ନ କରି ହଇରାଣ କରାଯାଉଥିବାର ମୋ ନଜରକୁ ଆସିନାହିଁ, ଯଦି ସେମିତି ହୋଇଥାଏ ତେବେ, ଡ଼ିଡ଼ବ୍ଲ୍ୟୁଙ୍କ ସହ ଆଲୋଚନା କରି ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲାପାଳ**

### ଯୁବ ବ୍ୟବସାୟୀଙ୍କୁ ଗୁଳି କରି ହତ୍ୟା ଘଟଣା

## ଦୁର୍ବୃତ୍ତଙ୍କୁ ଧରିବାକୁ ପୂର୍ବାଞ୍ଚଳ ଡିଆଇଜିଙ୍କ ନେତୃତ୍ୱରେ ଗୁପ୍ତ ରଣନୀତି

ବାଲେଶ୍ୱର,୨୬।୬ (ସମିସ): ବାଲେଶ୍ୱର ସହରରେ ଦିନ ଦ୍ୱିପହରରେ ଦୁର୍ବୃତ୍ତଙ୍କ ଗୁଳିକାଣ୍ଡ ଘଟଣା ଏବେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବୟାନ କରୁଛି। ଯାହାକି ପୁଲିସ ପ୍ରଶାସନ ପାଇଁ ଏକ ଖୋଲା ଚ୍ୟାଲେଞ୍ଜ ସୃଷ୍ଟି କରିଛି। ବାଲେଶ୍ୱର ସହରର ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଗତକାଲି ଘଟିଥିବା ଗୁଳିକାଣ୍ଡ ଓ ଯୁବ ବ୍ୟବସାୟୀଙ୍କ ହତ୍ୟା ଘଟଣାକୁ ନେଇ ପୁଲିସ ପ୍ରଶାସନ ତତ୍ପର ହୋଇଉଠିଛି। ଏହି ସମ୍ବେଦନଶୀଳ ମାମଲାର ସମାଧା ପାଇଁ ବାଲେଶ୍ୱର ସହଦେବଖୁଣ୍ଟା ଥାନାରେ ପୂର୍ବାଞ୍ଚଳ ଡିଆଇଜି ଏବଂ ବାଲେଶ୍ୱର ଏସପିଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ଏକ ଗୁପ୍ତ ରଣନୀତି ପ୍ରସ୍ତୁତ କରାଯାଇଛି। ଏହି ଘଟଣା ସମ୍ପର୍କରେ ସୂଚନା ଦେଇ ବରିଷ୍ଠ ପୁଲିସ ଅଧିକାରୀ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ନିଜର ପ୍ରତିକ୍ରିୟା ରଖିଛନ୍ତି। ସହଦେବଖୁଣ୍ଟା ଥାନାରେ ମାମଲା

### ଅପରାଧୀଙ୍କୁ ଧରିବା ପାଇଁ ଏସ୍‌ପିଙ୍କ ନେତୃତ୍ୱରେ ୪ଟି ସ୍ପେଶାଲ ଟିମ୍

ରୁଜୁ କରାଯାଇ ବାଲେଶ୍ୱର ଏସପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ଅପରାଧୀଙ୍କୁ ଧରିବା ପାଇଁ ଏସପିଙ୍କ ନେତୃତ୍ୱରେ ୪ଟି ସ୍ପେଶାଲ ଟିମ୍ ଗଠନ କରାଯାଇଛି। ଏହି ଟିମରେ ଏସପିଙ୍କ ସହ ଏଏସପି (ସିଟି) ଏବଂ ଏସଡିପିଓ (ସଦର) ମଧ୍ୟ ସାମିଲ ଅଛନ୍ତି, ଯେଉଁମାନେ ତୀକ୍ଷ୍ଣ ଭାବରେ କେସ୍ ଉପରେ କାମ କରୁଛନ୍ତି। ପ୍ରାଥମିକ ତଦନ୍ତରୁ ଦୁଇ ଜଣ ବାଇକ୍ ଆରୋହୀ ଦୁର୍ବୃତ୍ତ ଆସି ଏହି ଗୁଳିକାଣ୍ଡ ଭିଆଇଥିଲେ। ଏଥିରେ ୨ଟି ପିସ୍ତଲ ବ୍ୟବହାର କରାଯାଇଥିବା ଜଣାପଡ଼ିଛି। ଘଟଣାସ୍ଥଳକୁ ସାଇଣ୍ଟିଫିକ୍ ଓ ଫୋରେନସିକ୍ ଟିମ୍ ଗସ୍ତ କରି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସଂଗ୍ରହ କରିସାରିଛନ୍ତି। ଏହାସହ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ବୈଷୟିକ ତଥ୍ୟକୁ ଆଧାର କରି ପୁଲିସ ଆଗକୁ ବଢୁଛି। ପୁଲିସର ପ୍ରାଥମିକ ତଦନ୍ତରୁ ଏହା ଏକ ପୂର୍ବ ଯୋଜନାବଦ୍ଧ ହତ୍ୟାକାଣ୍ଡ ଏବଂ ବଡ଼ ଷଡ଼ଯନ୍ତ୍ର ପରି ମନେହେଉଛି। ପୁଲିସ ବର୍ତ୍ତମାନ ସବୁ ଦିଗକୁ ଖୋଲା ରଖି ତଦନ୍ତ କରୁଛି। ବ୍ୟବସାୟିକ ଶତ୍ରୁତା, ବ୍ୟକ୍ତିଗତ ଆକ୍ରୋଶ କିମ୍ବା ପାରିବାରିକ ବିବାଦକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ପୁଲିସ କିଛି ଗୁରୁତ୍ୱପୂର୍ଣ୍ଣ ସୂତ୍ର ପାଇଥିବା ବେଳେ ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିବା କରାଯିବ ବୋଲି ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଆଶ୍ୱାସନା ଦେଇଛନ୍ତି।

## ପଟିଦିଅଁ ଅଙ୍କନ ଉତ୍ସବର ଦ୍ୱିତୀୟ ଦିବସ


ବାଲେଶ୍ୱର,୨୬।୬ (ସମିସ): କୋସି କଲଚରାଲ ଏକାଡେମୀ ଓ ବାଲେଶ୍ୱରୀ କଳା କେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ ୬ ଦିନିଆ ୧୨ତମ ପଟିଦିଅଁ ଅଙ୍କନ ଉତ୍ସବର ଦ୍ୱିତୀୟ ଦିବସରେ ଚିତ୍ରକର ମାନେ ୮ଟି ଜଗନ୍ନାଥ ମନ୍ଦିର ପାଇଁ ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ ଓ ମା' ଭୁବନେଶ୍ୱରୀ ପଟିରେ ରଙ୍ଗ ଲାଗି କଲେ। ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ଶାସଙ୍ଗ ଜଗନ୍ନାଥ ମନ୍ଦିରର ମୁଖ୍ୟ ସେବକ ପ୍ରଭାସ ଦାସ ଯୋଗ ଦେଇଥିଲେ। ସଭାକୁ ଶିଳ୍ପୀ କେଶୁ ଦାସ ପରିଚାଳନା କରିଥିବା ବେଳେ ଅନନ୍ତ ନାରାୟଣ ସାକ୍ଷୀ ପ୍ରାପ୍ତ ଚିତ୍ରକର ଅରୁଣ ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ଅନନ୍ତ ବାସୁଦେବ ସାକ୍ଷୀ ପ୍ରାପ୍ତ ଚିତ୍ରକର ଦେବାଶିଷ ପତି ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଜଗନ୍ନାଥଙ୍କ ସମର୍ପଣ କରି ଓଡ଼ିଶୀ ନୃତ୍ୟ ଶିଳ୍ପୀ ଅମ୍ରିତା ବେହେରା ଓ ବିଦ୍ୟାର୍ଥୀ ଆଚାର୍ଯ୍ୟ ନୃତ୍ୟ ପରିବେଷଣ କରିଥିବା ବେଳେ ଜଗନ୍ନାଥଙ୍କ ଜଣାଣ ଗାଇଥିଲେ କଣ୍ଠଶିଳ୍ପୀ ରଶ୍ମିରେଖା ମହାପାତ୍ର, ନଳିନୀ ନାୟକ, ନିତିଶ୍ରୀ ମହାନ୍ତି, ଏକାଦଶୀ ବର୍ମନ, ହାରାଲାଲ ପାତ୍ରକ ଓ ମାଉଥ ଅର୍ଗାନ ବଜାଇ ମନ୍ତ୍ରମୁଗ୍ଧ କରିଥିଲେ ଡାକ୍ତର ରଜନୀ କାନ୍ତ ନାୟକ।



## ୧୦ଟି ମହଲ୍ଲାରୁ ବାହାରିଲା ହୁସୈନୀ ଜୁଲୁସ

ବାଲେଶ୍ୱର,୨୬।୬ (ସମିସ): ମହରମ୍ ଅବସରରେ ହଜରତ ଇମାମ ହୁସେନ (ରଜି.)ଙ୍କ ମହାନ ତ୍ୟାଗ, ବଳିଦାନ ଓ ସତ୍ୟ-ନ୍ୟାୟର ଅମର ବାର୍ତ୍ତାକୁ ସମାଜରେ ପ୍ରଚାର କରିବା ଉଦ୍ଦେଶ୍ୟରେ ବାଲେଶ୍ୱରର ଦଶ ଟି ମହଲ୍ଲାରୁ ହୁସୈନୀ ଜାନିସାର କମିଟିର ତତ୍ତ୍ୱାବଧାନରେ "ହୁସୈନୀ ଶୋଭାଯାତ୍ରା" ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ସମୟରେ ଧର୍ମଗୁରୁ ମାନେ ହଜରତ ଇମାମ ହୁସେନ (ରଜି.) ଏବଂ କର୍ବଲାର ଶହୀଦମାନଙ୍କ ମହାନ ବଳିଦାନ ଉପରେ ଆଲୋକପାତ କରିଥିଲେ। କର୍ବଲାର ଘଟଣା ସମଗ୍ର ମାନବଜାତି ପାଇଁ ସତ୍ୟ, ନ୍ୟାୟ, ଧୈର୍ଯ୍ୟ ଓ ଅନ୍ୟାୟ ବିରୋଧରେ ସଂଘର୍ଷର ଚିରନ୍ତନ ଶିକ୍ଷା। ସେମାନେ ଯୁବପିଢ଼ୀଙ୍କୁ ଇମାମ ହୁସେନ (ରଜି.)ଙ୍କ ଜୀବନ ଓ ଆଦର୍ଶରୁ ଶିକ୍ଷା ନେବାକୁ ଆହ୍ୱାନ କରିଥିଲେ। ବାଲେଶ୍ୱରର ସୁନହଟ, କୁରେଶୀ ମହଲ୍ଲା, ବାଲୁବଜାର, ଦିୱାନଶାହୀ, ଖ୍ୱାଜାବାଗ, ପଠାନ ମହଲ୍ଲା, ସ୍କୁଲ ବଜାର, ସୁଏଲପୁର, ଅଜିମାବାଦ ଓ ଅରବିନ୍ଦବଜାରରୁ ବାହାରିଥିବା ଜୁଲୁସ ନିର୍ଦ୍ଧାରିତ ମାର୍ଗ ଦେଇ ଗଲା ପୋଖରୀ ହୋଇ ଦର୍ଗାହ ମେଦାନରେ ପହଞ୍ଚିଥିଲା। ରାସ୍ତାର ବିଭିନ୍ନ ସ୍ଥାନରେ ଜୁଲୁସକୁ ସ୍ୱାଗତ କରାଯିବା ସହ ଜୁଲସ ରେ ଭାଗ ନେଇଥିବା ଶ୍ରଦ୍ଧାଳୁମାନଙ୍କୁ ସରବତ ବଣ୍ଟନ କରାଯାଇଥିଲା। ଜୁଲୁସରେ ଅଂଶଗ୍ରହଣକାରୀମାନେ ନାତ୍ ପାଠ, ଅହଲେ ବୈତଙ୍କ ସ୍ମରଣ ଏବଂ ସଲାମ ପେଶ କରି କର୍ବଲାର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ସମୂହ ପ୍ରାର୍ଥନା ସହ ଶୋଭାଯାତ୍ରା ସମାପନ ହୋଇଥିଲା। ଜୁଲୁସ ସମୟରେ ଶୃଙ୍ଖଳା ଓ ନିୟମର ବିଶେଷ ଧ୍ୟାନ ରଖାଯାଇଥିଲା। ଆଇନ-ଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଶେଷରେ ହୁସୈନୀ ଜାନିସାର କମିଟିର ପଦାଧିକାରୀମାନେ ଶୋଭାଯାତ୍ରାର ସଫଳ ଆୟୋଜନ ପାଇଁ ସମସ୍ତ ଅଂଶଗ୍ରହଣକାରୀ, ସ୍ୱେଚ୍ଛାସେବକ, ପୁଲିସ, ପ୍ରଶାସନ ଓ ସାଧାରଣ ଜନତାଙ୍କୁ ଧନ୍ୟବାଦ ଜଣାଇଥିଲେ। ହୁସୈନୀ ଜୁଲୁସ୍‌୨୦୨୬କୁ ସଫଳ କରିବାରେ ହୁସୈନୀ ଜାନିସାର କମିଟିର ସଭାପତି ସଲିମ ଖାନ, ସମ୍ପାଦକ ଶେଖ ଇସଲାମ, କୋଷାଧ୍ୟକ୍ଷ ଅବୁ ଫଜାଏଲ କାଦରୀ, ପରାମର୍ଶଦାତା ସୟଦ ନସିମ ଅହମଦ ରଜା, ଶେଖ ଅବଦୁଲ କାମିଲ, ଅଜିମ ବାଲେଶ୍ୱରୀ, ଶେଖ ଶରିଫ ମହମ୍ମଦ, ଅବଦୁଲ ରଶିମ ଖାନ, ଆଶିକ ଉଲ ହକ, ଶେଖ ସଲିମ, ଶେଖ ଜମନ, ଶେଖ ଆବିଦ କାଦରୀ ଏବଂ ଶେଖ ରାଜା ପ୍ରମୁଖ ସହଯୋଗ କରିଥିଲେ।

## ଏମ୍‌ସିଡି ହସ୍ପିଟାଲରେ ରକ୍ତଦାନ ଶିବିର



ସୋର, ୨୬।୬ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ ବଡଖୁରା ଛକରେ ଥିବା ଏମସିଡି ମେମୋରିଆଲ ହସ୍ପିଟାଲ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ସମାଜସେବୀ ସୁବ୍ରତ କୁମାର ଧଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରୁ ମୋଟ ୩୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଡାକ୍ତର ସୁମନ୍ତ କୁମାର ଧଡ଼ା ଏବଂ ଡାକ୍ତର ସମର ପ୍ରତିମ ଦାସ ରକ୍ତଦାତା ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ବାଲେଶ୍ୱର ରକ୍ତ ଭଣ୍ଡାରରୁ ଆସିଥିବା କର୍ମଚାରୀ ଅକ୍ଷୟ କୁମାର ଜେନା, ବିନୋଦ ବିହାରୀ ଦାସ, ଅକ୍ଷୟ କୁମାର ମହାପାତ୍ର, ଅଭିରାମ ପଣ୍ଡା ଏବଂ ଶୁଚିସ୍ମିତା ଦାସ ରକ୍ତଦାତା ମାନଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ଏହି ସମୟରେ ଯୁବ ସମାଜସେବୀ ରାଜେଶ କୁମାର ମହାପାତ୍ର, ସରପଞ୍ଚ ଅଟଳ ବିହାରୀ ଦାସ, ଜିଲ୍ଲା ପରିଷଦ ସଭ୍ୟ ଶିଶିର କୁମାର ଅଗସ୍ତି, ସୋର ବ୍ଲକ କଂଗ୍ରେସ ସଭାପତି ଯୋଗେନ୍ଦ୍ର ଜେନା, ସୁଧାଂଶୁ ଶେଖର ଜେନା, କୃପାସିନ୍ଧୁ ଜେନା, ଗୌରୀ ଶଙ୍କର ଘଡେଇ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ହସ୍ପିଟାଲର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ଶ୍ରଦ୍ଧାପୁର ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ର

ଚନ୍ଦନେଶ୍ୱର, ୨୬।୬ (ସମିସ)



ଭୋଗରାଇ ବ୍ଲକ ଅଧୀନ ଶ୍ରଦ୍ଧାପୁର ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ର ଦୀର୍ଘବର୍ଷ ଧରି ଅତ୍ୟନ୍ତ ବିପଦସଙ୍କୁଳ ଓ ଜରାଜୀର୍ଣ୍ଣ ଅବସ୍ଥାରେ ଚାଲିଆସୁଛି। ମରାମତି ଅଭାବରୁ କେନ୍ଦ୍ରର ଛାତ ଫାଟି ବର୍ଷା ପାଣି ଘର ଭିତରକୁ ପଡୁଥିବା ବେଳେ କାନ୍ଥ, ଝରକା ଓ କବାଟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଏପରିକି କରୁ ସମୟରେ ବିଷଧର ସାପ ବାହାରୁଥିବାରୁ କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀ ଓ ସେବା ପାଇଁ ଆସୁଥିବା ଚାଷୀମାନେ ସବୁବେଳେ ଆତଙ୍କ ମଧ୍ୟରେ ରହୁଛନ୍ତି। ଏଭଳି ଜୀବନଘାତୀ ପରିସ୍ଥିତି ସତ୍ତ୍ୱେ ପ୍ରାଣୀ ସହାୟକ ନିଷ୍ଠାର ସହିତ ପଶୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଥିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା ସହ ଉଦବେଗ ମଧ୍ୟ ପ୍ରକାଶ ପାଉଛି। ସୂଚନା ଅନୁଯାୟୀ, ୨୦୧୦ ମସିହାରେ ନିର୍ମିତ ଏହି ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ର ଉପରେ ଶ୍ରଦ୍ଧାପୁର, କାନ୍ତଝଡ଼କଣ୍ଠୀ, ଶଙ୍ଖାରୀ, ଗୋଛିଦାଡେରୀ ଓ ଜଗାଥାପୁର ସମେତ ପାଞ୍ଚଟି ପଞ୍ଚାୟତର ହଜାର ହଜାର ପଶୁପାଳକ ନିର୍ଭର କରନ୍ତି। ୨୦୨୨ ମସିହାରୁ ପ୍ରାଣୀ ସହାୟକ ପାର୍ଥ ସାରଥୀ ଦାସ ଏହି ପାଞ୍ଚଟି ପଞ୍ଚାୟତରେ ପ୍ରାୟ ୫,୩୭୦ଟି ଗୋରୁ ଓ ଗାଈଙ୍କୁ ଚିକିତ୍ସା, ଟୀକାକରଣ, ଜରୁରୀ ସ୍ୱାସ୍ଥ୍ୟ ସେବା ଏବଂ ପଶୁପାଳନ ସମ୍ପର୍କିତ ବିଭିନ୍ନ ପରାମର୍ଶ ଯୋଗାଇ ଆସୁଛନ୍ତି। କିନ୍ତୁ ଦୁଃଖର ବିଷୟ, ଯେଉଁ କେନ୍ଦ୍ରରୁ ଏତେ ବଡ଼ ଅଞ୍ଚଳର ପଶୁ ସ୍ୱାସ୍ଥ୍ୟ ସେବା ପରିଚାଳିତ ହେଉଛି, ସେହି କେନ୍ଦ୍ରର ଅବସ୍ଥା ଏବେ ଅତ୍ୟନ୍ତ ଦୟନୀୟ। ଛାତ ଫାଟିଯାଇଥିବାରୁ ବର୍ଷା ହେଲେ ପାଣି ଘର ଭିତରକୁ ପଶି ଗୁରୁତ୍ୱପୂର୍ଣ୍ଣ ସରକାରୀ ଦସ୍ତାବିଜ, ଔଷଧ, ଉପକରଣ ଓ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇଯାଉଛି। କେନ୍ଦ୍ରକୁ ଲାଗିଥିବା ଶୋଗାଳା ମଧ୍ୟ ଅଚଳ ହୋଇପଡ଼ିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ପ୍ରାଣୀ ସହାୟକ ଶ୍ରୀ ଦାସ ନିଜ ପରିବାର ସହ ଏହି ବିପଦସଙ୍କୁଳ କେନ୍ଦ୍ରରେ ବସବାସ କରୁଛନ୍ତି। ଯେକୌଣସି ସମୟରେ ଛାତ କିମ୍ବା କାନ୍ଥ ଭୁଶୁଡ଼ି ପଡ଼ି ବଡ଼ ଧରଣର

### ନୂତନ ଗୃହ ନିର୍ମାଣ ପାଇଁ ଜୋରଦାର ଦାବି

ଅଘଟଣ ଘଟିବାର ଆଶଙ୍କା ରହିଥିଲେ ମଧ୍ୟ ବାଧହୋଇ ସେ ସେଠାରେ ରହି ପଶୁପାଳକଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଇ ଆସୁଛନ୍ତି। ଆଗକୁ ବର୍ଷା ଋତୁରେ ପରିସ୍ଥିତି ଅଧିକ ଜଟିଳ ହୋଇପଡୁଥିବାରୁ କର୍ମଚାରୀଙ୍କ ସୁରକ୍ଷା ସହ ସରକାରୀ ସମ୍ପତ୍ତିର ସୁରକ୍ଷା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ସମସ୍ୟା ସମ୍ପର୍କରେ ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀଙ୍କୁ ଏକାଧିକ ଥର ଅବଗତ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହା ଫଳରେ ସ୍ଥାନୀୟ ପଶୁପାଳକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେଣୁ ତୁରନ୍ତ ଶ୍ରଦ୍ଧାପୁର ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ର ପାଇଁ ଏକ ନୂତନ, ସୁରକ୍ଷିତ ଓ ଆଧୁନିକ ଭିତ୍ତିଭୂମି ସମ୍ପନ୍ନ ଗୃହ ନିର୍ମାଣ କରାଯିବା ସହ ପୁରୁଣା କୋଠାର ସ୍ଥାୟୀ ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସୁଜିତ ପରିଡ଼ା, ଅଭିଲାଷ ଦାସ, ସତ୍ୟ କୁମାର ସାମଲ, ବିଜୟ କୁମାର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଭଞ୍ଜ ପ୍ରମୁଖ କହିଛନ୍ତି ଯେ, ପଶୁ ସମ୍ପଦର ସୁରକ୍ଷା ଓ ପଶୁପାଳକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ଅବିଳମ୍ବେ ନୂତନ କେନ୍ଦ୍ର ନିର୍ମାଣ ଦିଗରେ ପଦକ୍ଷେପ ଗ୍ରହଣ କରିବା ନିତାନ୍ତ ଆବଶ୍ୟକ। ନଚେତ୍ କୌଣସି ଅଘଟଣ ଘଟିଲେ ତାହା ପାଇଁ ସମ୍ପୃକ୍ତ ବିଭାଗ ହିଁ ଦାୟୀ ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଘର ତାଲା ଭାଙ୍ଗି ଚୋରି

ତୁରୁମୁଙ୍ଗା, ୨୬।୬(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ହତିବାରୀ ଗ୍ରାମର ବିକାଶ ନାଏକଙ୍କ ଘରୁ ଗୁରୁବାର ଦିନ ବେଳା ଘରେ କେହି ନଥିବା ସମୟରେ ଘର ଭିତରେ ପଶି ଆଲମିରା ଭାଙ୍ଗି ୨୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଛି। ଘର ଲୋକେ ବିଲ କାମ କରିବାକୁ ଯାଇଥିବା ସମୟରେ ଚୋରି ହୋଇଥିବା ଅଭିଯୋଗ ପରେ ତୁରୁମୁଙ୍ଗା ପୁଲିସ ୧୬୧/୨୬ରେ ମାମଲା ରୁଜୁ କରି ଶୁକ୍ରବାର ସାଇଣ୍ଟିଫିକ ଟିମ୍ ସହାୟତା ସନ୍ଧାନୀ କୁକୁର ଜରିଆରେ ତଦନ୍ତ କରିଛି। ଏସଆଇ ସୁରେଶଚନ୍ଦ୍ର ସାହୁ ଘଟଣାର ତଦନ୍ତ କରୁଛନ୍ତି।

## ଅଟୋ ଚାଳକଙ୍କୁ ଆକ୍ରମଣ; ଜଣେ ଗିରଫ



ଆନନ୍ଦପୁର,୨୬।୬ (ସମିସ): ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ପକ୍ଷରୁ ଜଣେ ଅଟୋ ଚାଳକଙ୍କୁ ଆକ୍ରମଣ ଘଟଣାରେ ଗୁରୁବାର ଅଭିଯୁକ୍ତକୁ ଗିରଫ କରାଯାଇଛି। ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କୁମ୍ଭନଗର ଗ୍ରାମର ବିଭୂତି ବେହେରା (୨୧) ଗତ ୨୧ତାରିଖ ରାତି ୯ଟା ସମୟରେ ବାତୋ ବଜାରରୁ ଅଟୋ ଧରି ଫେରୁଥିବା ବେଳେ ମଦନପୁର ଗ୍ରାମର ଓ ଧମକ ଘଟଣାରେ ୨୫ ତାରିଖ ସତ୍ୟାନନ୍ଦ ଜେନା (୩୮) ତାଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇ ଅଟୋର ଚାବି ଓ ମୋବାଇଲ ଫୋନ୍ ଛଡ଼ାଇ ନେଇଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କୁ ମାଡ଼ ମାରିବାରୁ ବାମ ହାତଟି ଭାଙ୍ଗି ଯାଇଥିଲା। ଏହି ଘଟଣା ନେଇ ରାମଚନ୍ଦ୍ରପୁର ଥାନାରେ ଏକ ଲିଖିତ ଅଭିଯୋଗ ଦେବା ପରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ ତଦନ୍ତ କରି ଅଭିଯୁକ୍ତ ସତ୍ୟାନନ୍ଦ ଜେନାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମହିଳାଙ୍କୁ ଅସଦାଚରଣ; ଯୁବକ ଗିରଫ

ତୁରୁମୁଙ୍ଗା, ୨୬।୬(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବୁଢ଼ୀକାପୁଡି ଗ୍ରାମରେ ଜଣେ ବିଧବା ମହିଳାଙ୍କ ଘରେ ପଶି ତୁରୁମୁଙ୍ଗା ଗ୍ରାମର ସୁଜିତ କୁମାର ସେଠୀ ଅସଦାଚରଣ କରିଥିବା ନେଇ ତୁରୁମୁଙ୍ଗା ଥାନାରେ ମହିଳା ଜଣଙ୍କ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ଜାରି ରଖିଥିଲା ବେଳେ ଅଭିଯୋଗ ପରେ ପୁଲିସ ଫେରାର ଥିବା ଉକ୍ତ ଯୁବକକୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି। ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ ଘଟଣାର ତଦନ୍ତ କରୁଛନ୍ତି।

## ଗୋଚର ଜମିରେ ନିର୍ମାଣକୁ ନେଇ ବିବାଦ



ଆନନ୍ଦପୁର, ୨୬।୬ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ମୋଚିନ୍ଦାରେ ପଞ୍ଚାୟତର ନୂତନ ଗୃହ ନିର୍ମାଣକୁ ନେଇ ବିବାଦ ଧୀରେ ଧୀରେ ଉଗ୍ରରୂପ ଧାରଣ କରୁଛି। ଅଞ୍ଚଳବାସୀଙ୍କ ବିରୋଧ ସତ୍ତ୍ୱେ ବଳପୂର୍ବକ ନିର୍ମାଣ କାର୍ଯ୍ୟ କରାଯାଉଥିବାରୁ ବିବାଦ ପ୍ରଶାସନିକ ଦପ୍ତରୀରେ ପହଞ୍ଚିଛି। ବ୍ଲକ ପ୍ରଶାସନ ପକ୍ଷରୁ ପ୍ରାଥମିକ ତଦନ୍ତ ହୋଇଥିଲେ ମଧ ସଚେତନ ନାଗରିକମାନେ ଏପରି କାର୍ଯ୍ୟକୁ ନାପସନ୍ଦ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୂର୍ବରୁ ପ୍ରସ୍ତାବିତ ସ୍ଥାନ ପଞ୍ଚାୟତ ନାମରେ ପଟ୍ଟା ମିଳିବା ପରେ ଉକ୍ତ ସ୍ଥାନରେ ଗୃହ ନିର୍ମାଣ ପାଇଁ ପଞ୍ଚାୟତ ବୈଠକରେ ନିଷ୍ପତ୍ତି ହୋଇଥିଲା ହେଲେ ବର୍ତ୍ତମାନ ଉକ୍ତ ସ୍ଥାନ ପରିବର୍ତ୍ତେ ଏକ ଗୋଚର ଜମିରେ ଗୃହ ନିର୍ମାଣ କରାଯାଉଥିବା ଘଟଣାରେ ବିବାଦ ତୀବ୍ର ହେଉଛି। ଏଣୁ ଆନନ୍ଦପୁର ଉପଜିଲ୍ଲାପାଳ ଘଟଣାର ତଦନ୍ତ କରିବାକୁ ଦାବି ହୋଇଛି।

## ଘୂର୍ଣ୍ଣିଝଡ଼ରେ ବାସହରା ହେଲେ ୫ ପରିବାର

ବଡ଼ବିଲ, ୨୬।୬(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ସେରେଣ୍ଡା ଗ୍ରାମରେ ଘୂର୍ଣ୍ଣିଝଡ଼ର ତାଣ୍ଡବ ଦେଖିବାକୁ ମିଳିଛି। ଏହି ଝଡ଼ରେ ସୀତାରି ସାହି ଅଞ୍ଚଳରେ ରହୁଥିବା ବୁଧୁରାମ ମୁଣ୍ଡାଙ୍କ ୧୦ ବଖରା ଘରର ଆଜବେଷ୍ଟସ ଛପର ଉଡ଼ିଯାଇଛି। ଏହାଫଳରେ ତାଙ୍କ ଘରେ ଭଡ଼ାରେ ରହୁଥିବା ଚାରୋଟି ପରିବାର ସହ ସେ ମଧ ନାହିଁ ନଥିବା ସମସ୍ୟାରେ ପଡିଥିବା ଜଣାପଡିଛି। ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଘୂର୍ଣ୍ଣିଝଡ଼ ମାଡି ଆସିବା ସହ ବର୍ଷା ଓ ପବନ ପ୍ରବଳ ବେଗରେ ବହିଥିଲା। ବିଜୁଳି ଘଡଘଡି ଦେଖିବାକୁ ମିଳିଥିଲା। ବୁଧୁରାମଙ୍କ ଘରେ ଭଡାରେ ରହୁଥିବା ଭାଗୀରଥି ପାତ୍ର, ଯୁଧିଷ୍ଠିର ବେହେରା, ଶରତ ପାଲ ଓ ସନ୍ତୋଷ ବେହେରାଙ୍କ ଘରର ମଧ ଦୁଇ ବଖରା ଲେଖାଏଁ ଆଜବେଷ୍ଟସ ଛପର ଉଡ଼ିଯାଇଛି। ଏହାଫଳରେ ଅନେକ ଘର ଉପକରଣ ମଧ ବର୍ଷାରେ ଭିଜି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି।



### ତାମିଲନାଡୁ ଗ୍ୟାସ ଲିକ ଦୁର୍ଘଟଣା

# ଜିଲ୍ଲାର ଆଉ ୩ ଜଣଙ୍କର ମୃତ୍ୟୁ; ମୃତକଙ୍କ ସଂଖ୍ୟା ୧୧ରେ

କେନ୍ଦୁଝର, ୨୬।୬(ସମିସ)

ତାମିଲନାଡୁ ଗ୍ୟାସ ଲିକ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ଆଉ ୩ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଫଳରେ ଜିଲ୍ଲାର ମୃତକଙ୍କ ସଂଖ୍ୟା ୧୧ରେ ପହଞ୍ଚିଛି। ତାମିଲନାଡୁ ରାଜ୍ୟର ତିରୁଭାଲୁର ଜିଲ୍ଲାରେ ଥିବା ସେଣ୍ଟ ପିଟର୍ସ ଆଣ୍ଡ ପଲ୍ ସି ଫୁଡ୍ ଏକ୍ସପୋର୍ଟସ ପ୍ରାଇଭେଟ ଲିମିଟେଡ କମ୍ପାନୀରେ କେନ୍ଦୁଝର ଜିଲ୍ଲାରୁ ଯାଇ ଶ୍ରମିକମାନେ ସେଠାରେ କାମ କରୁଥିଲେ। କାରଖାନାରେ ଦୁର୍ଘଟଣା ଯୋଗୁଁ ଗୋଟିଏ ପରେ ଗୋଟିଏ ମୃତ୍ୟୁ ସୂଚନା ସାମନାକୁ ଆସୁଛି। ପ୍ରଥମେ ୫ ଜଣଙ୍କ ବ୍ୟତୀତ ଚିକିତ୍ସାଧୀନ ଅବସ୍ଥାରେ କେନ୍ଦୁଝର ଟାଉନ ଥାନା କୋଡିପଶା ଗ୍ରାମର ସୃଜନୀ ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଯାମିନୀ ଜୁଆଙ୍ଗଙ୍କର ମୃତ୍ୟୁ ହୋଇଥିଲା। ବୁଧବାର ପୁଣି ଚିକିତ୍ସାଧୀନ ଅବସ୍ଥାରେ ହରିଚନ୍ଦନପୁର ବ୍ଲକ କନ୍ତଲା ବାଲିସାହିର ସୁବାଶୀ ଯୁଆଙ୍ଗଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ସେହିପରି ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ତେଲକୋଇ ଥାନା ଟାଙ୍ଗୀରି ଗାଁର ରୀତା ଜୁଆଙ୍ଗଙ୍କର ମୃତ୍ୟୁ ହୋଇଥିବାବେଳେ ଶୁକ୍ରବାର ପୁଣି ଦୁଇଜଣ ତେଲକୋଇ ଥାନା ପିତାନାଳି ଗାଁର ସୁମିତ୍ରା ଜୁଆଙ୍ଗ ଏବଂ ଗୋନାସୀକା ନିକଟସ୍ଥ ଗୋଳିଆବନ୍ଧ ରାଇଡିହାର ଦୀପାଞ୍ଜଳି ଜୁଆଙ୍ଗଙ୍କର ମୃତ୍ୟୁ ହୋଇଥିବା ଜିଲ୍ଲା ଶ୍ରମ ଅଧିକାରୀ ସୂଚନା ଦେଇଛନ୍ତି।

କାରଖାନାର ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ପ୍ରଥମେ ମୃତ ୫ ଜଣଙ୍କ ମଧ୍ୟରେ ସଦର ଥାନା ଅନ୍ତର୍ଗତ କୋଡ଼ିପଶା ଗ୍ରାମର ଫୁଲମଣୀ ଜୁଆଙ୍ଗ, କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ଦୁବନାଳୀଟାଙ୍ଗିରୀ ଗ୍ରାମର ଶିବାନୀ ଜୁଆଙ୍ଗ, ତେଲକୋଇ ଥାନା ଦୁବନାଳୀ ଟାଙ୍ଗିରୀ ଗ୍ରାମର ଗୀତା ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଗୁମନୀ ଜୁଆଙ୍ଗ ଓ ସଦର ଥାନା ଅନ୍ତର୍ଗତ ତଳଚମ୍ପେଇ ଗ୍ରାମର ଚମ୍ପାବତୀ ଜୁଆଙ୍ଗଙ୍କୁ ଚିହ୍ନଟ କରାଯାଇଥିଲା।

କେନ୍ଦୁଝରରେ ଜିଲ୍ଲାରୁ ଯାଇ ସେଠାରେ କାମ କରୁଥିବା ଲୋକଙ୍କ ମଧ୍ୟରୁ ମୋଟ ୧୧ ଜଣଙ୍କର ମୃତ୍ୟୁ ହୋଇସାରିଲାଣି। ସେଠାକୁ କେତେଜଣ କାମ କରିବାକୁ ଯାଇଥିଲେ ଏବଂ ଆଉ କେତେଜଣ ଚିକିତ୍ସାଧୀନ ଅଛନ୍ତି ପ୍ରଶାସନ ପକ୍ଷରୁ କିଛି ସୂଚନା ମିଳୁ ନଥିବାବେଳେ ଦଲାଲ ମାଧ୍ୟମରେ ତାମିଲନାଡୁକୁ ଯାଇ ବିପଜ୍ଜନକ ଅବସ୍ଥାରେ କାମ କରିବାକୁ କହିଥିବା ବ୍ୟକ୍ତି କିଏ ? ସେନେଇ ଏବେ ପ୍ରଶ୍ନ ଉଠିଛି। ଅକାଳରେ ୧୧ ଜଣ ଜନଜାତି ନାବାଳିକା ଏବଂ ମହିଳାଙ୍କ ଜୀବନ ଯାଇଥିବାରୁ ଏହି ବେଆଇନ ଶ୍ରମିକ ଚାଲାଣ ବିରୋଧରେ ପ୍ରଶାସନ କି ପ୍ରକାର ପଦକ୍ଷେପ ନେଉଛି ତାକୁ ନେଇ ଅପେକ୍ଷା ରହିଛି।

### ଅପରେସନ ବୈତରଣୀ

## ୫ ବାଲି ବୋଝେଇ ହାଇୱା ଜବତ; ୫ ଗିରଫ



ଆନନ୍ଦପୁର/ହାଟଡ଼ିହୀ, ୨୬।୬(ସମିସ): ପୁଲିସର ଅପରେସନ ବୈତରଣୀ ପୁଣି ଜୋରଦାର ହୋଇଛି। ଏସଡିପିଓ କମଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ଥାନା ଇନସ୍ପେକ୍ଟର ଫନୀନ୍ଦ୍ର କୁମାର ନାୟକ ସ୍ଥାନୀୟ ଗୌଡ଼ଡିହା ଘାଟରେ ଚଢ଼ଉ କରି ବେଆଇନ ଭାବେ ବାଲି ବୋଝେଇ କରିଥିବା ଦୁଇଟି ହାଇୱାକୁ ଜବତ କରିଥିଲେ। ଏଥିରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ଚୋରା କାରବାରରେ ସମ୍ପୃକ୍ତ ଭୁବନ ଅଞ୍ଚଳର ଜିତେନ୍ଦ୍ର କୁମାର ସାହୁ ଏବଂ ଠାକୁରମୁଣ୍ଡା ଅଞ୍ଚଳର ଜ୍ୟୋତିଷଚନ୍ଦ୍ର ମହାନ୍ତିଙ୍କୁ ଗିରଫ କରି ଆନନ୍ଦପୁର କୋର୍ଟକୁ ଚାଲାଣ କରାଯାଇଛି। ସେହିପରି ସୋସୋ ପୁଲିସ ବେଆଇନ ଭାବେ ଚାଲାଣ କରୁଥିବା ତିନିଟି ହାଇୱାକୁ ଜବତ କରାଯାଇଛି। ଏଥିପାଇଁ ତିନୋଟି ପୃଥକ ମାମଲା ପଞ୍ଜିକୃତ ହୋଇ ଅଧିକ ତଦନ୍ତ ଚାଲିଥିବା ନେଇ ସୋସୋ ପୁଲିସ ପକ୍ଷରୁ ସୂଚନା ମିଳିଛି। ବେଆଇନ୍ ଖଣିଜ ପରିବହନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ କମଳ କୁମାର ପଣ୍ଡା ପ୍ରକାଶ କରିଛନ୍ତି।

## ହରିଡ଼ାପାଳ ଓ ବେଲବାହାଳିରେ ହିତାଧିକାରୀଙ୍କୁ ଭତ୍ତା ଓ କାର୍ଯ୍ୟାଦେଶ ବଣ୍ଟନ



ଆନନ୍ଦପୁର, ୨୬।୬(ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଆନନ୍ଦପୁର ବ୍ଲକ ହରିଡାପାଳ ଓ ବେଲବାହାଳି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହରିଡାପାଳ ପଞ୍ଚାୟତ ପରିସରରେ ସରପଞ୍ଚ ମିନତୀ ମହାରଣାଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ କୁମୁଦୁନି ଜେନାଙ୍କ ଉପସ୍ଥିତିରେ କୃଷି ବିଭାଗ, ବିଦ୍ୟୁତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ମିଶନ ଶକ୍ତି, ଶ୍ରମ ବିଭାଗ ପକ୍ଷରୁ ବିଭିନ୍ନ କର୍ମଚାରୀ ୨ ବର୍ଷ ଭିତରେ ସରକାରଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଯୋଜନାଗୁଡିକ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି। ପଞ୍ଚାୟତର ସିଆରପି ଏମ୍‌ବିକେ ମିଶନଶକ୍ତି ମହିଳା ଉପସ୍ଥିତ ରହି ବିଭିନ୍ନ ପ୍ରକାର ସାମଗ୍ରୀ ଷ୍ଟଲ ପକାଇଥିଲେ। ସେହିପରି ବେଲବାହାଳି ପଞ୍ଚାୟତରେ ସରପଞ୍ଚ ଦୀପ୍ତି ସାହୁଙ୍କ ତତ୍ତ୍ୱାବଧନରେ ନିର୍ବାହୀ ଅଧିକାରୀ ସୁନନ୍ଦା ରାଉଳଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଆରସି ଜ୍ୟୋତିପ୍ରକାଶ ଜେନା, ବିଜେପି ନେତା ଅନାଦି ସାହୁ, ନାଏବ ସରପଞ୍ଚ ରବୀନ୍ଦ୍ର ନାୟକଙ୍କ ସମେତ ଅନେକ ନେତୃବର୍ଗୀୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ସରକାର କାର୍ଯ୍ୟକାରୀ କରୁଥିବା ଯୋଜନାର କିପରି ସଫଳ ରୂପାୟନ ହେବ ତାହା ଉପରେ ସରପଞ୍ଚ ଦୀପ୍ତି ସାହୁ ଗୁରୁତ୍ୱାରୋପ କରାଇଥିଲେ। ଏଥିରେ ସମସ୍ତ ମିଶନଶକ୍ତି ମହିଳା ଏବଂ ଜନସାଧାରଣ ଉପସ୍ଥିତ ରହିଥିଲେ। ବେଲବାହାଳୀ ପଞ୍ଚାୟତରେ ମୋଟ ୧୫ଜଣ ବିଧବା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ କରିଥିବା ବେଳେ ୧୦ ଜଣ ଅସହାୟଙ୍କୁ ଅନ୍ତ୍ୟୋଦୟ ଗୃହ ବଣ୍ଟନ ଓ ୨୦ ଜଣଙ୍କୁ ଅନ୍ନପୂର୍ଣ୍ଣା କାର୍ଡ ସରକାରଙ୍କ ନିର୍ଦ୍ଦେଶକ୍ରମେ ସରପଞ୍ଚ ଶ୍ରୀ ସାହୁ ପ୍ରଦାନ କରିଛନ୍ତି।

## କଲ୍ୟାଣୀ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା



ଆନନ୍ଦପୁର, ୨୬।୬ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଗଡ଼ବାନ୍ଧ ଗୋଡାସ୍ଥିତ କଲ୍ୟାଣୀ ସରକାରୀ ଉଚ୍ଚବିଦ୍ୟାଳୟଠାରେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଅକ୍ଷୟ କୁମାର ରାଉତଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଶରତ କୁମାର ରାଉତ, ବିଶେଷ ଅତିଥି ଭାବେ ଘସିପୁରା ବ୍ଲକ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଗୋପାଳଚନ୍ଦ୍ର ପତି, ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଗଡ଼ବାନ୍ଧଗୋଡା ପଞ୍ଚାୟତର ସରପଞ୍ଚ ଶଶିକାନ୍ତ ଜେନା, ୧୨ନମ୍ବର ଜିଲ୍ଲା ପରିଷଦ ସଭ୍ୟ ସଂଜୟ କୁମାର ମଲ୍ଲିକ, ସମିତିସଭ୍ୟ ବିଜୟ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିମଳ କୁମାର ନାୟକ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଭୀମସେନ ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ଜେନା, ବେଲାଲସେନ୍ ପତି, ରାମଚନ୍ଦ୍ର ଚକ୍ର, ଦୁର୍ଯ୍ୟୋଧନ ସାହୁ, କମିଟି ମେମ୍ବର ପ୍ରବୋଧ ଚକ୍ର ଯୋଗଦାନ କରିଥିଲେ। ଶିକ୍ଷକ ନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ କରିବାସହ ଶିକ୍ଷୟିତ୍ରୀ ସରୋଜିନୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯମୁନା ମୁର୍ମୁ, ମଧୁସ୍ମିତା ମହାପାତ୍ର, ଅତିଶୟବଳ, ରାଜେଶ ଘଡେଇ, ସ୍ମୃତିରେଖା ଜେନା, ଦୁର୍ଯ୍ୟୋଧନ ବେହେରା କର୍ମଚାରୀ ସେକ୍ ଫୁରକାନ, ଜୁଳ ଜେନା ସହଯୋଗ କରିଥିଲେ।

## ଟୁଙ୍କୁଡିହା ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ



ଝୁମ୍ପୁରା, ୨୬ ।୬(ସମିସ): ଝୁମ୍ପୁରା ବ୍ଲକ ଟୁଙ୍କୁଡିହା ପଞ୍ଚାୟତ ପକ୍ଷରୁ ଟୁଙ୍କୁଡିହା କଲ୍ୟାଣମଣ୍ଡପଠାରେ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ତିନିଦିନଧରି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୁବ ସମାଜସେବୀ ନବକିଶୋର ବେହେରା, ସମ୍ମାନିତ ଅତିଥିଭାବେ ଝୁମ୍ପୁରା ବ୍ଲକ କନିଷ୍ଠ ଯନ୍ତ୍ରୀ ସୌମ୍ୟାଶ୍ରୀ ମହାରଣା, ଟୁଙ୍କୁଡିହା ପଞ୍ଚାୟତ ଏମବିକେ ରଶ୍ମିରେଖା ମହାନ୍ତ ଯୋଗ ଦେଇଥିଲେ। ଟୁଙ୍କୁଡିହା ପଞ୍ଚାୟତ ଅଫିସର ରାମଚନ୍ଦ୍ର ମହାନ୍ତ ପରିଚାଳନା କରିଥିବା ବେଳେ ଏଡିଓ ସଙ୍ଖାଳି ଚରଣ ମହାନ୍ତ ସହଯୋଗ କରିଥିଲେ। ଏହି ଅବସରରେ କିଛି ରାସନ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା କାର୍ଡ, ଲେବର କାର୍ଡ ଏବଂ ଅଙ୍ଗନବାଡି ଦିଦିଙ୍କୁ ମୋବାଇଲ ବଣ୍ଟନ କରାଯାଇଥିଲା। ଅଙ୍ଗନବାଡି ଦିଦିଙ୍କ ପକ୍ଷରୁ ପୋଷଣ ଖାଦ୍ୟ ପ୍ରଦର୍ଶନୀ ଏବଂ ସଙ୍ଗସହାୟକ ଗୋଷ୍ଠୀ ପକ୍ଷରୁ ବିଭିନ୍ନ ହସ୍ତଶିଳ୍ପ ପ୍ରଦର୍ଶନୀ କରାଯାଇଥିଲା।

## ବେଲବାହାଳି ସେତୁ ଆପ୍ରୋଚ୍ ପାଲଟିଛି ଡେଞ୍ଜର୍‌ଜୋନ୍

ଆନନ୍ଦପୁର, ୨୬।୬(ସମିସ): ୨୦ ନମ୍ବର ଜାତୀୟ ରାଜପଥର ବେଲବାହାଳି ଛକ ଏବେ ଡେଞ୍ଜର ଜୋନରେ ପରିଣତ ହୋଇଛି। ଯାତ୍ରୀଙ୍କ ପାଇଁ ଏହା ଅସୁରକ୍ଷିତ ହୋଇପଡ଼ିଛି। ବାରିଗାଁ-ବେଲବାହାଳି ଛକ ଓ ବେଲବାହାଳି-ସିଆପଡ଼ା ଛକରେ ୫ଟି ପଞ୍ଚାୟତର ଜନସାଧାରଣ ଏହି ଦୁଇଟି ଛକ ଉପରେ ନିର୍ଭର କରୁଛନ୍ତି। ଦୈନିକ ହଜାର ହଜାର ଗାଡ଼ି ଯାତାୟାତ କରୁଥିବାରୁ ଏଠାରେ ରାସ୍ତା ଅତିକ୍ରମ କରିବା ସମସ୍ୟା ହେଉଛି। ଏପରିକି ଅନେକ ସମୟରେ ଦୁର୍ଘଟଣାରେ ଲୋକଙ୍କ



ଯାତ୍ରୀଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଉଭୟ ଛକରେ ଦୁଇଟି ଗୋଲେଇ ନିର୍ମାଣ ପାଇଁ ବହୁ ଦିନରୁ ଦାବି ହୋଇଆସୁଥିଲେ ମଧ ଅଦ୍ୟାବଧି ଏହା ସମ୍ଭବ ହୋଇନାହିଁ। ୨୦୧୮ରୁ ୨୦ନମ୍ବର ଜାତୀୟ ରାଜପଥର ନୂତନ ରାସ୍ତାରେ ଗାଡ଼ି ଚଳାଚଳ ଆରମ୍ଭ ହେଲାଣି। ବାରିଗାଁ ଛକ ଓ ସିଆପଡ଼ା ଛକ ବିପଜ୍ଜନକ ଅବସ୍ଥାରେ ରହିଛି। ସ୍ଥାନୀୟ ଜୀବନ ଯିବାର ନଜିର ରହିଛି। ଏହି ଦୁଇଟି ବାଇପାସ୍‌ରେ ଗୋଲେଇ ନିର୍ମାଣ କରିବାକୁ ଦାବି ହେଉଛି। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଭାକର ସାହୁ କହିଛନ୍ତି, ଗୋଲେଇ ନିର୍ମାଣ ପାଇଁ ଏଏଚ୍‌ଏଆଇ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଇତିମଧ୍ୟରେ ୮ ବର୍ଷ ବିତି ଯାଇଥିଲେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଆଗାମୀ ଦିନରେ ଲୋକେ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଶ୍ରୀ ସାହୁ କହିଛନ୍ତି।

## ସାଇଁକୁଳ ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ଝୁଲୁଛି ତାଲା

### କେନ୍ଦ୍ରକୁ ଆସୁନାହାନ୍ତି ପଶୁ ସମ୍ପଦ ନିରୀକ୍ଷକ

ଆନନ୍ଦପୁର, ୨୬।୬(ସମିସ)



କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ସାଇଁକୁଳ ପଶୁ ଡାକ୍ତରଖାନା ଅଧୀନରେ ଥିବା ପଣ୍ଡୁଆ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଏବେ ପ୍ରହସନ ପାଲଟିଥିବା ଅଭିଯୋଗ ହୋଇଛି। ନିୟମ ଅନୁସାରେ ସପ୍ତାହରେ ଦୁଇ ଦିନ ଏହି କେନ୍ଦ୍ର ଖୋଲିବା କଥା ଥିଲେ ମଧ ବାସ୍ତବରେ ବର୍ଷ ବର୍ଷ ଧରି ତାଲା ଝୁଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଚିକିତ୍ସା କେନ୍ଦ୍ର ପରିସର ଜଙ୍ଗଲରେ ଭରିଯାଇଥିବା ବେଳେ ଏହା ସାପଙ୍କ ଚରାଭୂଇଁ ପାଲଟିଛି। ପଶୁପାଳକମାନେ ପଶୁଙ୍କ ଚିକିତ୍ସା ପାଇଁ ଆସି ନିରାଶ ହୋଇ ଫେରୁଥିବା ଅଭିଯୋଗ କରିଛନ୍ତି। ସରକାର ଚିକିତ୍ସା କେନ୍ଦ୍ର ପାଇଁ ଘର ନିର୍ମାଣ କରିଥିବା ବେଳେ ମରାମତି ପାଇଁ ଅନୁଦାନ ମଧ ଆସୁଛି, ତେବେ ସେବା କାହିଁକି ମିଳୁନାହିଁ ବୋଲି ପ୍ରଶ୍ନ ଉଠିଛି। ଅନ୍ୟପଟେ ଏହି ବିଷୟରେ ସମ୍ପୃକ୍ତ ପଶୁସମ୍ପଦ ନିରୀକ୍ଷକ କହିଛନ୍ତି ଯେ ପଣ୍ଡୁଆ କେନ୍ଦ୍ର ତାଙ୍କର ଚାର୍ଜ ସେଣ୍ଟର ହୋଇଥିବା ବେଳେ ଅଳତି ହେଉଛି ମୁଖ୍ୟ କେନ୍ଦ୍ର। ମୁଖ୍ୟ କେନ୍ଦ୍ରରେ ଅଧିକ କାର୍ଯ୍ୟଭାର ଥିବାରୁ ପଣ୍ଡୁଆ କେନ୍ଦ୍ରକୁ ନିୟମିତ ଆସିବା ସମ୍ଭବ ହେଉନାହିଁ। ଏହାସହ ଏଠାକୁ ଔଷଧ କିମ୍ବା ଚିକିତ୍ସା ଉପକରଣ ମଧ ଆସୁନଥିବା ସେ କହିଛନ୍ତି। ତେବେ ପ୍ରଶ୍ନ ଉଠୁଛି, ଯଦି ଚିକିତ୍ସା କେନ୍ଦ୍ର ଚାଲିବ ନାହିଁ, ତେବେ ସରକାରୀ ଅର୍ଥରେ ନିର୍ମିତ ଏହି ଭିତ୍ତିଭୂମିର ଉଦ୍ଦେଶ୍ୟ କ'ଣ? ପଶୁପାଳକଙ୍କୁ ସେବା ଯୋଗାଇବା ପାଇଁ କେବେ ସକ୍ରିୟ ହେବ ପଣ୍ଡୁଆ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର। ତେବେ ଖୁବ୍ ଶୀଘ୍ର ଏହି କେନ୍ଦ୍ର ଖୋଲିବାକୁ ଗ୍ରାମର ତପନ ଜେନା, ବିଦ୍ୟାଧର ଜେନା, ରମେଶ ଜେନା, ହିମାଂଶୁ ଜେନା, ଭାଗିନ ଜେନା, ଅଭିନାଶ ଜେନା, ରାଜା ଜେନା, ରଜତ ଜେନା, ମୁନା ଜେନା ପ୍ରମୁଖ ଦାବି କରିଛନ୍ତି।

## ଖିରେଇଟାଙ୍ଗିରୀରେ ରକ୍ତଦାନ ଶିବିର

ତୁରୁମୁଙ୍ଗା, ୨୬।୬(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ପାଳନ ଅବସରରେ ଶୁକ୍ରବାର କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଖିରେଇଟାଙ୍ଗିରୀସ୍ଥିତ ମା' ଟାଙ୍ଗରାଣୀପାଟ ଫାର୍ମର ପ୍ରଡ୍ୟୁସର କମ୍ପାନୀ ପକ୍ଷରୁ ଏକ ମେଗା ସ୍ୱେଚ୍ଛାକୃତ

### ୫୫ ୟୁନିଟ ସଂଗ୍ରହ

ରକ୍ତଦାନ ଶିବିରରୁ ୫୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଯୁବକଯୁବତୀ, ଛାତ୍ରଛାତ୍ରୀ, ମହିଳା ଓ ସ୍ୱେଚ୍ଛାସେବୀମାନେ ଉତ୍ସାହର ସହ ରକ୍ତଦାନ କରିଥିଲେ। ସମାଜସେବୀ ମାଣିକ ମହାନ୍ତ, ଝରଣା ଘଣା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ମା ଟାଙ୍ଗରାଣୀପାଟ ଫାର୍ମର ପ୍ରଡ୍ୟୁସରର ପ୍ରତିଷ୍ଠାତା ରାଧାକାନ୍ତ ମହାନ୍ତ, ପରିଚାଳନା ନିର୍ଦ୍ଦେଶକ କୋମଳ ଲୋଚନ ମହାନ୍ତ,




ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ରବିନାରାୟଣ ମହାନ୍ତ, ଭରସା ପରିବାର ପକ୍ଷରୁ ଲମ୍ବୋଦର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ଡାକ୍ତର ମନୁ ମଙ୍ଗତ ମାରାଣ୍ଡି, ଅକ୍ଷୟ କୁମାର ସାହୁ, କବିତା ସେଠୀ, ଭାଗୀରଥି ମହାକୁଡ଼, ତପନ ନାଏକ ଦେବାଶିଷ ସାହୁ ରକ୍ତ ସଂଗ୍ରହ କରିଥିଲେ। ମିତ୍ରଭାନୁ ମହାନ୍ତ, ସୁବ୍ରତ ଦ୍ୱିବେଦୀ, ସୁଧାଂଶୁ ଶେଖର ନାଏକ, ରାମଚନ୍ଦ୍ର ମହାନ୍ତ, ଦୈତାରୀ ମହାନ୍ତ, ହେମନ୍ତ ନାଏକ ନରେଶ ପାତ୍ର ସହଯୋଗ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଯୁଦ୍ଧ ମାନବ ସଭ୍ୟତାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବା ପୂର୍ବରୁ ମଣିଷ ଯୁଦ୍ଧର ସମସ୍ତ ସମ୍ଭାବନାକୁ ସମାପ୍ତ କରିଦେବା ଠିକ୍ ହେବ।
-ଜେ ଏଫ୍ କେନେଡ଼ି

## ଅଭିଭାବକତ୍ୱର ଦ୍ୱନ୍ଦ୍ୱ

ଆଇନ ପ୍ରଣୟନ କରିବା ପୂର୍ବରୁ ଏହାର ସର୍ବବ୍ୟାପୀ ପ୍ରଭାବ ସମୀକ୍ଷା ନ କରି ତରବରିଆ ଭାବେ କେବଳ ସଂଖ୍ୟାଗରିଷ୍ଠତା ବଳରେ ପାରିତ କରାଇ ନେବାର ପରିଣତି କ'ଣ ହୋଇପାରେ ତାହା ଏଆରଟି ଓ ସରୋଗେସୀ ଆଇନ ପରବର୍ତ୍ତୀ ଉପୁଜିଥିବା ଜଟିଳ ସମସ୍ୟା ଏବଂ ମାନବାଧିକାର, ବୈଧାନିକ ଓ ସାମ୍ବିଧାନିକ ବିବାଦକୁ ତର୍ଜମା କଲେ ବୁଝାପଡ଼ିଯିବ। ଏବେ ପରିସ୍ଥିତି ଏଭଳି ହେଲାଣି ଯେ ଆଇନଗତ ଦ୍ୱନ୍ଦ୍ୱକୁ ଏଡ଼ାଇବା ପାଇଁ ଯେଉଁ ଆଇନ ପ୍ରଣୟନ ହୋଇଥିଲା ତାହା ହିଁ ଏବେ ଖୋଦ୍ ନ୍ୟାୟିକ ଜାଲରେ ଛନ୍ଦି ହୋଇପଡ଼ିଛି। ଦିନକୁ ଦିନ ମାମଲା ବୋଝ ବଢ଼ିବାରେ ଲାଗିଛି। କେତେକ ମାମଲା ଆନ୍ତର୍ଜାତିକ ଆଇନ ସହିତ ଲଢ଼େଇ ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

ପ୍ରାକୃତିକ କାରଣରୁ ଯେଉଁ ମହିଳାମାନେ ନିଜ ଗର୍ଭାଶୟରେ ନିଜ ସନ୍ତାନଙ୍କୁ ଧାରଣ କରିବାକୁ ଅସମର୍ଥ ହୁଅନ୍ତି ସେମାନଙ୍କ ପାଇଁ ବିଜ୍ଞାନ ବରଦାନ ସାବ୍ୟସ୍ତ ହୋଇଛି। ଟେଷ୍ଟଟ୍ୟୁବ୍ ବେବି ପରେ ଏବେ 'ସରୋଗେସି ମଦର'(ଅନ୍ୟର ଭ୍ରୂଣକୁ ନିଜ ଗର୍ଭାଶୟରେ ରଖି ବିକଶିତ କରୁଥିବା ମହିଳା) ଏବଂ ଭ୍ରୂଣକୁ ଭଣ୍ଡାରଣ କରି ପରବର୍ତ୍ତୀ ସମୟରେ ସନ୍ତାନ ଜନ୍ମ କରିବାର ଯୋଜନା ଓ କୌଶଳ ଆଦୃତ ହେବାରେ ଲାଗିଛି। ଏପରିକି ବିଦେଶରେ ଏହା ଏକ ବ୍ୟବସାୟରେ ପରିଣତ ହୋଇଯାଇଛି। ଏହାଛଡ଼ା ଆଜିର ବ୍ୟସ୍ତବହୁଳ ଜୀବନରେ କର୍ମଜୀବୀ ମହିଳାମାନେ ମାତୃତ୍ୱର ଜଞ୍ଜାଳକୁ ଆଦରି ନେବାକୁ ଚାହୁଁ ନ ଥିବା ବେଳେ ସମ୍ପତ୍ତିର ଉତ୍ତରାଧିକାରୀ ଭାବେ ସେମାନେ ସନ୍ତାନସନ୍ତତି ଅପରିହାର୍ଯ୍ୟ ବୋଲି ମନେ କରୁଛନ୍ତି। ଏହି ପରସ୍ପର ବିରୋଧୀ ମାନସିକତା ଓ ବାଧ୍ୟବାଧକତାରୁ ଜନ୍ମ ନେଇଛି ସରୋଗେସି ମଦର ଓ ଭ୍ରୂଣ ଭଣ୍ଡାରଣ ଭଳି ଅଭିନବ ପରିକଳ୍ପନା।

ବିଜ୍ଞାନର ଏହି ବରଦାନ କିନ୍ତୁ ବିଭିନ୍ନ ଦେଶ ସମେତ ଭାରତରେ ମଧ୍ୟ ଆଇନଗତ ଜଟିଳତା ଓ ମାମଲା ବୋଝ ସୃଷ୍ଟି କରୁଥିବାରୁ ତାହାର ନିରାକରଣ ପାଇଁ ଭାରତ ସରକାର ୨୦୨୧ ମସିହାରେ 'ଆସିଷ୍ଟେଡ୍ ରିପ୍ରଡକ୍ଟିଭ୍ ଟେକ୍ନୋଲଜି(ରେଗୁଲେସନ୍) ଆକ୍ଟ'(ଏଆରଟି) ଓ 'ସରୋଗେସି(ରେଗୁଲେସନ୍) ଆକ୍ଟ' ପ୍ରଣୟନ କରିଛନ୍ତି, ଯାହା ୨୦୨୨ ଜାନୁଆରୀ ୨୫ ତାରିଖରୁ କାର୍ଯ୍ୟକାରୀ ହେଉଛି। ଏହାସତ୍ତ୍ୱେ ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ମାମଲା ବୋଝମାନ ବଢ଼ିବାରେ ଲାଗିଛି। ମୁଖ୍ୟତଃ ଆଇନରେ ଥିବା ବୟସ ସୀମା ହିଁ ଏବେ ଅଧିକ ବିବାଦ ଓ ଜଟିଳତା ସୃଷ୍ଟି କରିଛି। ଏହାଛଡ଼ା ଆହୁରି କେତେକ ମାନବାଧିକାର ପ୍ରଶ୍ନ ଏଥିସହିତ ସ୍ୱତଃ ଯୋଡ଼ି ହୋଇଯାଉଛି।

ଏଆରଟି ଆଇନ ଅନୁଯାୟୀ ମହିଳାଙ୍କ ବୟସସୀମା ସର୍ବନିମ୍ନ ୨୧ ରୁ ସର୍ବୋଚ୍ଚ ୫୦ ବର୍ଷ ଏବଂ ପୁରୁଷଙ୍କ ବୟସସୀମା ସର୍ବନିମ୍ନ ୨୧ ରୁ ୫୫ ବର୍ଷ ହୋଇଥିବା ଆବଶ୍ୟକ। ସେହିପରି ସରୋଗେସୀ ଆଇନ ଅନୁଯାୟୀ ମହିଳାଙ୍କ ସର୍ବନିମ୍ନ ବୟସସୀମା ୨୩ - ୫୦ ବର୍ଷ ମଧ୍ୟରେ ଏବଂ ପୁରୁଷ କ୍ଷେତ୍ରରେ ୨୬- ୫୫ ବର୍ଷ ହେବା ବାଞ୍ଛନୀୟ। କିନ୍ତୁ ଏଠାରେ ଆଉ ଏକ ଆଇନଗତ ଜଟିଳତା, ଦ୍ୱନ୍ଦ୍ୱ ବା ବିବାଦ ଉଠିଛି। ଯେଉଁ ପୁରୁଷ ଓ ମହିଳାମାନେ ଏଆରଟି ଓ ସରୋଗେସୀ ଆଇନ ପାରିତ ହେବା ପୂର୍ବରୁ ସେମାନଙ୍କ ଡିମ୍ବାଣୁ ଓ ଶୁକ୍ରାଣୁର ଭଣ୍ଡାରଣ କରି ରଖିଛନ୍ତି ତାହାକୁ ଭ୍ରୂଣରେ ପରିବର୍ତ୍ତନ କରିବା ବେଳେ ଆଇନ ଅନୁମୋଦିତ ବୟସ ସୀମା ଲାଗୁ ହେବ କି ନାହିଁ? ଏଭଳି ଏକ ବିବାଦର ଶୁଣାଣି ବେଳେ ସର୍ବୋଚ୍ଚ ନ୍ୟାୟାଳୟର ଡିଭିଜନ୍ ବେଞ୍ଚ ୨୦୨୫ ଅକ୍ଟୋବର ମାସରେ ଏକ ରାୟରେ କହିଥିଲେ ଯେ ଆଇନ ପ୍ରଣୟନ ପୂର୍ବରୁ ପିଛିଲା ଭାବେ ବୟସ କଟକଣା ଲାଗୁ ହୋଇପାରିବ ନାହିଁ। ପ୍ରଶ୍ନ ଓ ସମାଧାନ କେବଳ ଏତିକିରେ ସରିନାହିଁ। ଆଇନର ଗୋଟିଏ ଧାରାର ତର୍ଜମା ସହିତ ଅନ୍ୟ ଏକ ବିବାଦ ଓ ଦ୍ୱନ୍ଦ୍ୱ ଜନ୍ମ ନେଉଥିବାରୁ ଆଇନ କ୍ରମଶଃ ଜଟିଳ ହେଉଛି ଏବଂ ଏହାକୁ ଏବେ ସର୍ବୋଚ୍ଚ ନ୍ୟାୟାଳୟର ସମ୍ବିଧାନ ଖଣ୍ଡପୀଠକୁ ପଠାଇ ଦିଆଯାଇଛି।

ଏବେ ସମ୍ବିଧାନ ଖଣ୍ଡପୀଠରେ ବିଚାରାଧୀନ ଥିବା କେତେକ ପ୍ରଶ୍ନ ଏହିପରି - ଆଇନ ପ୍ରଣୟନ ପୂର୍ବରୁ ବୟସ ସୀମା ନିର୍ବିଶେଷରେ ଡିମ୍ବାଣୁ ଓ ଶୁକ୍ରାଣୁ ଦାନ ଦ୍ୱାରା ପ୍ରୟୋଗଶାଳାରେ ଭ୍ରୂଣ ଗଠିତ ହୋଇସାରିଥିଲେ ଭ୍ରୂଣ ବିକାଶ ବେଳେ ଅଭିଭାବକଙ୍କ ପାଇଁ ଆଇନର ବୟସ ସର୍ତ୍ତ ଲାଗୁ ହେବ କି ନାହିଁ? ଗ୍ୟାମେଟ୍ସ(ପ୍ରଜନନକ୍ଷମ କୋଷ) ଦାତାଙ୍କ ମୃତ୍ୟୁ ପରେ ଭ୍ରୂଣକୁ ବିକଶିତ କରାଯାଇପାରିବ କି ନାହିଁ? ଏବଂ ଏହାର ଉତ୍ତରାଧିକାର କାହା ପାଖରେ ରହିବ? କାରଣ ଏଆରଟି ଆଇନରେ ଗେମେଟ୍ ବା ଭ୍ରୂଣର ଉତ୍ତରାଧିକାର ବା ନୋମିନି ବ୍ୟବସ୍ଥାକୁ ବାରଣ କରାଯାଇଛି। ଭଣ୍ଡାରଣ ହୋଇଥିବା ଶୁକ୍ରାଣୁ ଓ ଡିମ୍ବାଣୁ ବା ଭ୍ରୂଣକୁ ଅନ୍ୟକୁ ଦାନ କରାଯାଇପାରିବ କି ନାହିଁ? ଏକ ଦୀର୍ଘ ଭବିଷ୍ୟତ ପାଇଁ ଭ୍ରୂଣ ଭଣ୍ଡାରଣ ହୋଇସାରିବା ପରେ ଯଦି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଛାଡ଼ପତ୍ର ହୁଏ, ତେବେ ଭ୍ରୂଣରୁ ଜନ୍ମ ନେବାକୁ ଥିବା ଶିଶୁର ଅଭିଭାବକ କିଏ ହେବ? ପୁଣି ଭଣ୍ଡାରଣ ହୋଇଥିବା ଭ୍ରୂଣର ବିକାଶ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଯଦି କୌଣସି ପକ୍ଷ(ସ୍ୱାମୀ କିମ୍ବା ସ୍ତ୍ରୀ) ଚୁକ୍ତିନାମାରୁ ଓହରି ଯାଆନ୍ତି(ଆଇନରେ ଏଭଳି ବ୍ୟବସ୍ଥା ରହିଛି) ତେବେ ତାହାକୁ କୌଣସି ପ୍ରୟୋଗଶାଳାରେ ବିକାଶ କରାଯାଇପାରିବ କି ନାହିଁ? ସେ କ୍ଷେତ୍ରରେ ଭ୍ରୂଣର ଅଭିଭାବକତ୍ୱ କିଏ ନେବ? ଯଦି ଅଭିଭାବକ ସ୍ଥିର ନ ହୁଏ ତେବେ ଭ୍ରୂଣଟିକୁ ନଷ୍ଟ କରି ଦିଆଯିବ କି? ଯଦି ସେଭଳି ହୁଏ ତେବେ ଭ୍ରୂଣ ହତ୍ୟା ଅପରାଧଭୁକ୍ତ ହେବ ନାହିଁ କି? ଏଆରଟି ଆଇନ ଅନୁଯାୟୀ, ଭ୍ରୂଣ ବିକଶିତ ହୋଇ ଶିଶୁ ରୂପରେ ଜନ୍ମ ନ ନେବା ପର୍ଯ୍ୟନ୍ତ ଜଣେ ମହିଳା ମାତୃତ୍ୱର ଦାବି କରିପାରିବ ନାହିଁ। କିନ୍ତୁ ଯଦି ଭ୍ରୂଣ ବିକାଶ ହେବା ପୂର୍ବରୁ ଛାଡ଼ପତ୍ର ପରି ସମସ୍ୟା ଆସେ ତେବେ ବିବାହିତାଙ୍କୁ ମାତୃତ୍ୱ ଅଧିକାରରୁ ବଞ୍ଚିତ କଲା ଭଳି ହେବ ନାହିଁ କି?

ସମସ୍ୟା ଏତିକିରେ ସରି ନାହିଁ। ଯଦି କୌଣସି ମହିଳା ଭାରତରେ ଭ୍ରୂଣ ଭଣ୍ଡାରଣ ପରେ ବିଦେଶ ଚାଲିଯାଇଛନ୍ତି ଏବଂ ଦୀର୍ଘବର୍ଷ ପରେ(ଆଇନ ପାରିତ ହେବା ପରେ) ପୁଣି ଭାରତରେ ସରୋଗେସୀ ଜରିଆରେ ସନ୍ତାନ ଜନ୍ମ କରିବାକୁ ଚାହୁଁଛନ୍ତି ସେଭଳି କ୍ଷେତ୍ରରେ ଏଆରଟି ଆଇନ ସମ୍ପୃକ୍ତ ମହିଳାଙ୍କ ଅନୁମତି ଦେଉ ନାହିଁ। ସେହିଭଳି ଛାଡ଼ପତ୍ର ହୋଇସାରିଥିବା ବା ସ୍ୱାମୀ ପରିତ୍ୟକ୍ତ ଜଣେ ମହିଳାଙ୍କ କ୍ଷେତ୍ରରେ ସରୋଗେସୀ ବା ଏଆରଟି ଜରିଆରେ ସନ୍ତାନ ଲାଭ ପାଇଁ ଅନୁମତି ଥିବା ବେଳେ ଜଣେ ସ୍ତ୍ରୀ ପରିତ୍ୟକ୍ତା ବା ଛାଡ଼ପତ୍ର ହୋଇଥିବା ପୁରୁଷ ବଂଶରକ୍ଷା ପାଇଁ ସେ ଅଧିକାର ପାଇପାରିବେ ନାହିଁ। ଏଆରଟି ଆଇନ ଆଧାରିତ ବୟସ ସୀମା ମଧ୍ୟରେ ଏକାଧିକ ଗେମେଟ୍ ଦାନ ଓ ଗ୍ରହଣ ହୋଇସାରିଥିଲେ ମଧ୍ୟ ଯଦି ଗୋଟିକର ବିଫଳତା ପରେ ଅନ୍ୟଟିର ପ୍ରୟୋଗ ବେଳକୁ ସମ୍ପୃକ୍ତ ଦମ୍ପତିଙ୍କ ମଧ୍ୟରୁ ଜଣଙ୍କର ମଧ୍ୟ ବୟସ ସୀମା ଅତିକ୍ରାନ୍ତ ହୋଇସାରିଥିବେ ତେବେ ଭ୍ରୂଣ ବିକାଶ ପାଇଁ ଆଇନ ଅନୁମତି ଦେଉନାହିଁ। ଯଦି ଏକ ଦମ୍ପତି ଏକାଧିକ ଭ୍ରୂଣ ଭଣ୍ଡାରଣ କରି ରଖିଥା'ନ୍ତି ଏବଂ ସେଥିମଧ୍ୟରୁ ଗୋଟିକର ପ୍ରତିରୋପଣରେ ସଫଳତା ମିଳେ ବା ଶିଶୁ ଜନ୍ମ ନିଏ ତେବେ ଅନ୍ୟଗୁଡ଼ିକୁ କ'ଣ କରାଯିବ ସେହି ପ୍ରଶ୍ନର ଉତ୍ତର ମଧ୍ୟ ଆଇନରେ ନାହିଁ। ●

## ପାଞ୍ଚଘଣ୍ଟା ବନାମ୍ ପାଞ୍ଚଶହ ଟଙ୍କା

ଡ. ନିରଞ୍ଜନ ସାହୁ

ଦିଅଁ କହୁଁ କହୁଁ ପ୍ରତି ଓଡ଼ିଆଙ୍କ ଆଖିଆଗରେ ନାଚିଯାଏ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହର ସାଙ୍କେତିକ ରୂପ ଚକାଆଖି। ଭାବନା ଆରମ୍ଭ ହେଉଁ ହେଉଁ ଚକ୍ଷୁ ଲୋତକାପ୍ଲୁତ ହୁଏ। ଶହଶହ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଉତ୍କଳୀୟମାନଙ୍କ ହୃଦୟରେ ରହିଆସିଛନ୍ତି ମହାପ୍ରଭୁ। ବଡ଼ଦେଉଳର ରତ୍ନ ସିଂହାସନରେ ବସିଥିବା କାଳିଆଠାକୁରଙ୍କୁ ଦର୍ଶନର ଅଭିଳାଷ କେଉଁ ହିନ୍ଦୁର ବା ନାହିଁ?

ମାତ୍ର କାଳିଆଠାକୁରଙ୍କୁ ରତ୍ନବେଦୀରେ ଦର୍ଶନ କରିବା କିଛି ବର୍ଷ ହେଲା ହୋଇପଡ଼ିଛି ଅତ୍ୟନ୍ତ କଷ୍ଟସାଧ୍ୟ। ବୟସ ବଢ଼ିଲେ ଦିଅଁଙ୍କ ଦର୍ଶନ କରିବାର ଆଗ୍ରହ ବହୁଗୁଣ ବର୍ଦ୍ଧିତ ହୁଏ। ମାତ୍ର ବର୍ଷୀଆନମାନଙ୍କ ପାଇଁ ଶୃଙ୍ଖଳିତ ଦର୍ଶନର ଦୁର୍ମୂଲ୍ୟ ଅନୁଭବ ପାଇବାର ସମ୍ଭାବନା ହୋଇଯାଇଛି ଶୂନ୍ୟର ପାଖାପାଖି। ଦର୍ଶନାର୍ଥୀଙ୍କ ଭିଡ଼କୁ ଶୃଙ୍ଖଳିତ କରିବା ପାଇଁ ଯେ ପ୍ରୟାସ କରାଯାଇନାହିଁ, ତାହା ନୁହେଁ। ମାତ୍ର ଫଳ ହୋଇଛି ନିତାନ୍ତ ନୈରାଶ୍ୟଜନକ। ଶ୍ରୀଜଗନ୍ନାଥ ଧାମରେ ଦର୍ଶନକୁ ଶୃଙ୍ଖଳିତ ଓ ସମନ୍ୱିତ କରିବା ପାଇଁ ହୋଇଥିବା ପ୍ରଚେଷ୍ଟା ଉପରେ ଅତୀତରେ ଆକ୍ରମଣ ହୋଇଛି ବାରମ୍ବାର। ସବୁ ସଂସ୍କାରକୁ ସାଧାରଣତଃ ବିରୋଧ କରାଯାଇଥାଏ। ଏହା ଏକ ସଚରାଚର ଦୃଶ୍ୟ। ପ୍ରାୟ ଶହେ ବର୍ଷ ତଳେ ଯେତେବେଳେ ପୁରୀକୁ ବିଜୁଳି ଆଲୁଅ ଆସିଲା ସେତେବେଳେ ମନ୍ଦିର ବେଢ଼ାକୁ ଆଲୋକିତ କରିବା ପରି ଏକ ପ୍ରସ୍ତାବକୁ ମନ୍ଦିର ସହିତ ସଂପୃକ୍ତ ପାରିଷଦ ଓ ସେବାୟତମାନେ ପ୍ରବଳ ବିରୋଧ କରିଥିଲେ। ବିଗତ ସରକାର ବଡ଼ ଦେଉଳ ସାମ୍ନା ଏବଂ ନିକଟସ୍ଥ ଅଞ୍ଚଳକୁ ପରିଷ୍କାର ଓ ଉନ୍ମୁକ୍ତ ରଖିବାକୁ ଚେଷ୍ଟାକଲା ବେଳେ ମଧ୍ୟ ବହୁ ବିରୋଧର ସାମ୍ନା କରିଥିଲେ। ମାତ୍ର ଦୃଢ଼ ଇଚ୍ଛାଶକ୍ତି ଫଳରେ ତାହା ସମ୍ଭବ ହୋଇଥିଲା। ଧାଡ଼ି ଦର୍ଶନକୁ ମନ୍ଦିରର ସେବାୟତମାନେ ବିରୋଧକରି କହିଥିଲେ ଆମ ବଡ଼ଠାକୁରଙ୍କର ଏକ ଦର୍ଶନ ହେଉଛି ସାହାଣମେଳା। ତାହା ଧାଡ଼ି ଦର୍ଶନର ଠିକ୍ ବିପରୀତ। ସାହାଣମେଳା ଅର୍ଥ ହେଲା ଭିଡ଼ ସଂସ୍କୃତି। ଅର୍ଥାତ୍ ସେଠାରେ ଯେକୌଣସି କାର୍ଯ୍ୟ ବି ସମ୍ଭବ। ଠେଲାପେଲା ହେଲେ ବୃଦ୍ଧ, ମହିଳା, ବାଳକ / ବାଳିକାଙ୍କର ଅବସ୍ଥା କ'ଣ ହୋଇପାରେ ଆପଣ ଚିନ୍ତା କରନ୍ତୁ। ଇଂରାଜୀରେ ଏହାର ସମାନ ଅର୍ଥବୋଧକ ହୋଇପାରେ ଫ୍ରି ଫର ଅଲ୍। ମାତ୍ର ଏକ ସଭ୍ୟ ଜଗତ ସବୁବେଳେ ଆଶା କରେ ଭକ୍ତମାନଙ୍କ ପାଇଁ ଏକ ଶୃଙ୍ଖଳିତ ଓ ନିରୁପଦ୍ରୁତ ଦର୍ଶନ। ବର୍ତ୍ତମାନ ଅବସ୍ଥାରେ ସେ ପରିଦର୍ଶନ କହିଲେ ବୋଧହୁଏ ଆପଣ ଓ ମୁଁ ସମସ୍ତେ ଭାବିବା ତାହା କେବଳ ଭି.ଆଇ.ପି. ଦର୍ଶନ।

ଏବେ ଯଦି ଆପଣ ଧାଡ଼ିରେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ ତା'ହେଲେ ହାରାହାରି ପାଞ୍ଚଘଣ୍ଟା ଲାଗିବ। ଗୁଗୁଲ ପଢ଼ି ଘଣ୍ଟେରୁ ଦୁଇଘଣ୍ଟାର ଅବଧି ଭିତରେ ହୋଇ ପାରୁଥିବା ଦର୍ଶନ କଥା ଭାବି ଧାଡ଼ିରେ ଠିଆ ହୋଇ ଆପଣ ଦୀର୍ଘଶ୍ୱାସ ଛାଡୁଥିବେ। ଧାଡ଼ିରେ ବି ଠେଲାପେଲାରୁ ନିସ୍ତାର ନାହିଁ। ମଝିରେ ମଝିରେ କୌଣସି ଅଜ୍ଞାତ କାରଣରୁ ଧାଡ଼ି ସ୍ଥିର ହୋଇ ରହିଯିବ। ଅନ୍ୟ ବିଶିଷ୍ଟ ମନ୍ଦିରରେ ଯେପରି ମଝିରେ ମଝିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ପରିବେଷଣର ବ୍ୟବସ୍ଥା ଅଛି, ଏଠାରେ ତା'ର ଅବସ୍ଥିତି ନଗଣ୍ୟ। ଧାଡ଼ି ମଧ୍ୟ ଠାକୁରଙ୍କ ନିକଟପର୍ଯ୍ୟନ୍ତ ପରିବ୍ୟାପ୍ତ ନୁହେଁ। ଧାଡ଼ି ଯେଉଁଠି ଶେଷ ହୋଇଛି ସେଠାରୁ ମାତ୍ର କେଇ ପାହୁଣ୍ଡର ଦୂରତା ସାତପାହାଚକୁ। ମାତ୍ର ସେତିକି ଧୈର୍ଯ୍ୟ କାହାରି ନାହିଁ ଯେମିତି! କିଛିଲୋକ ସେଇ ଦୌଡ଼ ଓ ଠେଲାପେଲାରେ ନିତିଦିନ ଆହତ ହୁଅନ୍ତି। ଭି.ଆଇ.ପିଙ୍କ ଆଗରେ ବିନମ୍ର ଆଜ୍ଞାଧୀନ ପରି ଆଚରଣ କରୁଥିବା ସେବାୟତମାନେ ଆମମାନଙ୍କ ପରି ସାଧାରଣ ଦର୍ଶନାର୍ଥୀଙ୍କ ଉପରେ କିପରି ବ୍ୟବହାର କରନ୍ତି ଆମ ଭିତରୁ ପ୍ରାୟ ସମସ୍ତେ ଅନୁଭବୀ।

ଆପଣଙ୍କୁ ଲାଗୁଥିବ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ଆସୁଥିବା ଭକ୍ତଙ୍କର ସଂଖ୍ୟା ଅତ୍ୟଧିକ ହେଉଥିବାରୁ ଯାହା ପ୍ରସ୍ତୁତି କଲେ ବି ତାହା ପର୍ଯ୍ୟାପ୍ତ ହେଉନାହିଁ। ପ୍ରାପ୍ତ ତଥ୍ୟ ଅନୁସାରେ ପର୍ବପର୍ବାଣୀକୁ ଛାଡ଼ିଦେଲେ ଶ୍ରୀଗଜନ୍ନାଥ ଦର୍ଶନ ପାଇଁ ପ୍ରତିଦିନ ଅନ୍ତତଃ ପଚାଶହଜାର ଲୋକ ଯାଆନ୍ତି। ମାତ୍ର ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ତିରୁପତି ବାଲାଜୀଙ୍କ ମନ୍ଦିରରେ ସେମିତି ସାଧାରଣ ଦିନରେ ଭକ୍ତଙ୍କ ସଂଖ୍ୟା ସତୁରୀହଜାରରୁ ଲକ୍ଷେ ଭିତରେ ଏବଂ ଗତବର୍ଷରୁ ଭକ୍ତଙ୍କ ପାଇଁ ଖୋଲିଥିବା ଶ୍ରୀରାମଜନ୍ମଭୂମି ଅଯୋଧ୍ୟାରେ ଦୈନିକ ଦର୍ଶନାର୍ଥୀ ସଂଖ୍ୟା ଲକ୍ଷେରୁ ଦେଢ଼ଲକ୍ଷ ଭିତରେ। ଯଦି ସେଠାରେ ଶୃଙ୍ଖଳିତ ଦର୍ଶନ ସମ୍ଭବ ହେଉଛି ପୁରୀ ମନ୍ଦିରରେ ତାହା ଅସମ୍ଭବ କାହିଁକି?

ପୁରୀ ମନ୍ଦିରରେ ସାଧାରଣ ଯାତ୍ରିଟିଏ ଧାଡ଼ି ଦର୍ଶନରେ ଯାଇ ଫେରିବା ପରେ ତାଙ୍କର ଅନୁଭୂତି ବର୍ଣ୍ଣନା କଲେ ଆପଣ ତାଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବେ। ଆଉ ଏତିକି ବେଳେ ଆଉ ଜଣେ ନିଜର ବିରଳ ଦର୍ଶନର ଅନୁଭୂତି ବର୍ଣ୍ଣନା କରି ଆପଣଙ୍କୁ ପ୍ରଲୁବ୍ଧ କରିଦେବେ। ଅବିଶ୍ୱାସ ଲାଗୁଥିଲେ ବି ସତ ଯେ ଅନେକ ସେବାୟତ ବୋଲି ନିଜକୁ ପରିଚୟ ଦେଇ ପାଞ୍ଚଶହ ଟଙ୍କା ନେଇ ଯାତ୍ରୀଙ୍କୁ ସିଧା ନାଟମଣ୍ଡପରେ ଗରୁଡ଼ସ୍ତମ୍ଭ ପାଖରେ ପହଞ୍ଚାଇ ଦେଉଛନ୍ତି। ଏହା ଧାଡ଼ିଦର୍ଶନ କରି ଆପଣଙ୍କ ପରି ଆଜ୍ଞାବହଙ୍କ ପ୍ରତି କେଡ଼େ ବେଦନାଦାୟକ ତାହା ମନେ ପକାନ୍ତୁ। ଶ୍ରୀଜଗନ୍ନାଥ ମନ୍ଦିର କାହାରି ବ୍ୟକ୍ତିଗତ ସଂପତ୍ତି ନୁହେଁ, ଏହାର ପରିଚାଳନା ଦାୟିତ୍ୱ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ ଅନୁସାରେ ଓଡ଼ିଶା ସରକାର ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ସମିତି ଉପରେ ନିର୍ଦ୍ଧାରିତ। ଯଦି ଦୈନିକ ଅନ୍ତତଃ ଚାଳିଶ ହଜାରରୁ ଅଧିକ ଲୋକ ଅଶାନ୍ତି ହୋଇ ଦର୍ଶନ ସାରି ଫେରୁଥିବେ ତା'ହେଲେ ତାହା ସରକାରକୁ କେତେ ଅସୁବିଧାରେ ପକାଇପାରେ ସେ ବିଷୟରେ ସରକାର କ'ଣ ସଚେତନ ନୁହନ୍ତି? ନା ତାଙ୍କଠାରେ ଦୃଢ଼ତାର ଘୋର ଅଭାବ!

ଦକ୍ଷିଣ ଭାରତରେ ଥିବା ବିଭିନ୍ନ ହିନ୍ଦୁ ମନ୍ଦିରରେ ସେବାୟତମାନେ ପୁରୁଷାନୁକ୍ରମିକ ଭାବରେ ସେବା ଦିଅନ୍ତି ନାହିଁ। ସେମାନେ ମାସିକ ଦରମାରେ ଚାକିରି କରୁଥିବାରୁ ଚାକିରି ଚାଲିଯିବାର ଭୟର ବାଧ୍ୟବାଧକତା ସେମାନଙ୍କୁ ଅଧିକ ଦାୟିତ୍ୱବାନ ଓ ଶୃଙ୍ଖଳାସମ୍ପନ୍ନ କରାଏ। ପୁରୀ ମନ୍ଦିରରେ ସେବାୟତମାନେ ପୁରୁଷାନୁକ୍ରମିକ ଭାବେ ନିୟୋଜିତ। କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଜଗନ୍ନାଥ ମନ୍ଦିରର ସତ୍ତ୍ୱଲିପି ଅନୁସାରେ ମନ୍ଦିରରେ କାର୍ଯ୍ୟରତ ସେବାୟତଙ୍କ ସଂଖ୍ୟା ୨୧୩୦ ପ୍ରାୟ ଆଠଶହ ବର୍ଷତଳେ ଥିବା ଏହି ସଂଖ୍ୟା ଗତ ଶହଶହ ବର୍ଷ ଭିତରେ ବଢ଼ିବଢ଼ି ପଚାଶ ହଜାର ପାଖାପାଖି ପହଞ୍ଚିଲାଣି। ଦିନକୁ ମାତ୍ର ସତୁରୀ/ଅଶୀ ଜଣ ସେବାୟତଙ୍କୁ ସେବା କରିବାର ସୁଯୋଗ ମିଳେ। ତେଣୁ ମୂଳ ସେବାୟତ ବଂଶର ବହୁମୁଖୀ ବିଭାଜନ ଫଳରେ ସେମାନେ କାଁ ଭାଁ ସେବା କରିବାର ସୁଯୋଗ ପାଆନ୍ତି। ତେଣୁ ସେମାନଙ୍କ ଭିତରେ ଉଗ୍ରତା ପ୍ରକାଶ ପାଇବା ଏକ ମନସ୍ତାତ୍ତ୍ୱିକ ବାସ୍ତବତା। ଅନେକ ସାଧାରଣ ଲୋକଙ୍କ ବିଚାର ହେଲା ସେବାୟତମାନଙ୍କର ଏକାଧିକାର ବନ୍ଦ ନ ହେଲେ ମନ୍ଦିର ବ୍ୟାପାରକୁ ନିୟନ୍ତ୍ରଣ କରାଯାଇପାରିବ ନାହିଁ। ମାତ୍ର ଏକଥା ନିରାଟ ସତ ଯେ କୌଣସି ନିର୍ଦ୍ଦିଷ୍ଟ ସେବାୟତଙ୍କ ମନମୁଖି କାରବାର ପାଇଁ ରାଜ୍ୟସରକାର ନିନ୍ଦିତ ହୁଅନ୍ତି ଓ ଲଜ୍ଜିତ ହୁଅନ୍ତି। ମାତ୍ର କୌଣସି ମନସ୍ତାତ୍ତ୍ୱିକ କାରଣ ପାଇଁ ରାଜ୍ୟ ସରକାରମାନେ ସବୁବେଳେ ସେମାନଙ୍କ ପ୍ରତି କୋହଳ ମନୋଭାବ ଗ୍ରହଣ କରିଥା'ନ୍ତି। ଯାତ୍ରୀଙ୍କ ଅପମାନ ଓ ଉପେକ୍ଷା ତୁଳନାରେ ସେବାୟତଙ୍କ ଦୁର୍ଦ୍ଦଶା ତାଙ୍କୁ ବେଶୀ ଘାରେ।

ପାଞ୍ଚଶହ ଟଙ୍କା ନେଇ ବେଆଇନ ଭାବରେ ଦର୍ଶନ କରାଇଦେବା କଥା ଆଉ ଲୁଚାଛପା ଘଟଣା ହୋଇ ରହିନାହିଁ। ଏହା ଏକ ଅବିସମ୍ବାଦିତ ସତ୍ୟ। ତା'ଛଡ଼ା ବିଭିନ୍ନ ଗଣମାଧ୍ୟମରେ ଏବଂ ସାମାଜିକ ଗଣମାଧ୍ୟମରେ ଏହା ବାରମ୍ବାର ପ୍ରକାଶିତ ହୋଇଆସୁଛି। ମାତ୍ର ସରକାରଙ୍କଠାରୁ ଏପର୍ଯ୍ୟନ୍ତ କୌଣସି ସଶକ୍ତ ପଦକ୍ଷେପ ନିଆଯାଇ ପାରିନାହିଁ। ଯେଉଁମାନଙ୍କର ବୟସ ଅଧିକ ସେମାନଙ୍କ ପାଇଁ ଧାଡ଼ିରେ ଏତେ ସମୟ କଷ୍ଟ। ପୁଣି ଅନେକ ଅଛନ୍ତି ଯେଉଁମାନେ ପାଞ୍ଚଶହ ଟଙ୍କା ଦେବାକୁ ସକ୍ଷମ ନୁହନ୍ତି; ସେମାନେ ବହୁ ଦୂର ତାରଜାଲିରୁ ପତିତପାବନଙ୍କୁ ଦର୍ଶନ କରି ଆଖିର ଲୁହକୁ ସମର୍ପଣ କରି ମନସ୍ତାପରେ ଫେରନ୍ତି।

୨୦୧୮ ମସିହାରେ ମୃଣାଳିନୀ ପାଢ଼ୀ ବନାମ ଭାରତ ସରକାର ନାମକ ଏକ ପି.ଆଇ. ଏଲ୍ ଶୁଣାଣି କରି ପୁରୀ ମନ୍ଦିରର ଅବ୍ୟବସ୍ଥା, ଅନିୟମିତତା ଓ ତୀର୍ଥଯାତ୍ରୀଙ୍କୁ ଉତ୍ପୀଡ଼ନ ଉପରେ ମାନନୀୟ ସୁପ୍ରିମକୋର୍ଟ ଏକ ରିପୋର୍ଟ ତଲବ କରିଥିଲେ। ତତ୍କାଳୀନ ପୁରୀ ଜିଲ୍ଲାଜଜ୍ ପର୍ଯ୍ୟାୟକ୍ରମେ ପୁରୁଷାନୁକ୍ରମିକ ସେବାପୂଜାକୁ ଲୋପ କରିବାକୁ ସୁପାରିସ କରିଥିଲେ। ମାତ୍ର ମାନ୍ୟବର ସୁପ୍ରିମକୋର୍ଟ କିଛି ଦୂରଦର୍ଶୀ ସଂସ୍କାରମୂଳକ କାର୍ଯ୍ୟକ୍ରମ ନେବା ପାଇଁ ଓଡ଼ିଶା ସରକାରଙ୍କୁ ଦାୟିତ୍ୱ ଦେଇ ନିଜ ଦାୟିତ୍ୱ ସମାପ୍ତ କରି ଦେଇଛନ୍ତି। କେବେ ଓଡ଼ିଶା ସରକାର ତାଙ୍କ ଦାୟିତ୍ୱ ତୁଲେଇବେ, ତା'ଉପରେ ସମସ୍ତଙ୍କ ନଜର। କେବଳ ଆଶ୍ୱାସନା ଦେଇ ସରକାର କେତେଦିନ ପର୍ଯ୍ୟନ୍ତ ଲୋକଙ୍କୁ ଅଟକାଇ ପାରିବେ? ●

(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ)
ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧

## ଖଣ୍ଡିତ ବିଦ୍ୟାଳୟ ବ୍ୟବସ୍ଥା ଓ ଶିକ୍ଷାଗତ ସଙ୍କଟ

ତପନ ସାହୁ

ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ ହେବା ପରେ ଦେଶରେ ଶିକ୍ଷାର ପରିସର ଅନେକ ବିସ୍ତାରିତ ହୋଇଛି। ତଥାପି ଖଣ୍ଡିତ ବିଦ୍ୟାଳୟ ବ୍ୟବସ୍ଥା ଓ ଶିକ୍ଷାଗତ ନିରନ୍ତରତାର ଅଭାବ ଶିକ୍ଷାର ମୌଳିକ ଢାଞ୍ଚାକୁ ଦୁର୍ବଳ କରିଚାଲିଛି। ଏହି ସମସ୍ୟା ନୀତି ନିର୍ଦ୍ଧାରକ ଓ ଶିକ୍ଷା ସହିତ ଜଡ଼ିତ ସମସ୍ତ ଅଂଶୀଦାରଙ୍କ ତରଫରୁ ଦୀର୍ଘମିଆଦୀ ଓ ତତ୍କାଳ ଧ୍ୟାନ ଦାବି କରୁଛି। ଭାରତର ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ବିଭିନ୍ନ ସ୍ତରରେ ଖଣ୍ଡିତ ଥିବାରୁ ଶିକ୍ଷା ପ୍ରଦାନର ଗୁଣବତ୍ତା ଓ କାର୍ଯ୍ୟକ୍ଷମତା ପ୍ରଭାବିତ ହେଉଛି।

ନିତି ଆୟୋଗଙ୍କ 'ଭାରତରେ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା: ଗୁଣବତ୍ତା ବୃଦ୍ଧି ପାଇଁ ସାମୟିକ ବିଶ୍ଳେଷଣ ଏବଂ ନୀତି ମାର୍ଗଦର୍ଶିକା' ରିପୋର୍ଟ ଅନୁସାରେ, ଖଣ୍ଡିତ ବିଦ୍ୟାଳୟ ବ୍ୟବସ୍ଥା ଓ ଶିକ୍ଷାଗତ ଅସଙ୍ଗତିକୁ ବୁଝିବା ପାଇଁ ପାଞ୍ଚଟି ପ୍ରମୁଖ ଦିଗ ଗୁରୁତ୍ୱପୂର୍ଣ୍ଣ। ପ୍ରଥମତଃ, ଶିକ୍ଷା ପାଇଁ ଏକୀକୃତ ଜିଲ୍ଲା ସୂଚନା ପ୍ରଣାଳୀ(ୟୁଡାଇଜ୍ ପ୍ଲସ୍) ୨୦୨୪୨୫ ତଥ୍ୟ ଅନୁଯାୟୀ, ଭାରତରେ ପ୍ରାୟ ୭.୩ ଲକ୍ଷ ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂଖ୍ୟା ମାତ୍ର ୧.୪ ଲକ୍ଷ। ଏହି ବିଶାଳ ଅସମାନତା ଶିକ୍ଷାର ପ୍ରାରମ୍ଭିକ ଓ ଉଚ୍ଚ ସ୍ତର ମଧ୍ୟରେ ଥିବା ବ୍ୟବଧାନକୁ ପ୍ରକାଶ କରେ। ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍ତରର ପୃଥକ ପୃଥକ ବିଦ୍ୟାଳୟ ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କୁ ଶ୍ରେଣୀ ୫, ୮ ଓ ୧୦ ପରେ ବିଦ୍ୟାଳୟ ପରିବର୍ତ୍ତନ ପାଇଁ ବାଧ୍ୟ କରେ, ଯାହା ଅନେକ ସମୟରେ ଶିକ୍ଷା ଛାଡ଼ିବାର କାରଣ ହୋଇଥାଏ। ଚିନ୍ତାର ବିଷୟ ହେଉଛି, ଦେଶର କେବଳ ପ୍ରାୟ ୫ ପ୍ରତିଶତ ବିଦ୍ୟାଳୟ ଶ୍ରେଣୀ ୧ରୁ ୧୨ ପର୍ଯ୍ୟନ୍ତ ନିରନ୍ତର ଶିକ୍ଷାର ସୁବିଧା ପ୍ରଦାନ କରେ।

ଦ୍ୱିତୀୟତଃ, ଭାରତର ବହୁସଂଖ୍ୟକ ବିଦ୍ୟାଳୟରେ ଛାତ୍ର ସଂଖ୍ୟା ଅତ୍ୟନ୍ତ କମ୍। ଏକ-ତୃତୀୟାଂଶରୁ ଅଧିକ ବିଦ୍ୟାଳୟରେ ୫୦ରୁ କମ୍ ଛାତ୍ରଛାତ୍ରୀ ଅଛନ୍ତି। ପ୍ରାୟ ୫.୧ ପ୍ରତିଶତ ବିଦ୍ୟାଳୟରେ ୧୦ରୁ କମ୍ ଏବଂ ୮ ପ୍ରତିଶତ ବିଦ୍ୟାଳୟରେ ୧୧ରୁ ୨୦ ଜଣ ଛାତ୍ରଛାତ୍ରୀ ଅଛନ୍ତି। ଏପରି କ୍ଷୁଦ୍ର ବିଦ୍ୟାଳୟଗୁଡ଼ିକୁ ପରିଚାଳନା କରିବା ଅର୍ଥନୈତିକ ଭାବେ ଅକାର୍ଯ୍ୟକ୍ଷମ ଏବଂ ପ୍ରଶାସନିକ ଭାବେ କଠିନ ହୋଇପଡ଼େ। ତୃତୀୟତଃ, ଶିକ୍ଷକ ଅଭାବ ଆଜି ମଧ୍ୟ ଏକ ଗମ୍ଭୀର ସମସ୍ୟା। ୟୁଡାଇଜ୍ ପ୍ଲସ୍ର ୨୦୨୪-୨୫ ତଥ୍ୟ ଅନୁସାରେ, ଦେଶର ୧ଲକ୍ଷରୁ ଅଧିକ ବିଦ୍ୟାଳୟ କେବଳ ଜଣେ ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଛି, ଯାହା ସମୁଦାୟ ବିଦ୍ୟାଳୟର ୭ ପ୍ରତିଶତରୁ ଅଧିକ। ଏପରି ପରିସ୍ଥିତିରେ ଜଣେ ଶିକ୍ଷକଙ୍କୁ ଏକାଧିକ ଶ୍ରେଣୀକୁ ପଢ଼ାଇବା, ପ୍ରଶାସନିକ କାର୍ଯ୍ୟ ସମ୍ଭାଳିବା, ଅଭିଭାବକଙ୍କ ସହ ଯୋଗାଯୋଗ କରିବା ଓ ମଧ୍ୟାହ୍ନ ଭୋଜନ ଯୋଜନାର ତଦାରଖ କରିବାକୁ ପଡ଼େ। ଫଳରେ ଗୁଣାତ୍ମକ ଶିକ୍ଷାଦାନ ପ୍ରାୟ ଅସମ୍ଭବ ହୋଇପଡ଼େ।

ଚତୁର୍ଥତଃ, ଶୂନ୍ୟ-ନାମଲେଖା ବିଦ୍ୟାଳୟର ସଂଖ୍ୟା ମଧ୍ୟ ସଂସ୍ଥାଗତ କାର୍ଯ୍ୟକ୍ଷମତାକୁ ପ୍ରଭାବିତ କରୁଛି। ଦେଶରେ ପ୍ରାୟ ୭, ୯୯୩ଟି ବିଦ୍ୟାଳୟରେ କୌଣସି ଛାତ୍ରଛାତ୍ରୀ ନାହାନ୍ତି। ଏହାର ସଂଖ୍ୟା ପଶ୍ଚିମବଙ୍ଗ ଓ ତେଲଙ୍ଗାନା ପରି ରାଜ୍ୟରେ ଅଧିକ। ଓଡ଼ିଶାର ସ୍ଥିତି ତୁଳନାତ୍ମକ ଭାବେ ଭଲ ଥିଲେ ମଧ୍ୟ ରାଜ୍ୟରେ ଏବେ ମଧ୍ୟ ୩ଟି ଶୂନ୍ୟ-ନାମଲେଖା ବିଦ୍ୟାଳୟ, ୧, ୦୮୯ଟି ଏକକ-ଶିକ୍ଷକ ବିଦ୍ୟାଳୟ ଏବଂ ପ୍ରାୟ ୪୭, ୯୪୦ ଛାତ୍ରଛାତ୍ରୀ ଏପରି ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ପଞ୍ଚମତଃ, ଅସମାନ ନାମଲେଖା ଓ ସମ୍ବଳ ବଣ୍ଟନର ବିଷମତା ଶିକ୍ଷାର ଗୁଣବତ୍ତାକୁ କ୍ଷତିଗ୍ରସ୍ତ କରୁଛି। ଅନେକ ବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମି ଓ ମାନବ ସମ୍ବଳର ଅଭାବ ମଧ୍ୟ ରହିଛି। ଫଳରେ ଶିକ୍ଷକମାନେ ଏକକ କକ୍ଷରେ ବହୁ-ଶ୍ରେଣୀ ଶିକ୍ଷାଦାନ କରିବାକୁ ବାଧ୍ୟ ହେଉଛନ୍ତି। କିନ୍ତୁ ଅଧିକାଂଶ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବହୁ-ଶ୍ରେଣୀ ଶିକ୍ଷାଦାନ ପ୍ରଣାଳୀ ଉପରେ ପର୍ଯ୍ୟାପ୍ତ ଗୁରୁତ୍ୱ ଦିଆଯାଏ ନାହିଁ। ଏହାର ପରିଣାମ ସ୍ୱରୂପ ଶିକ୍ଷାର ଫଳାଫଳ ଅସମାନ ରହିଯାଏ।

ଏହି ସମସ୍ୟାଗୁଡ଼ିକର ସମାଧାନ ଓ ଛାତ୍ରଛାତ୍ରୀଙ୍କ ଶିକ୍ଷା ଛାଡ଼ିବା ହାର କମାଇବା ପାଇଁ ଗଠନମୂଳକ ସଂସ୍କାର ଅତ୍ୟାବଶ୍ୟକ। ସମନ୍ୱିତ ବିଦ୍ୟାଳୟ(କମ୍ପୋଜିଟ୍ ସ୍କୁଲ୍) ଏବଂ ପ୍ରମାଣ-ଆଧାରିତ ବିଦ୍ୟାଳୟ ପୁନର୍ଗଠନ ଏହାର ମୁଖ୍ୟ ଉପାୟ ହୋଇପାରେ। ପିରାମିଡ୍ ଆକୃତିର ଶିକ୍ଷା ବ୍ୟବସ୍ଥା ପରିବର୍ତ୍ତେ ଏକ ସିଲିଣ୍ଡର ଆକୃତିର ବ୍ୟବସ୍ଥା ଗଢ଼ି ଉଠିଲେ ଛାତ୍ରଛାତ୍ରୀମାନେ ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ଏକ ସମନ୍ୱିତ ପରିବେଶରେ ଶିକ୍ଷା ଗ୍ରହଣ କରିପାରିବେ ଏହି ପୁନର୍ଗଠନ ଜାତୀୟ ଶିକ୍ଷାନୀତି ୨୦୨୦ର ୫+୩+୩+୪ ପାଠ୍ୟକ୍ରମ ଢାଞ୍ଚାକୁ ସଫଳ ଭାବରେ କାର୍ଯ୍ୟକାରୀ କରିବା ସହିତ ଭିତ୍ତିଭୂମି, ଶିକ୍ଷକ ଓ ଶିକ୍ଷା ସମ୍ବଳର ସନ୍ତୁଳିତ ବଣ୍ଟନକୁ ସୁନିଶ୍ଚିତ କରିପାରିବ। ସେହିପରି, ଶିକ୍ଷାନୀତି୨୦୨୦ର ଧାରା ୭.୬ରେ ପ୍ରସ୍ତାବିତ ସ୍କୁଲ କମ୍ପ୍ଲେକ୍ସ ବ୍ୟବସ୍ଥାକୁ ମଧ୍ୟ କାର୍ଯ୍ୟକାରୀ କରିବା ଆବଶ୍ୟକ। ଏହି ମଡେଲରେ ଏକ ମାଧ୍ୟମିକ କିମ୍ବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହବ୍ ଭାବେ କାର୍ଯ୍ୟ କରିବ ଏବଂ ଏହାର ଚାରିପାଖରେ ୫ରୁ ୧୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ଅନ୍ୟ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ଏହା ସହ ଯୋଡ଼ିତ ହେବେ।

ସ୍କୁଲ କମ୍ପ୍ଲେକ୍ସ ବ୍ୟବସ୍ଥା ଶିକ୍ଷାଗତ ନିରନ୍ତରତା, ସମାନ ସମ୍ବଳ ବଣ୍ଟନ ଓ ପ୍ରଶାସନିକ କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିପାରିବ। ଏହାଦ୍ୱାରା ବିଷୟଭିତ୍ତିକ ଶିକ୍ଷକ, ବିଜ୍ଞାନ ଓ ଆଇସିଟି ପରୀକ୍ଷାଗାର, ପୁସ୍ତକାଳୟ, କ୍ରୀଡ଼ା ସୁବିଧା ଓ ଧନ୍ଦାମୂଳକ ଶିକ୍ଷାର ଉତ୍ତମ ବ୍ୟବହାର ସମ୍ଭବ ହେବ। ଏହା ସହିତ ଶିକ୍ଷକମାନଙ୍କ ମଧ୍ୟରେ ପରସ୍ପର ଶିକ୍ଷା, ସହଯୋଗମୂଳକ ବୃତ୍ତିଗତ ବିକାଶ ଏବଂ ଅଧିକ ପ୍ରଭାବଶାଳୀ ନିରୀକ୍ଷଣ ବ୍ୟବସ୍ଥା ଗଢ଼ିଉଠିବ। ବିଶେଷକରି ଗ୍ରାମାଞ୍ଚଳ, ଦୁର୍ଗମ ଓ ଆଦିବାସୀ ଅଞ୍ଚଳରେ ଏହି ମଡେଲ ଅଧିକ ଉପଯୋଗୀ ସାବ୍ୟସ୍ତ ହୋଇପାରିବ। ଏହି ଆଲୋଚନା ଭାରତର ଶିକ୍ଷା ବ୍ୟବସ୍ଥାର ଅନେକ ସମସ୍ୟା ମଧ୍ୟରୁ କେବଳ ଗୋଟିଏ ଦିଗକୁ ଉପସ୍ଥାପନ କରିଛି। ଗଠନମୂଳକ ଖଣ୍ଡୀକରଣ ବ୍ୟତୀତ ଅନେକ ଶିକ୍ଷାଗତ, ପ୍ରଶାସନିକ ଓ ସାମାଜିକ-ଆର୍ଥିକ ବାଧା ମଧ୍ୟ ଶିକ୍ଷାର ସାମଗ୍ରିକ ଉନ୍ନତିକୁ ପ୍ରଭାବିତ କରୁଛି। ତେଣୁ ଶିକ୍ଷା ନୀତିର କାର୍ଯ୍ୟାନ୍ୱୟନ ସମୟରେ ଏହି ସମସ୍ତ ଦିଗକୁ ବିଚାର କରିବା ଅତ୍ୟାବଶ୍ୟକ, ଯାହା ଦ୍ୱାରା ଶିକ୍ଷାନୁଷ୍ଠାନଗୁଡ଼ିକର ସାମଗ୍ରିକ ବିକାଶ ଏବଂ ଦେଶବ୍ୟାପୀ ଶିକ୍ଷାର ଫଳାଫଳର ଉନ୍ନତି ସୁନିଶ୍ଚିତ ହୋଇପାରିବ। ●

(ଅଧ୍ୟାପକ, ଲକ୍ଷ୍ମୀନାରାୟଣ କଲେଜ)
ଝାରସୁଗୁଡ଼ା, ମୋ: ୮୨୪୯୪୦୩୩୧

## ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

### ଓଡ଼ିଶାର ବୌଦ୍ଧ ପରମ୍ପରା

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଭାରତୀୟ ପରମ୍ପରାର କ୍ଷେତ୍ର ବିସ୍ତାର ନୀତିକୁ ଅଶୋକ ସ୍ପଷ୍ଟ ଭାବରେ ପରିତ୍ୟାଗ କରିଥିବାରୁ ଏହା ଆଶ୍ଚର୍ଯ୍ୟ ଲାଗିପାରେ ଯେ ସେ କାହିଁକି କଳିଙ୍ଗକୁ ତା'ର ପୂର୍ବ ସ୍ୱାଧୀନତା ଫେରାଇ ଦେଇ ନ ଥିଲେ, ଅର୍ଥାତ୍ କଳିଙ୍ଗକୁ ସ୍ୱତନ୍ତ୍ର କରି ନ ଥିଲେ। ଏଠାରେ ଦର୍ଶାଇବାକୁ ହେବ ଯେହେତୁ ଅଶୋକ ଯୁଦ୍ଧ ନୀତି ପରିତ୍ୟାଗ କରିଥିଲେ, ତେଣୁ କଳିଙ୍ଗକୁ ପୁଣି ସ୍ୱାଧୀନ କରିଦେବା ଉଚିତ ଥିଲା, କିନ୍ତୁ ସେ ତାହା କଲେନାହିଁ। କିନ୍ତୁ ଏଭଳି ଅନେକ ସଙ୍କେତ ତଥା ପ୍ରମାଣ ରହିଛି ଯେ ନିଜର ନୂତନନୀତି (ଧର୍ମନୀତି/ଅହିଂସା) ସତ୍ତ୍ୱେ ଅଶୋକ ନିଜର ସାମ୍ରାଜ୍ୟବାଦୀ ଅଭିଳାଷ ଛାଡ଼ି ନଥିଲେ ଏବଂ ନୂତନ ନୀତି ଗ୍ରହଣ କରିବା ପୂର୍ବରୁ ହିଁ କଳିଙ୍ଗ ଯୁଦ୍ଧ ଜୟ କରାଯାଇ ସାରିଥିଲା। କଳିଙ୍ଗ ଯୁଦ୍ଧ ପରେ ଅଶୋକ ସେଠାରେ ସାଧାରଣ ଶିଳାଲେଖ (ଯେଉଁଥିରେ ସେ କଳିଙ୍ଗବାସୀଙ୍କୁ ନିଜର ପ୍ରଜା ବୋଲି କହିଥିଲେ) ଖୋଦେଇ କରିଥିଲେ। ଏହାର ମୁଖ୍ୟ କାରଣ ଥିଲା ଯୁଦ୍ଧରେ ପରାଜିତ ଓ ବିଦ୍ରୋହୀ କଳିଙ୍ଗବାସୀଙ୍କୁ ନିଜ ନିୟନ୍ତ୍ରଣରେ ରଖିବା ତଥା ସେମାନଙ୍କ ବିଶ୍ୱାସ ଜିତିବା ଏବଂ ମୌର୍ଯ୍ୟ ସାମ୍ରାଜ୍ୟ ସହ ସେମାନଙ୍କୁ ସାମିଲ କରି ସୁଦୃଢ଼ ଶାସନ ପ୍ରତିଷ୍ଠା କରିବା।

ଏହି ଆଲୋଚନା ଉଦ୍ଦେଶ୍ୟରେ ଆମକୁ ଅଶୋକଙ୍କର ସମସ୍ତ ଶିଳାଲେଖକୁ ତିନିଗୋଟି ଭାଗରେ ବିଚାର କରିବାକୁ ହେବ। (୧) ଯେଉଁ ଶିଳାଲେଖସବୁ ସମଗ୍ର ସାମ୍ରାଜ୍ୟରେ ପ୍ରକାଶିତ ହୋଇଥିଲା, ଏପରିକି କଳିଙ୍ଗରେ ମଧ୍ୟ ଏବଂ ସେଗୁଡ଼ିକ ହେଲା ପ୍ରଥମରୁ ଦଶମ ଓ ଚତୁର୍ଦ୍ଦଶ; (୨) ଯେଉଁଗୁଡ଼ିକ କଳିଙ୍ଗରେ ପ୍ରକାଶିତ ହୋଇ ନ ଥିଲା ଲବଯ ତାହା ହେଲା ଏକାଦଶରୁ ତ୍ରୟୋଦଶ। (୩) ଯେଉଁଗୁଡ଼ିକ କଳିଙ୍ଗରେ ମିଳିଥିଲା, ସେଗୁଡ଼ିକ ହେଉଛି ଦୁଇଟିଯାକ ସ୍ୱତନ୍ତ୍ର କଳିଙ୍ଗ ଶିଳାଲେଖ। କ୍ଷୁଦ୍ର ଶିଳଲେଖ ପର୍ଯ୍ୟାୟ ଅଥବା ସ୍ତମ୍ଭ ଶିଳାଲେଖ ପର୍ଯ୍ୟାୟର କୌଣସି ସଂସ୍କରଣ ଓଡ଼ିଶା ଅଞ୍ଚଳରେ ମିଳିନାହିଁ। କିନ୍ତୁ ଏଗୁଡ଼ିକର ବଣ୍ଟନ ଅତ୍ୟନ୍ତ ଅନିୟମିତ ହୋଇଥିବାରୁ ଓଡ଼ିଶାରେ ଏହାର ଅନୁପସ୍ଥିତି ଐତିହାସିକ ଦୃଷ୍ଟିକୋଣରୁ ସମ୍ଭବତଃ ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହେଁ। ମାତ୍ର ଭୁବନେଶ୍ୱରରେ ଏକଦା ଅଶୋକସ୍ତମ୍ଭ ଥିବାର ଜଣାଯାଇଛି।

ସାମ୍ରାଜ୍ୟ ବ୍ୟାପୀ ପ୍ରକାଶିତ ଶିଳାଲେଖ: ନଂ ୧ - ପଶୁବଳି ଏବଂ ଅଶୋକଙ୍କ ଦ୍ୱାରା ଅନୁମୋଦିତ ନଥିବା ସାମାଜିକ ସମାବେଶକୁ ନିଷେଧ। ଏହି ରାଜ ନିୟମର ବ୍ୟବସ୍ଥାଗୁଡ଼ିକ ସମ୍ଭବତଃ କେବଳ ରାଜଧାନୀରେ ଲାଗୁ ହୋଇଥିଲା। ଏହି ଅନୁଶାସନରେ ମଧ୍ୟ ରାଜପ୍ରାସାଦରେ ମାଂସଭୋଜନ ପ୍ରାୟତଃ ଉଚ୍ଛେଦ କରାଯାଇଥିଲା। ନଂ ୨ - ସାମ୍ରାଜ୍ୟ ଭିତରେ ତଥା ସାମ୍ରାଜ୍ୟର ସୀମା ବାହାରେ ଉଭୟ ମଣିଷ ଓ ଜୀବଜନ୍ତୁଙ୍କୁ ଚିକିତ୍ସା ସୁବିଧା ପ୍ରଦାନ। ନଂ ୩ - ଅଧିକାରୀମାନଙ୍କୁ ସେମାନଙ୍କ ଅଞ୍ଚଳ ମଧ୍ୟରେ ଚାରିଆଡ଼େ ଅନ୍ୟୂନ ପ୍ରତି ପାଞ୍ଚବର୍ଷରେ ଥରେ ଗସ୍ତ କରିବା ନିମନ୍ତେ ନିର୍ଦ୍ଦେଶ। ନଂ ୪ - ଧର୍ମର ପ୍ରସାର ତଥା ଅଗ୍ରଗତିର ବିବରଣୀ। ନଂ ୫ - ସମସ୍ତ ସାମ୍ରାଜ୍ୟରେ ଧର୍ମ ଅଧିକାରୀ (ଧର୍ମ ମହାମାତ୍ର)ମାନଙ୍କ ନିଯୁକ୍ତି। ନଂ ୬ - ଜନସାଧାରଣଙ୍କ କାର୍ଯ୍ୟ ଅଥବା ରାଜକାର୍ଯ୍ୟ ସଠିକ୍ ଭାବେ ତୁଲାଇବା ନିମନ୍ତେ ସେ ଯେଉଁଠି ଥାଆନ୍ତୁ ନା କାହିଁକି ଯେଉଁ ସମୟରେ ମଧ୍ୟ ତାଙ୍କୁ ସୂଚନା ଦିଆଯିବ। ଶିଳାଲେଖଟି ଏକ ଭାବପୂର୍ଣ୍ଣ ଅନୁଚ୍ଛେଦ ସହିତ ଶେଷ ହୋଇଛି, ଯେଉଁଥିରେ ଅଶୋକ ସମଗ୍ର ବିଶ୍ୱର କଲ୍ୟାଣ ନିମନ୍ତେ ତାଙ୍କର ଚିନ୍ତା ବ୍ୟକ୍ତ କରିଛନ୍ତି। ନଂ ୭ - ସାଂପ୍ରଦାୟିକ ଗୋଷ୍ଠୀମାନଙ୍କ ମଧ୍ୟରେ ସୌହାର୍ଦ୍ଦ ପାଇଁ ଏକ ସଂକ୍ଷିପ୍ତ ଆହ୍ୱାନ। ନଂ ୮ - ଅଶୋକ ଶିକାର ଓ ଆମୋଦପ୍ରମୋଦ ଜନିତ ଭ୍ରମଣ ତ୍ୟାଗ କରିବା ଏବଂ ସେଗୁଡ଼ିକ ସ୍ଥାନରେ ଧର୍ମ ଯାତ୍ରା (ଧର୍ମ ପ୍ରଚାର ଓ ଲୋକ କଲ୍ୟାଣକାରୀ ଭ୍ରମଣ) ପ୍ରଚଳନ। ନଂ ୯ - ଅଶୋକ ନିରର୍ଥକ ଧର୍ମାନୁଷ୍ଠାନ ତଥା ରୀତିନୀତି ପାଳନକୁ ବନ୍ଦ କରିବା ନିମନ୍ତେ ତାଙ୍କ ପ୍ରଜାମାନଙ୍କୁ ପରାମର୍ଶ ଦେବା ସହ ସେଗୁଡ଼ିକୁ ପରିତ୍ୟାଗ କରି ତା' ବଦଳରେ 'ଧମ୍ମ'ର (ଧର୍ମ) ରୀତିନୀତି ଅର୍ଥାତ୍ ସଦାଚାର ଓ ଭଦ୍ର ଆଚରଣ ପାଳନ କରିବା ନିମନ୍ତେ ଆହ୍ୱାନ କରିଥିଲେ। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ରେମୁଣା ବ୍ୟବସାୟୀଙ୍କ ହତ୍ୟା ଘଟଣା

# ବାଲେଶ୍ୱର ଗସ୍ତ ପାଇଁ ଟିମ୍ ଗଢ଼ିଲା ବିଜେଡି

### ତଥ୍ୟ ଅନୁଧ୍ୟାନ କରି ନବୀନଙ୍କୁ ଦିଆଯିବ ରିପୋର୍ଟ

ଭୁବନେଶ୍ୱର,୨୬।୬(ସମିସ): ରେମୁଣାର ବ୍ୟବସାୟୀ ଏସକେ ହମିଦଙ୍କ ହତ୍ୟାକାଣ୍ଡକୁ ବିଜେଡି ଗଭୀର ଉଦବେଗ ପ୍ରକାଶ କରିଛି। ଗତ ୨୫ ଜୁନ୍‌ରେ ବାଲେଶ୍ୱର ସହରରେ କିଛି ଅଜଣା ଦୁର୍ବୃତଙ୍କ ଦ୍ୱାରା ଏହି ହତ୍ୟା ଘଟିଥିଲା। ଏହି ଘଟଣା ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଗମ୍ଭୀର ପ୍ରଶ୍ନ ଉଠାଇଥିବା ବେଳେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ଘଟଣାର ଅନୁଧ୍ୟାନ ପାଇଁ ଏକ ଟିମ୍ ଗଠନ ହୋଇଛି। ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ସଂଯୋଜନାରେ ଏହି ଟିମ୍ ଉକ୍ତ ସ୍ଥାନକୁ ଗସ୍ତ କରିବ। ଟିମ୍ ଘଟଣାସ୍ଥଳ ପରିଦର୍ଶନ ସହ ବାଲେଶ୍ୱର ବଜାର କମିଟି, ସ୍ଥାନୀୟ ବ୍ୟବସାୟୀ, ମୃତକଙ୍କ ପରିବାର ଓ ଅନ୍ୟାନ୍ୟ ଲୋକମାନଙ୍କ ସହ ଆଲୋଚନା କରିବ। ପରେ ପୁଲିସ୍ ପ୍ରଶାସନକୁ ଭେଟି ନିରପେକ୍ଷ, ନ୍ୟାୟସଂଗତ ଓ ସମୟସୀମା ଭିତରେ ତଦନ୍ତ କରିବାକୁ ଅନୁରୋଧ କରିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଟିମ୍ ତଦନ୍ତ ପରେ ଏକ ବିସ୍ତୃତ ରିପୋର୍ଟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବ ବୋଲି ସୂଚନା ମିଳିଛି। ଏହି ଟିମ୍‌ରେ ବିଧାୟକ ତଥା ବାଲେଶ୍ୱର ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଗୌତମବୁଦ୍ଧ ଦାସ, ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ଡଃ ଲେଖାଶ୍ରୀ ସାମନ୍ତସିଂହାର, ବିଧାୟକ ମାଧବ ଧଡ଼ା, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ପ୍ରମୁଖ ରହିଛନ୍ତି।

# ସୁଜାତାଙ୍କ ନାଁରେ ଫେକ୍ ସୋସିଆଲ ମିଡିଆ ଆକାଉଣ୍ଟ

### ବିଶ୍ୱାସ ନ କରିବାକୁ ବିଜେଡି ମିଡିଆ ସଂଯୋଜକଙ୍କ ଅନୁରୋଧ

ଭୁବନେଶ୍ୱର,୨୬।୬(ସମିସ): ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଜାତା ରାଉତ ବିଜେଡିରେ ଯୋଗ ଦେବା ପରେ ତାଙ୍କ ନାମରେ ମାଳ ମାଳ ସୋସିଆଲ ମିଡିଆ ଆକାଉଣ୍ଟ ଖୋଲାଯାଇଛି। ଏହି ଆକାଉଣ୍ଟ ଗୁଡ଼ିକରୁ ତାଙ୍କର ଗତିବିଧିଠାରୁ ଆରମ୍ଭ କରି ବିଭିନ୍ନ ପ୍ରସଙ୍ଗରେ ପୋଷ୍ଟ କରାଯାଉଛି। ହେଲେ ବାସ୍ତବରେ ଶ୍ରୀମତୀ ରାଉତଙ୍କର ସୋସିଆଲ ମିଡିଆରେ କୌଣସି ଆକାଉଣ୍ଟ ନାହିଁ ବୋଲି ଶୁକ୍ରବାର ବିଜେଡି ପକ୍ଷରୁ କୁହାଯାଇଛି। ଦଳର ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି ସାମାଜିକ ଗଣମାଧ୍ୟମ ଜରିଆରେ କହିଛନ୍ତି, ବିଜୁ ଜନତା ଦଳରେ ସାମିଲ ହୋଇଥିବା ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଜାତା ରାଉତଙ୍କ ନାଁରେ କେହି ବ୍ୟକ୍ତି ସୋସିଆଲ ମିଡିଆରେ ଆକାଉଣ୍ଟ ଖୋଲି ପୋଷ୍ଟ କରୁଥିବା ନଜରକୁ ଆସିଛି। ମାତ୍ର ଶ୍ରୀମତୀ ରାଉତଙ୍କର ସୋସିଆଲ ମିଡିଆରେ କୌଣସି ଆକାଉଣ୍ଟ ନାହିଁ। ଫେକ୍ ଆକାଉଣ୍ଟ ଜରିଆରେ ହେଉଥିବା ପୋଷ୍ଟଗୁଡ଼ିକୁ ବିଶ୍ୱାସ ନକରିବାକୁ ସେ ଅନୁରୋଧ କରିଛନ୍ତି।

# ବରିଷ୍ଠ ସାମ୍ବାଦିକ ଶରତ ଚନ୍ଦ୍ର ଦାଶଙ୍କ ପରଲୋକ

### ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ଶୋକ

ଭୁବନେଶ୍ୱର,୨୬।୬(ସମିସ): ବରିଷ୍ଠ ସାମ୍ବାଦିକ ତଥା ପ୍ରେସ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ) ର ପୂର୍ବତନ ଓଡ଼ିଶା ବ୍ୟୁରୋ ମୁଖ୍ୟ ଶରତ ଚନ୍ଦ୍ର ଦାଶଙ୍କର ଶୁକ୍ରବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ଦୀର୍ଘଦିନ ଧରି ଅସୁସ୍ଥ ଥିବା ଶ୍ରୀ ଦାଶଙ୍କର ମୃତ୍ୟୁ ବେଳକୁ ବୟସ ୮୩ ବର୍ଷ ହୋଇଥିଲା। ସାମ୍ବାଦିକତା କ୍ଷେତ୍ରରେ ଶରତ ଚନ୍ଦ୍ର ଦାଶଙ୍କ ଅବଦାନ ଅତୁଳନୀୟ। ସେ ପ୍ରାୟ ୪୨ ବର୍ଷ ଧରି ପିଟିଆଇରେ କାର୍ଯ୍ୟ କରିଥିଲେ ଏବଂ ୨୦୦୩ ମସିହାରେ ଓଡ଼ିଶା ବ୍ୟୁରୋ ମୁଖ୍ୟ ପଦରୁ ଅବସର ଗ୍ରହଣ କରିଥିଲେ। ସେ ପ୍ରଥମେ ପିଟିଆଇର ମୁମ୍ବାଇ ଓ ନୂଆଦିଲ୍ଲୀ ବ୍ୟୁରୋରେ କାର୍ଯ୍ୟ କରିବା ପରେ କଟକରେ ବ୍ୟୁରୋ ମୁଖ୍ୟ ଭାବେ ଦାୟିତ୍ୱ ନେଇଥିଲେ। ପରେ ୧୯୯୩ ମସିହାରେ ଭୁବନେଶ୍ୱରରେ ପିଟିଆଇର ଓଡ଼ିଶା ବ୍ୟୁରୋ ମୁଖ୍ୟ ଭାବେ ଯୋଗଦେଇ ଅବସର ପର୍ଯ୍ୟନ୍ତ ସଫଳତାର ସହ କାର୍ଯ୍ୟ କରିଥିଲେ। ନମ୍ର ବ୍ୟବହାର, ଉଚ୍ଚ ବୃତ୍ତିଗତ ମୂଲ୍ୟବୋଧ ଏବଂ ସାମ୍ବାଦିକତାର ନୈତିକତା ପ୍ରତି ଅଟୁଟ ନିଷ୍ଠା ପାଇଁ ସେ ସମସ୍ତଙ୍କ ପାଖରେ ଜଣେ ଆଦର୍ଶ ସାମ୍ବାଦିକ ଭାବେ ପରିଚିତ ଥିଲେ। ଅନେକ ଯୁବ ସାମ୍ବାଦିକଙ୍କୁ ସେ ମାର୍ଗଦର୍ଶନ କରି ସାମ୍ବାଦିକତା କ୍ଷେତ୍ରକୁ ଦକ୍ଷ ମାନବ ସମ୍ବଳ ଯୋଗାଇଥିଲେ।

ଗତବର୍ଷ ତାଙ୍କର ପତ୍ନୀ ପ୍ରିୟମ୍ବଦା ଦାଶଙ୍କର ପରଲୋକ ଘଟିଥିଲା। ତାଙ୍କର ଦୁଇ ପୁଅ ଓ ଦୁଇ ଝିଅ ଅଛନ୍ତି। ତାଙ୍କର ପୁଅ ଅଜିତ୍ ଦାଶ ମଧ୍ୟ ଜଣେ ଜଣାଶୁଣା ସାମ୍ବାଦିକ ଓ ସେ ଦୀର୍ଘଦିନ ଧରି ନନ୍ଦିଘୋଷ ଟିଭିରେ ଇନ୍‌ପୁଟ ଏଡ଼ିଟର ଭାବରେ କାର୍ଯ୍ୟ କରୁଥିଲେ।



ତାଙ୍କ ପରଲୋକରେ ବିଭିନ୍ନ ରାଜନୈତିକ ନେତା, ସାମ୍ବାଦିକ, ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ତାଙ୍କର ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଓଡ଼ିଶାର ଗଣମାଧ୍ୟମ ଜଗତରେ ସେ ଜଣେ ସଫଳ ସାମ୍ବାଦିକ ଭାବରେ ପରିଚିତ ଥିଲେ ବୋଲି ଉଲ୍ଲେଖ କରି ତାଙ୍କର ଶୋକସନ୍ତପ୍ତ ପରିବାର ପ୍ରତି ନବୀନ ଗଭୀର ସମବେଦନା ଜ୍ଞାପନ କରିଛନ୍ତି। ସେହିପରି ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ ମଧ୍ୟ ଶୋକ ପ୍ରକାଶ କରିବା ସହ ଏପରି ସମୟରେ ତାଙ୍କ ପରିବାରକୁ ଭଗବାନ ଅସୀମ ଧୈର୍ଯ୍ୟ ଓ ସାହସ ଦିଅନ୍ତୁ ବୋଲି କାମନା କରିଛନ୍ତି।

# ବଜ୍ରପାତରେ ଶ୍ରମିକ ମୃତ, ଯୁବତୀ ଆହତ

ଅମ୍ବାଭୋନା, ୨୬।୬(ସମିସ): ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକରେ ଶୁକ୍ରବାର ବଜ୍ରପାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ମହିଳା ଆହତ ହୋଇଛନ୍ତି। ମୃତକ ହେଲେ ମୁର୍ଶିଦାବାଦ ଜିଲ୍ଲାର ବାସିନ୍ଦା ମହମ୍ମଦ ଅନ୍‌ସାର (୩୫)। ଅମ୍ବାଭୋନା ବ୍ଲକ ଲଖନପୁର ଗ୍ରାମରେ ରହି ମହମ୍ମଦ ରାଜମିସ୍ତ୍ରୀ ଓ ଟାଇଲ୍ କାମ କରୁଥିଲେ। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଗାଁ ପୋଖରୀରେ ଗାଧୋଉଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ପ୍ରଥମେ ଲଖନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆମ୍ବୁଲାନ୍ସ ଯୋଗେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କର୍ଲା ପଞ୍ଚାୟତ କର୍ଲା ଗାଁର ସୌଦାମିନୀ ଭୁଏ(୨୪) ମଧ୍ୟ ବଜ୍ରପାତରେ ଗୁରୁତର ହୋଇ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।


**AFFIDAVIT**

I Rama Chandra sahoo,S/o-late Bhika Sahoo Resident at satya nagar semiliguda,ps - Semiliguda, Dist-Koraput,Pin-764036,Odisha declare by this affidavit no-358on date-22/06/2026 that onwards I shall be known as **Rama Chandra Sahu** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Rourkela , dated 24-06-2026 I, **Binual Lamga,** resident of House, Road, Dongabandh VTC: Dalki, PO: Dalki Sub District: Raiboga District Sundergarh, Odisha Pin Code: 770033 declare that I have changed my name from **Binu Lomga** to **Binual Lamga.** Henceforth, I shall be known as **Binual Lamga** for all purposes.

**Binual Lamga**

**AFFIDAVIT**

By virtue of an affidavit (Sl No. 226, dtd- 19/06/2026) sworn before the Executive Magistrate, Khariar, Nuapada. I, **Debarchan Mallik** (new name), S/o Gouranga Mallik, resident of Village: Badamula, PO: Bhuliasikuan, PS: Khariar, Dist: Nuapada, Odisha declare that I have changed my name from **Babulu Jhakar** (old name) to **Debarchan Mallik** (new name). Henceforth, I shall be known as **Debarchan Mallik** (new name) for all purpose.

**Debarchan Mallik**

**AFFIDAVIT**

By virtue of an affidavit sworn before Executive Magistrate, Bargarh vide no. 438 dated 23.06.2026, I Govinda Seth, S/o- Radhacharan Seth resident of At/Po.- T. Gandapali, Ps.- Bijepur, Dist.- Bargarh, PIN- 768032, Odisha state that, I have changed the name of my minor daughter from **Pragnyashree Seth** to **Smruti Swarupa Seth**. Henceforth she will be known as **Smruti Swarupa Seth** for all future purposes.

Sd/- Govinda Seth

**ANGEL ONE LIMITED**

**Regd. Off:** 601, 6th Floor, Ackruti Star, Central Road, MIDC, Andheri East, Mumbai - 400093 **SEBI Registration No (Stock Broker): INZ000161534**

**PUBLIC NOTICE**

It has come to our attention that certain unauthorized individuals, agencies and third parties operating through mobile numbers "7077513180", "6370065695", "6372757747", "7978443499", "6370065695", "63639797440" are issuing fake employment offer letters, appointment letters, interview calls and recruitment-related communications using the brand name and logo of Angel One Limited to deceive the general public.

Investors and General Public are hereby informed that Angel One Limited does not have any association and/or relation, directly or indirectly with above individuals, agencies, third parties in any capacity.

Angel One Limited will not be liable in any manner of financial loss and /or consequence of dealing with such individuals, agencies, third parties. Please note that any person dealing with them will be dealing at his/her own risk and responsibility.

For ANGEL ONE LTD
Sd/-,
Authorized Signatory

Date : 27.06.2026


## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଏସ୍‌ସିଇଆର୍‌ଟିର ୪...

କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଛି। ସୁପାରିସ ମଧ୍ୟରେ ଏସସିଇଆରଟି ପକ୍ଷରୁ ମାଷ୍ଟର ତ୍ରୁଟି ରେଜିଷ୍ଟର ପ୍ରସ୍ତୁତ କରିବାକୁ କୁହାଯାଇଛି। ଅର୍ଥାତ୍ କଣ ତ୍ରୁଟି ରହିଛି ଏବଂ ତାହା ପ୍ରକୃତରେ କଣ ହେବ, ତାହାର ଏକ ବିସ୍ତୃତ ତାଲିକା ପ୍ରସ୍ତୁତ ହେବ। ସେହିପରି ଗୁରୁତର ତ୍ରୁଟି ଥିବା ପୃଷ୍ଠାଗୁଡ଼ିକ ପାଇଁ ପୁନଃମୁଦ୍ରିତ ପୃଷ୍ଠା କିମ୍ବା ପରିବର୍ତ୍ତିତ ଇନସର୍ଟ ଯୋଗାଇ ଦେବା, ସମସ୍ତ ଛାତ୍ରଛାତ୍ରୀଙ୍କୁ ମୁଦ୍ରିତ ସଂଶୋଧନ ପତ୍ର ବଣ୍ଟନ କରିବା, ସଂଶୋଧିତ ପିଡିଏଫ୍ ସଂସ୍କରଣକୁ ସରକାରୀ ଶିକ୍ଷାଦାନ ପାଇଁ ଅଧିକୃତ ସଂସ୍କରଣ ଭାବେ ଘୋଷଣା କରିବା, ଶିକ୍ଷକମାନଙ୍କ ପାଇଁ ସଂଶୋଧନ ସମ୍ବନ୍ଧୀୟ ତୁରନ୍ତ ଅଭିମୁଖୀକରଣ ବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବାକୁ କୁହାଯାଇଛି। ସେହିପରି ପୁସ୍ତକର ପ୍ରତ୍ୟେକ ତ୍ରୁଟି ପାଇଁ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା, ଡିଟିପି ଏଜେନ୍ସି, ମୁଦ୍ରକ ଏବଂ ଅନୁମୋଦନକାରୀ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ କରି ଆବଶ୍ୟକ ଓ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କୁହାଯାଇଛି। ଅର୍ଥାତ୍ ଆଗକୁ କାର୍ଯ୍ୟାନୁଷ୍ଠାନ ତାଲିକା ଆହୁରି ଲମ୍ବିବା ଏକପ୍ରକାର ନିଶ୍ଚିତ ହୋଇଛି।

ଏସସିଇଆରଟି ପାଠ୍ୟପୁସ୍ତକ ପାଇଁ ଗୁଣବତ୍ତା ନିଶ୍ଚିତକରଣ ସେଲ୍ ଗଠନ କରିବା, ଏନ୍‌ସିଇଆରଟି ଢାଞ୍ଚାରେ ବିଷୟଭିତ୍ତିକ ପାଠ୍ୟକ୍ରମକୁ ବିକାଶ କରିବା ପାଇଁ କମିଟି ଗଠନ କରିବା, ପୁସ୍ତକ ମୁଦ୍ରଣ ପୂର୍ବରୁ ତ୍ରୁଟିଶୂନ୍ୟ ବୋଲି ନିଶ୍ଚିତ କରିବାକୁ ଚାରି-ସ୍ତରୀୟ ପ୍ରୁଫ୍ ଯାଞ୍ଚ ବ୍ୟବସ୍ଥା ଏବଂ ପିଡିଏଫ୍ ପ୍ରଣାଳୀ ପ୍ରଚଳନ କରିବା, ସାର୍ବଜନୀନ ଏରାଟା ପୋର୍ଟାଲ୍ କରିବା, ପ୍ରିଣ୍ଟର ଓ ଡିଟିପି କରୁଥିବା ବ୍ୟକ୍ତି ବା ସଂସ୍ଥାଙ୍କ ପାଇଁ ଜରିମାନା, କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ଏବଂ କାର୍ଯ୍ୟରେ ଅବହେଳା କଲେ ବ୍ଲାକଲିଷ୍ଟିଂ ବ୍ୟବସ୍ଥା କରିବା, ପ୍ରତ୍ୟେକ ନୂତନ ପାଠ୍ୟପୁସ୍ତକ ପାଇଁ ପାଇଲଟ୍ ପରୀକ୍ଷଣ କରିବାକୁ ସୁପାରିସ କରାଯାଇଛି। ଭବିଷ୍ୟତରେ ପୁସ୍ତକକୁ ତ୍ରୁଟିଶୂନ୍ୟ କରିବାକୁ ବିନା ଅନୁମୋଦନରେ ମୁଦ୍ରଣ ପାଇଁ ପଠାଯିବ ନାହିଁ ବୋଲି କୁହାଯାଇଛି। ତଦନ୍ତ କମିଟିର ସମସ୍ତ ୧୪ ଟି ସୁପାରିସକୁ କାର୍ଯ୍ୟକାରୀ କରାଯିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଷଷ୍ଠ ଶ୍ରେଣୀ ଧନ୍ଦାମୂଳକ...

ପାଇଁ ଷଷ୍ଠ ଶ୍ରେଣୀରୁ ତାଲିମ ଦେବାକୁ ପ୍ରୟାସ କରିଥିବା ମଧ୍ୟ ଅଭିଭାବକମାନେ କଟାକ୍ଷ କରିଛନ୍ତି।

ଏହି ପ୍ରସଙ୍ଗକୁ ନେଇ ଛାତ୍ରଛାତ୍ରୀଙ୍କୁ ସହଜ ଖାଦ୍ୟ ପ୍ରସ୍ତୁତି, ପରିଷ୍କାର-ପରିଚ୍ଛନ୍ନତା, ପୌଷ୍ଟିକତା ଏବଂ ଦୈନନ୍ଦିନ ଜୀବନ କୌଶଳ ସହ ପରିଚିତ କରାଯାଉଥିବା କୁହାଯାଉଥିବା ସମୟରେ ଏହାର ଶିକ୍ଷାଗତ ଗୁରୁତ୍ୱକୁ ନେଇ ମତଭେଦ ସୃଷ୍ଟି ହୋଇଛି। କିଛି ଅଭିଭାବକ କହିଛନ୍ତି ଯେ ବର୍ତ୍ତମାନର ପ୍ରତିଯୋଗିତାମୂଳକ ଯୁଗରେ ବିଜ୍ଞାନ, ଗଣିତ ଏବଂ ଭାଷା ଦକ୍ଷତା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ପାଠ୍ୟପୁସ୍ତକରେ ଖାଦ୍ୟ ପ୍ରସ୍ତୁତି ଭଳି ବିଷୟ ରହିବା ଠାରୁ ବୈଜ୍ଞାନିକ ଚିନ୍ତାଧାରା, ଡିଜିଟାଲ ଶିକ୍ଷା ଓ ସମସ୍ୟା ସମାଧାନ କୌଶଳ ଉପରେ ଅଧିକ ଅଧ୍ୟାୟ ରହିବା ଉଚିତ। ମାତ୍ର ପାଠ୍ୟପୁସ୍ତକରେ ଶସ୍ତା ଓ ଚାଲୁ ପ୍ରସଙ୍ଗକୁ ସ୍ଥାନ ଦେଇ ଏହାର ଗୁରୁତ୍ୱ ହ୍ରାସ ପାଇଁ ସରକାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। କିଛି ଶିକ୍ଷକ ଓ ଶିକ୍ଷାବିତ୍ ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ଦୈନନ୍ଦିନ ଜୀବନରେ ଉପଯୋଗୀ କୌଶଳ ବିକଶିତ କରିବାରେ ସହାୟକ ହେବ ବୋଲି କହୁଛନ୍ତି, ମାତ୍ର ଅନ୍ୟପକ୍ଷରେ ଏହା ସରକାରଙ୍କର ଏକ ଚାତୁରୀ ଓ ଶିକ୍ଷାକୁ ରୁଗ୍ଣ କରିବାକୁ ଏହା ଏକ ପ୍ରୟାସ ବୋଲି ଅନେକ ଅଭିଯୋଗ କରିଛନ୍ତି। ତେଣୁ ଷଷ୍ଠ ଶ୍ରେଣୀ ବହିରେ 'ଝାଲ୍ ମୁଢ଼ି' ପ୍ରସ୍ତୁତି ପାଠ୍ୟକ୍ରମର ପ୍ରାସଙ୍ଗିକତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ବହିରେ ତ୍ରୁଟି...

ଘଟଣାକୁ ଗ୍ରହଣ କରିଛନ୍ତି। ଏପରି ବିଭ୍ରାଟର ତଦନ୍ତ ନିର୍ଦ୍ଦେଶ ଦେବା ସହ ରିପୋର୍ଟ ଆଧାରରେ ୪ ଜଣଙ୍କୁ ନିଲମ୍ବନ କରାଯାଇଛି ଓ ୬ ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି। ମାତ୍ର ପଢ଼ା ବହିରେ ରହିଥିବା ତ୍ରୁଟିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ ଏବେ ସାଧାରଣରେ ଅନେକ ସନ୍ଦେହ ସୃଷ୍ଟି କରିଛି। ଗତକାଲି ଏକ ବେସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ପଢ଼ା ବହିରେ ତ୍ରୁଟି ଏକ 'ଷଡ଼ଯନ୍ତ୍ର' ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ ପୂର୍ବରୁ ବହି ଛାପାରେ ତ୍ରୁଟି ରହୁଥିଲା। ମାତ୍ର ଏଥର ପରିମାଣ ଅସାଧାରଣ ଭାବରେ ଅଧିକ। ଏହା ପଛରେ ଷଡ଼ଯନ୍ତ୍ର ରହିଛି। ସ୍କ୍ରିପ୍ଟ ପ୍ରସ୍ତୁତି ଓ ମୁଦ୍ରଣ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଯାଞ୍ଚ ଆବଶ୍ୟକ। ଆମ ସରକାରଙ୍କୁ ବଦନାମ କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ସନ୍ଦେହ ହୋଇଥିବା ସନ୍ଦେହ ହେଉଛି। ଯେଉଁମାନେ ଏଥିରେ ଜଡିତ ବୋଲି ଜଣାପଡିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଦୋଷୀମାନଙ୍କୁ ଚିହ୍ନଟ କରାଯିବ ଓ ଏପରି ତ୍ରୁଟି ପୁନରାବୃତ୍ତି ନହେବା ପାଇଁ ପଦକ୍ଷେପ ନିଆଯିବ। ଛାତ୍ରଛାତ୍ରୀମାନଙ୍କୁ ବଣ୍ଟନ କରାଯାଇଥିବା ସମସ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର କରାଯିବ, ନୂତନ କପି ମୁଦ୍ରିତ ଓ ପୁନଃବଣ୍ଟନ କରାଯିବ। ଯଦି ଷଡ଼ଯନ୍ତ୍ରର ପ୍ରମାଣ ମିଳେ, ତେବେ ମୁଦ୍ରଣ ବାବଦ ସମସ୍ତ ବ୍ୟୟ ସମ୍ପୃକ୍ତ ଅଧିକାରୀଙ୍କଠାରୁ ଆଦାୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଷଡ଼ଯନ୍ତ୍ର ସନ୍ଦେହକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ। ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଷଡ଼ଯନ୍ତ୍ର କଥା ମାନିଥିବା ସ୍ୱାଗତଯୋଗ୍ୟ। ମାତ୍ର କିଏ ଷଡ଼ଯନ୍ତ୍ରକାରୀ, କିଏ ଏହାକୁ ଭୁଲ ଛପାଇଲା ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନିରବ କାହିଁକି। କେଉଁ ଅଫିସର ଭୁଲ କରିଛନ୍ତି, ତାହା ସରକାର ସ୍ପଷ୍ଟ କରନ୍ତୁ। ଯିଏ ଭୁଲ ବହି ଛପାଇଛି, ତାହା ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଭକ୍ତ କହିଛନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ଅଶୋକ ପଣ୍ଡା କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଷଡ଼ଯନ୍ତ୍ର ସନ୍ଦେହ ସମ୍ପର୍କରେ ସ୍ପଷ୍ଟ କରନ୍ତୁ। ସମ୍ପାଦନା ମଣ୍ଡଳୀରେ କିଛି ଜଣାଶୁଣା ଲୋକ ଅଛନ୍ତି। ସେମାନଙ୍କ ମଧ୍ୟରୁ କେହି ଷଡ଼ଯନ୍ତ୍ର କରିଥାଇପାରେ। ଓଡ଼ିଆ ଅସ୍ମିତା କହି ସରକାରକୁ ଆସିଲେ କିନ୍ତୁ ଅସ୍ମିତା ହାତରୁ ଖସିଗଲା। ଚାଲି ନଜାଣି ବାଟର ଦୋଷ ଦେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତରେ କମିଟି ଗଠନ ହୋଇଥିବ; ଯଦି ଷଡ଼ଯନ୍ତ୍ରର ଗନ୍ଧ ବାରୁଛନ୍ତି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଭାଷାକୁ ଅପମାନ ଅକ୍ଷମଣୀୟ ଅପରାଧ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

### ଚାବି ରଖୁଥିବା...

ଗାଡ଼ି ଚାଳକ ରାମଶଙ୍କର ଯାଦବ ଓରଫ ଟିନ୍ନୁ ଯାଦବଙ୍କୁ ମୁଖ୍ୟ ଅଭିଯୁକ୍ତ କୁହାଯାଉଛି, ଯାହାଙ୍କ ପାଖରେ ଦାନ ବାକ୍ସର ଚାବି ରହୁଥିଲା। ଏହା ବ୍ୟତୀତ ଟଙ୍କା ଗଣତି ଦାୟିତ୍ୱରେ ଥିବା ବ୍ୟାଙ୍କର ପୂର୍ବତନ କର୍ମଚାରୀ ସୁଭାଷ ଶ୍ରୀବାସ୍ତବ, ମନ୍ଦିର ସେବକ ଅବିନାଶ ଶୁକ୍ଲା, ରାମଶଙ୍କର ମିଶ୍ର, ଅନୁକଳ୍ପ ମିଶ୍ର, ଲବକୁଶ ମିଶ୍ର, ମନୀଷ ଯାଦବ ଏବଂ କରୁଣେଶ ପାଣ୍ଡେଙ୍କୁ ଗିରଫ କରାଯାଇଛି। କେତେକ ଅଭିଯୁକ୍ତଙ୍କ ଘର ଏବଂ ବ୍ୟାଙ୍କ ଆକାଉଣ୍ଟରୁ ଚୋରି ହୋଇଥିବା ଲକ୍ଷାଧିକ ଟଙ୍କା ମଧ୍ୟ ଜବତ କରାଯାଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରସିଦ ମାଧ୍ୟମରେ ମିଳୁଥିବା ଦାନର ହିସାବ ସଠିକ ରହିଛି, କିନ୍ତୁ ଦାନ ବାକ୍ସରେ ପଡୁଥିବା ନଗଦ ଟଙ୍କା ଗଣତି ସମୟରେ ହିଁ ଏହି ବଡ଼ ଧରଣର ଚୋରି କରାଯାଇଛି। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ବିଶ୍ୱାସଘାତକତା, ଚୋରି ଏବଂ ଅପରାଧିକ ଷଡ଼ଯନ୍ତ୍ର ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯିବା ସହ ଅଧିକ ପଚରାଉଚରା ଜାରି ରହିଛି।

### ଚମ୍ପତ ରାୟଙ୍କ...

ସଙ୍ଗିନ ଦଫା ଲଗାଇ ମାମଲା ରୁଜୁ କରାଯାଇଛି। ସିସିଟିଭି ଚିତ୍ର ଆଧାରରେ ମାମଲାରେ ସମ୍ପୃକ୍ତ ଥିବା ଆଠ ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯାଇଛି। ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଟଙ୍କା ଗଣତି ଦାୟିତ୍ୱରେ ଥିବା ଛଅ ଜଣ ମନ୍ଦିର କର୍ମଚାରୀ ଓ ବ୍ୟାଙ୍କର ପୂର୍ବତନ କର୍ମଚାରୀ ସାମିଲ ଅଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତଦନ୍ତ ରିପୋର୍ଟ ଆସିବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ସତ୍ୟକୁ ସାମ୍ନାକୁ ଅଣାଯିବ। ଅନ୍ୟପଟେ ଏହି ଘଟଣାକୁ ନେଇ ରାଜନୀତି ଜୋର ଧରିଛି। ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ମୁଖ୍ୟ ଅଭିଯୁକ୍ତଙ୍କୁ ବଞ୍ଚାଇବା ପାଇଁ ଏହି ଇସ୍ତଫାର ନାଟକ କରାଯାଉଛି ଏବଂ ବରିଷ୍ଠ ଅଧିକାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ରାମ ମନ୍ଦିର ପ୍ରତିଷ୍ଠା ପରଠାରୁ ଦୈନିକ ହଜାର ହଜାର ଶ୍ରଦ୍ଧାଳୁ ସେଠାକୁ ଆସୁଥିବା ବେଳେ ବାର୍ଷିକ ଶହ ଶହ କୋଟି ଟଙ୍କାର ଦାନ ଆସୁଛି। ଏଭଳି ପରିସ୍ଥିତିରେ ଏତେ ବଡ଼ ପରିମାଣର ଅର୍ଥ ହେରଫେର ଏବଂ ଦୁଇ ଜଣ ଶୀର୍ଷ ପଦାଧିକାରୀଙ୍କ ଇସ୍ତଫା ମନ୍ଦିରର ଆଭ୍ୟନ୍ତରୀଣ ପରିଚାଳନା ଓ ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବର୍ତ୍ତମାନ ସରକାରୀ ସ୍ତରରେ ତଦନ୍ତ ପ୍ରକ୍ରିୟା ଜାରି ରହିଛି।

### ଶିଳ୍ପାୟନରେ ସବୁ...

ଅଗ୍ରାଧିକାର ଶ୍ରେଣୀରେ ସାମିଲ କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ଶିଳ୍ପ ପ୍ରତିଷ୍ଠା ପାଇଁ ଲାଗୁଥିବା ୪୦୦ ଦିନର ସମୟ ଏବେ ୧୬୦ ଦିନରୁ କମ୍ ହୋଇଯାଇଛି ଏବଂ ଆଗକୁ ଏହାକୁ ୧୦୦ ଦିନରୁ କମ୍ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ ଓଡ଼ିଶାରେ ଶିଳ୍ପ ଅନୁକୂଳ ନୀତି ସହିତ ଏକ ବଡ଼ ଏବଂ ଆଶାବାଦୀ ଯୁବ କାର୍ଯ୍ୟବଳ ରହିଛନ୍ତି। ସରକାର ଶିଳ୍ପ ଜଗତର ଆବଶ୍ୟକତା ଅନୁଯାୟୀ ଯୁବକଯୁବତୀମାନଙ୍କୁ ଆଧୁନିକ ଜ୍ଞାନକୌଶଳରେ ଦକ୍ଷତା ସମ୍ପନ୍ନ କରୁଛନ୍ତି, ଯାହାଫଳରେ ନିବେଶକାରୀମାନଙ୍କୁ ସହଜରେ କୁଶଳୀ ଶ୍ରମିକ ମିଳିପାରିବେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପାୱାର ପଏଣ୍ଟ ଉପସ୍ଥାପନା ମାଧ୍ୟମରେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଓ ନିବେଶର ସଫଳ ଚିତ୍ର ସିଆଇଆଇ ସଦସ୍ୟମାନଙ୍କ ସାମ୍ନାରେ ରଖିଥିଲେ। ଓଡ଼ିଶା କିପରି ବିଗତ ଦିନମାନଙ୍କରେ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମକୁ ସୁଦୃଢ଼ କରି ନିବେଶ ପ୍ରକଳ୍ପଗୁଡ଼ିକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବାରେ ଦେଶରେ ରେକର୍ଡ ସୃଷ୍ଟି କରିଛି ତାହା ଶ୍ରୀ ଶର୍ମା ଦର୍ଶାଇଥିଲେ।

### ମହେଶ ଦୀକ୍ଷିତ...

ଗୁପ୍ତଚର ବ୍ୟୁରୋର ମୁଖ୍ୟ ଭାବେ ସେ ଜମ୍ମୁ, କାଶ୍ମୀର ଏବଂ ଲେହ ଅଞ୍ଚଳରେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ପରବର୍ତ୍ତୀ ସମୟରେ ଜମ୍ମୁ-କାଶ୍ମୀରରେ ଆଭ୍ୟନ୍ତରୀଣ ସ୍ଥିରତା ବଜାୟ ରଖିବା ଏବଂ ସୁରକ୍ଷା ପ୍ରତିବନ୍ଧକଗୁଡ଼ିକର ମୁକାବିଲା କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ତୃଣମୂଳ ସ୍ତରରେ ଏକ ସୁଦୃଢ଼ ଗୁପ୍ତଚର ନେଟୱର୍କ ଗଠନ ପାଇଁ ଜଣାଶୁଣା ଦୀକ୍ଷିତ ପୂର୍ବରୁ ଆଇବି ଅଧୀନରେ ମାଓବାଦୀ ସମସ୍ୟା ଏବଂ ସୀମାପାର ଅନୁପ୍ରବେଶ ଭଳି ଅନେକ ସମ୍ବେଦନଶୀଳ ମାମଲାର ସଫଳ ପରିଚାଳନା କରିଛନ୍ତି। ବର୍ତ୍ତମାନ ବଦଳୁଥିବା ସୁରକ୍ଷା ପରିବେଶ ମଧ୍ୟରେ ଦେଶର ଏହି ଶୀର୍ଷ ଗୁପ୍ତଚର ପଦବୀ ଗ୍ରହଣ କରିବା ପରେ, ସୀମାପାର ଆତଙ୍କବାଦ, ଉଗ୍ରବାଦ ଏବଂ ନାର୍କୋ-ଆତଙ୍କବାଦୀ (ମାଦକ ଦ୍ରବ୍ୟ କାରବାର ଜନିତ ଆତଙ୍କବାଦ) ନେଟୱର୍କକୁ ମୂଳପୋଛ କରିବା ଦିଗରେ ତାଙ୍କର କ୍ଷେତ୍ରୀୟ ଅଭିଜ୍ଞତା ଦେଶ ପାଇଁ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି।

### ଲାଲ୍‌ଜୀ ଦେଶାଇ...

ନିର୍ବାଚନରେ କଂଗ୍ରେସର ଖରାପ ପ୍ରଦର୍ଶନ ପରେ ତତ୍କାଳୀନ ପ୍ରଭାରୀ ଅଜୟ କୁମାରଙ୍କୁ ଅପସାରଣ କରାଯାଇଥିଲା ଓ ଉତ୍ତର ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ଅଜୟ କୁମାର ଲଲ୍ଲୁଙ୍କୁ ୨୦୨୫ ଫେବୃଆରୀରେ ଓଡ଼ିଶାର ପ୍ରଭାରୀ ଭାବେ ନିଯୁକ୍ତି ମିଳିଥିଲା। ମାତ୍ର ପରବର୍ତ୍ତୀ ସମୟରେ ପିସିସି ସଭାପତି ଓ ଶ୍ରୀ ଲଲ୍ଲୁଙ୍କ ମଧ୍ୟରେ ସବୁ କିଛି ଠିକ୍ ଚାଲୁ ନ ଥିବା ଚର୍ଚ୍ଚା ହୋଇଥିଲା। ରାଜ୍ୟରେ ଆଉ କିଛିମାସ ପରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ଏହା ପୂର୍ବରୁ ଦଳକୁ ସଂଗଠିତ କରିବା ଓ ଦଳୀୟ କର୍ମୀଙ୍କୁ ଏକାଠି କରି ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି କରିବା ପାଇଁ ନୂଆ ପ୍ରଭାରୀଙ୍କୁ ନିଯୁକ୍ତି ଦିଆଯାଇଥିବା କୁହାଯାଉଛି।

### ଗଞ୍ଜେଇ କାରବାରରେ...

ପଟରୁ ସେମାନଙ୍କୁ ପିଛା କରି ଆସୁଥିବା ବେଳେ ଆଉ ଏକ ଟିମ୍ ଭୁବନେଶ୍ୱରରୁ ନୟାଗଡ଼ ଆଡ଼କୁ ଯାଇଥିଲା। ଦୁଇଟି ଯାକ ଟିମ୍ ସମନ୍ୱୟ ରକ୍ଷାକରି ନୟାଗଡ଼- ଖୋର୍ଦ୍ଧା ରାସ୍ତାର ପିଚୁକୁଳି ବଜାରରେ କିଙ୍ଗପିନ୍ ଦୁର୍ବାସା ଓ ୩ ସହଯୋଗୀଙ୍କୁ ମାଡ଼ି ବସିଥିଲେ। ନୀଳାମ୍ବରଠାରୁ ଜବତ ହୋଇଥିବା ଛିଣ୍ଡା ୧୦ ଟଙ୍କିଆ ନୋଟର ଆଉ ଫାଳେ ନୋଟ୍ ଦୁର୍ବାସା ପାଖରୁ ଜବତ ହୋଇଥିଲା। ଏଥିସହିତ ଆଉ ଏକ ଛିଣ୍ଡା ୧୦ ଟଙ୍କିଆ ନୋଟ୍ ମଧ୍ୟ ତା'ଠାରୁ ମିଳିଥିଲା। ୪ ଜଣଙ୍କଠାରୁ ଗୋଟିଏ କାର, ୭ଟି ମୋବାଇଲ ଫୋନ, ୩୮ ହଜାର ଟଙ୍କା ଓ ଗୋଟିଏ ସୁନା ଚେନ ମଧ୍ୟ ଜବତ କରିଥିଲା ଏସଟିଏଫ୍। ନୀଳାମ୍ବରଠାରୁ ମିଳିଥିବା ଛିଣ୍ଡା ନୋଟ୍ ସହ ଦୁର୍ବାସାର ନୋଟ୍ ମେଳ ଖାଉଥିବାରୁ ଦୁର୍ବାସା ହିଁ ଗଞ୍ଜେଇ ସିଣ୍ଡିକେଟର ମାଷ୍ଟରମାଇଣ୍ଡ ବୋଲି ଏସଟିଏଫ୍ ଜାଣିବାକୁ ପାଇଥିଲା। ଦୁର୍ବାସା ଓଡ଼ିଶାରୁ ଗଞ୍ଜେଇ ସଂଗ୍ରହ କରି ପଶ୍ଚିମବଙ୍ଗ, ଛତିଶଗଡ଼ ଓ ରାଜସ୍ଥାନକୁ ଚୋରା ଚାଲାଣ କରୁଥିବା ତଦନ୍ତ ବେଳେ ଜଣାପଡ଼ିଛି। ପୂର୍ବରୁ ଦୁର୍ବାସା, ସୁବୁଦ୍ଧି, ଅରୁଣ ଓ ପ୍ରକାଶ ନାମରେ ଏନ୍‌ଡିପିଏସ୍ ମାମଲା ରହିଥିବା ଜାଣିବାକୁ ପାଇଛି ଏସ୍‌ଟିଏଫ୍। ଗଞ୍ଜେଇ କାରବାରରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି, ତାହା ଜାଣିବା ଲାଗି ୪ ଅଭିଯୁକ୍ତଙ୍କୁ ୭ ଦିନିଆ ରିମାଣ୍ଡରେ ନେବାକୁ ସୋମବାର ଦିନ ଅଦାଲତରେ ଆବେଦନ କରିବ ଏସଟିଏଫ୍।


**OFFICE OF THE SUPERINTENDING ENGINEER**
**JAGATSINGHPUR (R&B) DIVISION, JAGATSINGHPUR**
**GOVERNMENT OF ODISHA**
**("e" PROCUREMENT NOTICE)**
E-Mail I.D.: eerbjspr@gmail.com
Bid Identification No. S.E. JSPR (R&B)-5 of 2026-27

34001/395/2627

**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of the Governor of Odisha invites on **Percentage Rate Basis** bid in **Double Cover System** in **ONLINE MODE** from eligible contractors for Building works as mentioned below.
2. **No. of Work:** 01 No.
3. **Nature of Work:** Civil
4. **Class of Contractor:** "B" Class
5. **Tender Paper Cost:** Rs. 10,000.00/- (Online)
6. **Availability of Bid Documents in the Website:** From **30.06.2026, 05.00 PM** to **14.07.2026**
7. **Date of Opening of Bid: 11.00 AM on 15.07.2026**

The bidders have to participate in **ONLINE** bidding only. Further details can be seen on the website: **https://tendersodisha.gov.in.** Any addendum, corrigendum or cancellation of the tender can also be seen on the said website.

**(Er. Sarbendu Sutar)**
**Additional Chief Engineer**
Jagatsinghpur (R&B) Division

OIPR-34001/34093/1/26-27/0006

**ଓଡିଶା ଆଦର୍ଶ ବିଦ୍ୟାଳୟ, ଗୁଡ଼ାରୀ**
**ODISHA ADARSHA VIDYALAYA, GUDARI**
AT/PO – Gudari, Block – Gudari, Dist – Rayagada, Pin – 765026
Email Id – gudari@oav.edu.in
**CBSE Affiliation No.:** 1520137, **School Code:** 17223, **UDISE Code:** 21271201004
**Letter No.:** 218/OAVGUD/2026, **Date:** 25/06/2026

**ADVERTISEMENT**

Applications are invited from deserving candidates on **Contractual basis** for **KGBV Type-IV Girls' Hostel, Odisha Adarsha Vidyalaya, At.- Gudari, Po.- Gudari, Dist.- Rayagada** as per the vacancies mentioned below in the table.
The detailed qualification and the eligibility criteria is given in the box.

| Sl. No. | Name of the Post | Qualification | Age | Remuneration per month | Vacancy Position | Remarks |
|---|---|---|---|---|---|---|
| 1 | WARDEN | B.A./B.Sc | 30–60 Years | **Rs. 25,621.75/- per month** (Including EPF share of Employee & Employer share) | 01 | — |

Application and other details can be downloaded from the District website: https://rayagada.odisha.gov.in/en/notice/recruitment. Interested candidates fulfilling the eligibility criteria may apply **by Speed Post only (DON'T SUBMIT THE APPLICATION FORMS ON HAND IN THE VIDYALAYA OFFICE OR BY E-MAIL)** to: **Odisha Adarsha Vidyalaya** At.- Gudari, Po.- Gudari, Dist.- Rayagada, Pin – 765026, **Application Period: 27/06/2026 to 15/07/2026** (Latest by **5:00 P.M.**).
The incomplete application forms and forms received after the due date shall be summarily rejected. The authorities will not be responsible for any postal delay. Further, the authorities reserve the right to cancel any or all of the applications without any reason thereof.

**Sd/- PRINCIPAL**
Odisha Adarsha Vidyalaya
Gudari, Dist.- Rayagada

**OFFICE OF THE MUNICIPAL COUNCIL, JATNI**
Phone: **0674-2490826,** Email: municipalityjatni@gmail.com
No.: **3612,** Date: **24.06.2026**
**"E" PROCUREMENT NOTICE**
13001/1002/2627

Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of Terms & Conditions of Contract and other necessary documents can be seen in the Government website: www.tendersorissa.gov.in

| | | |
|---|---|---|
| 1 | Tender Reference No. | EO/JMC/091/2026-27 |
| 2 | Tender I.D. No. | 2026_ORULB_131888_pack1 |
| 3 | Name of the Work | Civil Construction works as mentioned in website |
| 4 | No. of Works | 1 No. |
| 5 | Estimated Cost | Rs. 61,44,555.00 |
| 6 | Period of Completion | 120 Days |
| 7 | Date & Time of Bidding | From **25.06.2026, 11:00 A.M.** to **10.07.2026, 05:30 P.M.** |
| 8 | Last Date & Time for Receipt of Bids in the portal | **Dt. 10.07.2026 up to 05:30 P.M.** |
| 9 | Bid received Online shall be opened on | **13.07.2026 at 11:00 A.M.** |
| 10 | Name and address of the Officer Inviting Bid | Executive Officer, Jatni Municipality |

Further details can be seen from the procurement portal:www.tendersorissa.gov.in

**Executive Officer**
**Jatni Municipality**

OIPR-13001/13041/1/26-27/0011

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର**
୩/୧ଏ ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ
ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ଅର୍ଥ ସହିତ ସେବାବଦ ସୁଧ ନୋଟିସ୍ ପାଇବାର ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମ ର ଧାରା ୧୩(୪) ଏବଂ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ଆବେଦନକାରୀ/ସହ-ଋଣଗ୍ରହୀତା/ଜାମିନ୍‌ଦାର/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **କଚେରୀ ରୋଡ୍ ଶାଖା, ପୁରୀ /** **ଋଣଗ୍ରହୀତା, ଆବେଦନକାରୀ ଏବଂ ବନ୍ଧକଦାତା: ଶ୍ରୀମତୀ ଜୟଶ୍ରୀ ମହାପାତ୍ର,** ସ୍ୱାମୀ: ଶ୍ରୀ ଅଜିତ କିଶୋର ମହାପାତ୍ର / **ସହ-ଋଣଗ୍ରହୀତା: ଶ୍ରୀ ଅଜିତ କିଶୋର ମହାପାତ୍ର / ଜାମିନ୍‌ଦାର ଏବଂ କୋ-ଓବ୍ଲିଗାଣ୍ଟ: ଶ୍ରୀ ବିଶ୍ୱଜିତ ମହାପାତ୍ର,** ପିତା: ଶ୍ରୀ ଅଜିତ କିଶୋର ମହାପାତ୍ର, ସମସ୍ତଙ୍କ ଠିକଣା- ସା: ସୁରଙ୍ଗୀ ମଠ ଲେନ୍, ମଣିକର୍ଣ୍ଣିକା ସାହି, ସାମିଲ ହରଚଣ୍ଡୀ ସାହି, ପୋ/ଜିଲ୍ଲା: ପୁରୀ, ପିନ୍-୭୫୨୦୦୧ | ୧୦.୦୪.୨୦୨୬ ସୁଦ୍ଧା ଟ.୫,୭୭,୦୯୨.୦୮ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୦.୦୪.୨୦୨୬ / ୨୩.୦୬.୨୦୨୬ | ଶ୍ରୀମତୀ ଜୟଶ୍ରୀ ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୧, ଖାତା ନଂ.: ୧୪୯, କ୍ଷେତ୍ର: ଏକର୦.୦୧୮ ଡିସିମିଲି, କିସମ: ଘରବାରି, ମୌଜା: ମଣିକର୍ଣ୍ଣିକା ସାହି, ହୋଲ୍ଡିଂ ନଂ.: ୪୦୦, ସର୍କଲ ନଂ.: ୪, ଏସ୍‌ଆରଓ: ପୁରୀ, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ଜଗନ୍ନାଥ ରଣା, ଉତ୍ତର: ରାସ୍ତା, ଦକ୍ଷିଣ: ବନ ଖୁଣ୍ଟିଆ |
| **ଶ୍ରୀକ୍ଷେତ୍ର ଶାଖା, ପୁରୀ /** **ଋଣଗ୍ରହୀତା, ଆବେଦନକାରୀ ଏବଂ ବନ୍ଧକଦାତା: ଶ୍ରୀମତୀ ନିବେଦିତା ମିଶ୍ର,** ସ୍ୱାମୀ: ୰ ନାରାୟଣ ପ୍ରସାଦ ମିଶ୍ର, ମାତୃନିଳୟ ଗ୍ରେସ୍ ସିଟୀ, ହରିହର ବିହାର, ଗୁଣ୍ଡିଚା ମନ୍ଦିର ପଛପାର୍ଶ୍ୱ, ପୋ: ପୁରୀ-୨, ଜିଲ୍ଲା: ପୁରୀ, ପିନ୍-୭୫୨୦୦୨ / **କୋ-ଓବ୍ଲିଗାଣ୍ଟ ଏବଂ ଜାମିନ୍‌ଦାର: ଶ୍ରୀମତୀ ସ୍ମିତା ମହାନ୍ତି,** ସ୍ୱାମୀ: ଅଶେଷ କୁମାର ମହାନ୍ତି, **ଠିକଣା-୧:** ସା: ସାଇ ନାରାୟଣ ବିଦ୍ୟା ମନ୍ଦିର, ନବକଳେବର ରୋଡ୍, ପୁରୀ-୨, ଜିଲ୍ଲା: ପୁରୀ, ପିନ୍-୭୫୨୦୦୨, **ଠିକଣା-୨:** ସା: ସନ୍ତୋଷୀ ନଗର, ମଧୁପାଟଣା, କଟକ, ପିନ୍-୭୫୩୦୧୦ | ୦୯.୦୪.୨୦୨୬ ସୁଦ୍ଧା ଟ.୧୮,୮୧,୭୭୨.୩୨ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୯.୦୪.୨୦୨୬ / ୨୩.୦୬.୨୦୨୬ | ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୯୩/୪୦୭୭, ଖାତା ନଂ.: ୫୨୧/୨୦୫୫, କ୍ଷେତ୍ର: ଏକର୦.୦୨୯ ଡିସିମିଲି, କିସମ: ଘରବାରି, ମୌଜା: ବାଲୁଖଣ୍ଡ, ଜିଲ୍ଲା: ପୁରୀ, ଓଡ଼ିଶା |

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୬.୦୬.୨୦୨୬

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ୪ କୋଟିର ରାସ୍ତା ସମ୍ପୂର୍ଣ୍ଣ ଧ୍ୱସ୍ତ

## ଅଞ୍ଚଳରେ ତୀବ୍ର ଅସନ୍ତୋଷ

ରାଜଘାଟ, ୨୬।୬ (ସମିସ)



ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ୬୦ ନମ୍ବର ଜାତୀୟ ରାଜପଥର ଜୁକୁନଣ୍ଡି ଛକ ଠାରୁ ରୂପସା ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ହେବାର ମାତ୍ର କିଛି ମାସ ମଧ୍ୟରେ ସମ୍ପୂର୍ଣ୍ଣ ଧ୍ୱସ୍ତ ହୋଇଯାଇଛି। ପାଖାପାଖି ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ୫.୭ କିମି ରାସ୍ତାର ଦୂରାବସ୍ଥା ପାଇଁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ରାସ୍ତା ନିର୍ମାଣ କାମ ସରିବା ପରେ ପରେ ହିଁ ଉପର ସ୍ତରରୁ ଚିପ୍ସ ସବୁ ଛାଟି ହୋଇଯାଇଥିଲା। ଏକାଧିକ ସ୍ଥାନରେ ରାସ୍ତା ଫାଟି ଖଣ୍ଡ ଖଣ୍ଡ ହୋଇଯାଇଛି। ବର୍ଷା ହେଲେ ପାଣି ଜମି ବଡ଼ ବଡ଼ ଖାଲ ସୃଷ୍ଟି ହେଉଛି। ସବୁଠାରୁ ଚକିତ କଲା ଭଳି ତଥ୍ୟ ହେଉଛି, ଜାତୀୟ ରାଜପଥ-୬୦କୁ ଲାଗି ଜୁକୁନଣ୍ଡି ଛକ ନିକଟରେ ଏକ ପୋଲ ନିର୍ମାଣ ହେବାକୁ ଥିଲା। ଏହି ପୋଲଟି ୨୦୨୫ ମସିହା ଶେଷ ଆଡ଼କୁ କାମ ସମ୍ପୂର୍ଣ୍ଣ ହୋଇଥିଲା। ବିଗତ ୩/୪ ବର୍ଷ ଧରି ଏହି ରାସ୍ତା ଦେଇ କୌଣସି ଭାରିଯାନ ଏମିତିକି କୌଣସି ୪ ଚକିଆ ଯାନ ବି ଚଳାଚଳ କରିନଥିଲା। ତଥାପି ଆଜି ପର୍ଯ୍ୟନ୍ତ ମଧ୍ୟ କୌଣସି ଭାରିଯାନ ଏହି ରାସ୍ତା ଦେଇ ଚାଲୁନାହିଁ। ଏହା ସତ୍ତ୍ୱେ ୨ଟି ସ୍ଥାନରେ ରାସ୍ତା ଭାଙ୍ଗି ଭିତରକୁ ଦବି ଯିବା ସହିତ ରାସ୍ତା ସାରା ଖାଲଖମାରେ ଭର୍ତ୍ତି। ଯେତେବେଳେ ରାସ୍ତା ଉପରେ କୌଣସି ଭାରି ଗାଡ଼ି ଚାଲିନାହିଁ, ତେବେ ରାସ୍ତା କିପରି ଦବିଲା ଓ ଫାଟିଲା ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି? ଏହା ସିଧାସଳଖ ନିମ୍ନମାନର ସାମଗ୍ରୀ ବ୍ୟବହାର, ଅନୁପଯୁକ୍ତ କମ୍ପାକ୍ସନ ଏବଂ କାର୍ଯ୍ୟରେ ବ୍ୟାପକ ଅନିୟମିତତାକୁ ଦର୍ଶାଉଛି ବୋଲି ସ୍ଥାନୀୟ ବାସିନ୍ଦା ଓ ବିଶେଷଜ୍ଞମାନେ ଅଭିଯୋଗ କରିଛନ୍ତି। କାମ ଚାଲିଥିବା ବେଳେ ବିଭାଗୀୟ ଯନ୍ତ୍ରୀଙ୍କ ତଦାରଖ ନଥିଲା ବୋଲି ମଧ୍ୟ ଅଭିଯୋଗ ହେଉଛି। ରାସ୍ତା ନିର୍ମାଣ ପରେ ପରେ ରାସ୍ତା ଖରାପ ହୋଇଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ କୌଣସି ମରାମତି କର୍ଯ୍ୟବି ହୋଇନାହିଁ। ଏଣୁ ଏହି ରାସ୍ତାର ଭବିଷ୍ୟତ କୁ ନେଇ ଏବେ ଆଶଙ୍କା ଦେଖା ଦେଇଛି। ଘଟଣା ସମ୍ପର୍କରେ ବିଭାଗୀୟ ମୁଖ୍ୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ଘଟଣାର ତଦନ୍ତ କରିବେ ବୋଲି କହିଛନ୍ତି।

# ସିପିଏମ୍ ନୀଳଗିରି ଆଞ୍ଚଳିକ କମିଟିର ବୈଠକ

ନୀଳଗିରି, ୨୬।୬ (ସମିସ): ଭାରତର କମ୍ୟୁନିଷ୍ଟ ପାର୍ଟି ମାର୍କ୍ସବାଦୀ ନୀଳଗିରି ଆଂଚଳିକ କମିଟିର ଏକ ବୈଠକ ପାର୍ଟି କାର୍ଯ୍ୟାଳୟରେ ସାଥୀ ଯୋଗନନ୍ଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ଆଗାମୀ ଦିନରେ ପାର୍ଟିକୁ ସୁଦୃଢ଼ କରିବା ପାଇଁ ବକ୍ତବ୍ୟ ରଖିଥିଲେ। ରାଜ୍ୟରେ ଆଇନ୍ ଶୃଙ୍ଖଳା ବ୍ୟାଘାତ ପାଇଁ ଆସନ୍ତା ତିରିଶ ତାରିଖ ଦିନ ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରି ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ପାଇଁ ନିଷ୍ପତ୍ତି ହୋଇଛି। କୁଲଡିହା ଅଭୟାରଣ୍ୟରେ ଲୋକ ମାନଙ୍କ ସୁରକ୍ଷା ପାଇଁ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଜୁଲାଇ ୮ରେ ଏକ କନଭେନ୍ସନ୍ କରାଯିବ। ବୈଠକରେ ଆଂଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ହେମେନ୍ଦ୍ର ସେଠୀ, ଅମରେନ୍ଦ୍ର ନାୟକ, ପୁରୁଷୋତ୍ତମ ଖଣ୍ଡେଇ, ଗଜେନ୍ଦ୍ର ସିଂ, ଉମାକାନ୍ତ ଷଡଙ୍ଗୀ, କାଳିଆ ପାତ୍ର, ଲକ୍ଷ୍ମୀଧର ସାହୁ, ହାଡ଼ିବନ୍ଧୁ ସିଂ, ମୃତ୍ୟୁଞ୍ଜୟ ନାୟକ, ନରୋତ୍ତମ ମହାପାତ୍ର, ନାରାୟଣ ଧାମୁଡିଆ, ରବି ସିଂ, ସୁଶାନ୍ତ ଜେନା, କେ.ସି.ପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରଘୁନାଥ ସିଂଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

# ମା' ନାଇକାଣୀଙ୍କ ନବକଳେବର ପ୍ରତିଷ୍ଠା ଦିବସ

ଚନ୍ଦନେଶ୍ୱର,୨୬।୬(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଟୁଙ୍କୁରୀହାଜିରା ପଞ୍ଚାୟତ ଫୁଲବଣୀ ଗ୍ରାମରେ ଅବସ୍ଥିତ କିମ୍ବଦନ୍ତୀ ଓ ଆସ୍ଥାର ପ୍ରତୀକ ପ୍ରତ୍ୟକ୍ଷ ଦେବୀ ମା ନାଇକାଣୀଙ୍କ ନବକଳେବର ପ୍ରତିଷ୍ଠା ଦିବସ ଭକ୍ତିମୟ ଓ ଆଧ୍ୟାତିକ ପରିବେଶ ମଧ୍ୟରେ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଛି। ସୂଚନାଯୋଗ୍ୟ ଯେ, ଶତାବ୍ଦୀ ପୁରୁଣା ଏହି ମନ୍ଦିରର ଜରାଜୀର୍ଣ୍ଣ ଗଠନକୁ ୨୦୧୦ ମସିହାରେ ଭଙ୍ଗାଯାଇ ଗ୍ରାମବାସୀଙ୍କ ସହଯୋଗ ଓ ଅକୁଣ୍ଠ ସମର୍ଥନରେ ନୂତନ ମନ୍ଦିର ନିର୍ମାଣ କରାଯାଇଥିଲା। ପରେ ୨୦୧୨ ମସିହାରେ ଅଘୋରୀ ବାବାଙ୍କ ଦ୍ୱାରା ମାଁଙ୍କ ପୀଠରେ ନବକଳେବର ଓ ପୁନଃପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସେହି ଐତିହାସିକ ଓ ସ୍ମରଣୀୟ ମୁହୂର୍ତ୍ତକୁ ସ୍ମରଣ କରି ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ପୂଜକ ଗୋପାଳ ନନାଙ୍କ ଦ୍ୱାରା ବିଧିବଦ୍ଧ ପୂଜାର୍ଚ୍ଚନା ଓ ଧାର୍ମିକ ରୀତିନୀତି ସମ୍ପନ୍ନ ହୋଇଥିବା ବେଳେ ଭକ୍ତମାନଙ୍କ ପାଇଁ ଖିରୀ ଓ ଖେଚୁଡ଼ି ପ୍ରସାଦ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟି, ପୂଜକ ଗୌରୀଶଙ୍କର ପଣ୍ଡା (କୁନା), ସେବାୟତ ସୁଜାତା ପ୍ରଧାନଙ୍କ ସହ ବହୁ ଶ୍ରଦ୍ଧାଳୁ ଓ ଗ୍ରାମବାସୀ ଯୋଗଦେଇଥିଲେ। ମାଁ ନାଇକାଣୀଙ୍କ ପୀଠର ବିକାଶ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ମଧ୍ୟ ପ୍ରକାଶ ପାଇଛି। ସରକାରଙ୍କ ଅନୁଦାନରେ ନିର୍ମିତ କଲ୍ୟାଣ ମଣ୍ଡପ ଏପର୍ଯ୍ୟନ୍ତ ମନ୍ଦିର ପରିଚାଳନା କମିଟିଙ୍କୁ ହସ୍ତାନ୍ତର ହୋଇନଥିବା ବେଳେ, ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ଥାପିତ ହାଇମାସ୍କ ଲାଇଟ୍ ଦୀର୍ଘଦିନ ଧରି ଅକାମୀ ଅବସ୍ଥାରେ ପଡ଼ିରହିଛି। ଏହି ପରିପ୍ରେକ୍ଷୀରେ କଲ୍ୟାଣ ମଣ୍ଡପର ଶୀଘ୍ର ହସ୍ତାନ୍ତର, ଅକାମୀ ହାଇମାସ୍କ ଲାଇଟ୍‌କୁ କାର୍ଯ୍ୟକ୍ଷମ କରିବା ସହ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଭଳି ମୌଳିକ ସୁବିଧା ଯୋଗାଇ ମାଁ ନାଇକାଣୀ ପୀଠକୁ ଏକ ଆକର୍ଷଣୀୟ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବାକୁ ସ୍ଥାନୀୟ ଅଧିବାସୀମାନେ ଦୃଢ଼ ଦାବି ଉଠାଇଛନ୍ତି।

# ଠକ ଦମ୍ପତିକୁ କାବୁ କରି ପୁଲିସ ଜିମା

ସିମୁଳିଆ,୨୬।୬ (ସମିସ): ଚାକିରୀ କରେଇ ଦେବା ନାଁରେ ଠକେଇ ଦମ୍ପତିକୁ ମହଙ୍ଗା ପଡ଼ିଲା। ଲୋକଙ୍କ ହାତରେ ଧରାପଡି ହେଲେ ହଟହଟା, ଶେଷରେ ସିମୁଳିଆ ପୁଲିସ ଦମ୍ପତିକୁ ନିଜ ହେପାଜତକୁ ନେଇ ସୁରକ୍ଷା ଦେଇଥିବା ଜଣାଯାଇଛି। ସିମୁଳିଆ ଥାନା ଅନ୍ତର୍ଗତ ସବଙ୍ଗ ପଞ୍ଚାୟତର ସହଜପଦା ଗ୍ରାମର ଦମ୍ପତି ବୈକୁଣ୍ଠ ପଲେଇ ଓ ସରୋଜିନୀ ପଲେଇ ଖଡ଼ଗପୁର ରେଳ ବିଭାଗରେ ଚାକିରୀ କରାଇ ଦେବା ପ୍ରଲୋଭନ ଦେଖାଇ ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ନେଇଥିବାର ସିମୁଳିଆ ଥାନାରେ ଅଭିଯୋଗ ହୋଇଛି। କିଛି ଦିନ ହେବ ଦମ୍ପତି ସିମୁଳିଆ ତଥା ଆଖପାଖ ଅଞ୍ଚଳରେ ରେଳ ବିଭାଗରେ ଚାକିରୀ କରାଇ ଦେବା ନାମରେ ଲକ୍ଷାଧିକ ଟଙ୍କା ନେଇଥିଲେ। ଯେତେବେଳେ ଚାକିରୀ ନାହିଁ ଠକେଇର ଶିକାର ହୋଇଥିବା ଜାଣି ତାଙ୍କୁ ତାଙ୍କ ଟଙ୍କା ଫେରସ୍ତ କରିବା ପାଇଁ ବାରମ୍ବାର କହିଥିଲେ। ମାତ୍ର ଦମ୍ପତି ସେମାନଙ୍କୁ ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ। ଆଜି ଦମ୍ପତି ମାର୍କୋଣା ଷ୍ଟେସନ ବଜାର ନିକଟରେ ଏକ ଜଳଖିଆ ଦୋକାନରେ ବସି ଖାଉଥିଲେ। ଖବରପାଇ ଟଙ୍କା ଦେଇଥିବା ଲୋକମାନେ ପହଞ୍ଚି ଟଙ୍କା ଫେରି ପାଇବା ନିମନ୍ତେ ଜିଦ ଧରି ବସିଥିଲେ। ଘଟଣା ଅଣାୟତ ହେବା ଖବର ପାଇ ସିମୁଳିଆ ପୁଲିସ ଦମ୍ପତିଙ୍କୁ ନିଜ ହେପାଜତକୁ ନେଇଥିଲେ। ସେଠାରେ ଆପୋଷ



ବୁଝାମଣା ମାଧ୍ୟମରେ ସାତ ଦିନ ଭିତରେ ସମୟ ନେଇ ଅର୍ଥ ଫେରାଇବାକୁ ପ୍ରତିଶ୍ରୁତି ଦେବା ପରେ ସେମାନଙ୍କୁ ଛଡା ଯାଇଥିଲା।

# ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳିତ



ଜଳେଶ୍ୱର ବ୍ଲକ, ୨୬।୬ (ସମିସ) : ଶୁକ୍ରବାର ଜଳେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ନନ୍ଦିକାସ୍ଥିତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ, ଜଳେଶ୍ୱର ସମ୍ମିଳନୀ କକ୍ଷରେ ମିଳିତ ନିଶା ନିବାରଣ ଅଭିଯାନ, ଜଳେଶ୍ୱର ଶାଖା ତରଫରୁ ସଭାପତି ଦିଲ୍ଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ଆଲୋଚନା କରିଥିଲେ। ସଭାପତି କମଳ କୁମାର ଚକ୍ରବର୍ତ୍ତୀ, ଡଃ ରମାକାନ୍ତ ଭଞ୍ଜ, ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ସଭାପତି ବିଷ୍ଣୁ ପଦ ମହାନ୍ତି, ସାଧାରଣ ସମ୍ପାଦକ ଯୁଗଳ କିଶୋର ପ୍ରଧାନ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁନୀଲ କୁମାର ନାୟକ, ଶିକ୍ଷାବିତ୍ କପିଳେଶ୍ୱର ମହାନ୍ତି, ସମାଜ ସେବୀ କ୍ଷେତ୍ର ମୋହନ ଲଗିରି, ଡଃ ଈଶ୍ୱର ଚନ୍ଦ୍ର ଜେନା ମିଳିତ ନିଶା ନିବାରଣ ଅଭିଯାନ ଜଳେଶ୍ୱର ଶାଖା ର ସମ୍ପାଦକ ଡଃ ଅଜିତ କୁମାର ମହାନ୍ତି ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଜାକ ପରିଡା, ନିରୂପମା ମହାନ୍ତି, ପୂଜା ରାଣୀ ଦେ, ଚନ୍ଦନ କୁମାର ଦେ, ଗୌରୀଶଙ୍କର ପ୍ରଧାନ, ଅରୁଣ କୁମାର ଦେ, ମାମୁନି ଚନ୍ଦ, ଜିନା ରାଣୀ ଦେ, ଯଦୁନାଥ ନାୟକ, ଶାନ୍ତନୁ କୁମାର ଦାସ, ରବିନ୍ଦ୍ର ଦାସ, କନକାଞ୍ଜଳୀ ଦାସ। ଧନ୍ୟବାଦ ଅର୍ପଣ କରିଥିଲେ ଅଜୟ କୁମାର ମହାପାତ୍ର।

# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପାଳିତ



ସିମୁଳିଆ, ୨୬।୬ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅବଜୁନା ପଞ୍ଚାୟତ କାଞ୍ଚନ କମଳା ଉଚ୍ଚ ବିଦ୍ୟାଳୟ ରାମକୃଷ୍ଣପୁରର ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁ ଗତ ଫେବୃଆରୀ ମାସରେ ଚାକିରିରୁ ଅବସର ନେଇଥିଲେ। ବର୍ଷା ବାଧକ ସାଜିଥିବାରୁ ବିଦାୟ ସମ୍ବର୍ଧନା ହୋଇ ପାରିନଥିଲା। ପୂର୍ବତନ ଛାତ୍ରଛାତ୍ରୀ, ଅଭିଭାବକ, ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଜି ପ୍ରଧାନ ଶିକ୍ଷକ ଅରୁଣ ସାହୁଙ୍କ ବିଦାୟ କାଳୀନ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ବିଆରସି ଅଜୟ କୁମାର ପଣ୍ଡା. ମୁଖ୍ୟବକ୍ତା ପଦ୍ମଲୋଚନ ଦାଶ, ସମ୍ମାନିତ ଅତିଥି ବିଜୟ ମିଶ୍ର ଓ ଲକ୍ଷ୍ମୀଧର ବଳ, ହେମଲତା ବାରିକ, ଅର୍ଜୁନ ଚରଣ ବଳ. ପ୍ରଶ୍ନନ ଧଳ ଶତ୍ରୁଘ୍ନ ଦତ୍ତ ଶିବଶଙ୍କର ପଣ୍ଡା. ଭାଷଣ ପରେ ତ୍ରିଲୋଚନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଖୁଆର୍ଡଠାରେ ବଳିଦାନ ଦିବସ ପାଳିତ

ଜଳେଶ୍ୱର,୨୬।୬ (ସମିସ) : ମାଁଙ୍କ ନାଁରେ ଗଛଟିଏ ବୃକ୍ଷରୋପଣ ସହ ଆଦିବାସୀ ସାହିରେ ବଳିଦାନ ଦିବସ ପାଳିଲା ଜଳେଶ୍ୱର ଭାରତୀୟ ଜନତା ପାର୍ଟି। ଜଳେଶ୍ୱର ନିର୍ବାଚନ ମଣ୍ଡଳୀ, ଖୁଆର୍ଡ ପଞ୍ଚାୟତ ଉପର କୁଣ୍ଡି ଗାଁ, କମାର ସାହି ରେ ମଣ୍ଡଳ ସଭାପତି ସଞ୍ଜିବ ଜେନାଙ୍କ ସଭାପତିତ୍ୱ ରେ ବଳିଦାନ ଦିବସ ପାଳିତ ହୋଇଯାଇଛି। ଗୁରୁବାର ଆୟୋଜିତ ସଭାରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେପି ନେତା ବ୍ରଜମୋହନ ପ୍ରଧାନ ଯୋଗଦେଇ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୀବନ ଆଦର୍ଶ ଓ ଦେଶ ପ୍ରତି, ଦଳୀୟ ଭାବନା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ କାଳୀ ଚରଣ ଦାସ, ପୂର୍ବତନ ମଣ୍ଡଳ ସଭାପତି ତରୁଣ ପଟ୍ଟନାୟକ, ପଞ୍ଚାୟତ ସଭାପତି ସୁଜିତ୍ ଦାସ, ମଣ୍ଡଳ ସାଧାରଣ ସମ୍ପାଦକ ଗୌତମ କୁମାର ପାତ୍ର, ମଣ୍ଡଳ ଉପସଭାପତି ଅଜିତ ଘୋଷ, ସନତ ସାହୁ, ଯୁବ ସଂଗଠକ ରାଜେଶ ଖଟୁଆ, ତାପସ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ହୋଇ ମହାନ ଜନନେତାଙ୍କ ବଳୀଦାନ, କାର୍ଯ୍ୟ ଦକ୍ଷତା ସମ୍ପର୍କରେ ଅବଗତ କରିଥିଲେ।

# ଓୟୁଜେ ପକ୍ଷରୁ ଦହି ସରବତ ବଣ୍ଟନ



ବାଲେଶ୍ୱର,୨୬।୬ (ସମିସ): ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଏକ ଜଳଛତ୍ର ଓ ଦହି ସର୍ବତ ବଣ୍ଟନ କାର୍ଯ୍ୟକ୍ରମକୁ ବାର ଆସୋସିଏସନ୍ ସଭାପତି ମନୋଜ କୁମାର ନାୟକ ଉଦଘାଟନ କରିଛନ୍ତି। ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ବିବେକାନନ୍ଦ ଦାସ, ବରିଷ୍ଠ ସଦସ୍ୟ ରାମନାରାୟଣ ଶତପଥି, ଅଜିତ ମହାନ୍ତି, ପ୍ରସନ୍ନଜିତ ଆଶ, ଅଧିପ୍ ଜେନା, ଆଶୁତୋଷ ମଲ୍ଲିକ, ଲୋକନାଥ ପିରି, ଅମ୍ରିତା ପିରୀ, ହାଇଦର ଖାନ, ଅଜୀମ ବାଲେଶ୍ୱରୀ, ସୋମନାଥ ସାହୁ, କହ୍ନେଇ ଚରଣ ପ୍ରଧାନ ଆଇନଜୀବୀ, ଅଜୟ ପାତ୍ର, ସମାଜସେବୀ ଅରୁଣ ଚାଟାର୍ଜୀ, ଭବାନୀ ଶଙ୍କର ପାଣିଗ୍ରାହୀ, ଗୋପବନ୍ଧୁ ଗିରି, ହରେକୃଷ୍ଣ ପାତ୍ର, ମୀନାନ୍ଦ୍ର ଦାସ, ସିପୁନ ମହାନ୍ତି, ଆଲୋକ ମଲ୍ଲିକ, ବାପୁନ ସାହୁ, ଅଭିରାମ ବାରିକ ପ୍ରମୁଖଙ୍କ ସମେତ ଆଇନଜୀବୀ, ସ୍ଥାନୀୟ ବ୍ୟବସାୟୀ, ଅଟୋ ଚାଳକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବେଆଇନ କେନ୍ଦୁପତ୍ର ବୋଝେଇ ପିକ୍‌ଅପ୍ ଜବତ

ଜଳେଶ୍ୱର ବ୍ଲକ, ୨୬।୬ (ସମିସ): ଗତ ଗୁରୁବାର ମଧ୍ୟ ରାତ୍ରିରେ ଓଡିଶା ପଶ୍ଚିମବଙ୍ଗ ସୀମାନ୍ତ ଆମ୍ବିଳୀଅଠା ଠାରେ ଅନୁଗୁଳ ଜିଲ୍ଲା ଆଠମଲ୍ଲିକ୍ ଅଞ୍ଚଳର ଯୁବକ ବାଦଲ ବେହେରା ଏକ ପିକ୍‌ଅପ୍ ଗାଡିରେ ବେଆଇନ କେନ୍ଦୁପତ୍ର ବୋଝଇ କରି ପଶ୍ଚିମବଙ୍ଗକୁ ଯିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଜଳେଶ୍ୱର ବନ ବିଭାଗର ଏକ ଟିମ କେନ୍ଦୁପତ୍ର



ବୋଝଇ ପିକପଟିକୁ ଜବତ କରିଥିଲେ। ଏଥିରେ ପାଖାପାଖି ୪୫ହଜାର ଟଙ୍କାର ପତ୍ର ରହିଥିଲା। ଏହି ଚଢ଼ଉରେ ଜଳେଶ୍ୱର ଭାରପ୍ରାପ୍ତ ରେଞ୍ଜର ସଞ୍ଜୟ ମହାନ୍ତି, ଭାରପ୍ରାପ୍ତ ଫରେଷ୍ଟର ପ୍ରହ୍ଲାଦ ଚନ୍ଦ ନାୟକ, ଫୋରେଷ୍ଟଗାର୍ଡ ସରସ୍ୱତୀ ମୁର୍ମୁ, ଗାର୍ଡ ସମରେଶ ଦାସ, ଡିଇଓ ଜୟଦେବ ଦାସ ଉପସ୍ଥିତ ଥିଲେ।

# ଅସହାୟ ସବିତାଙ୍କୁ ଭୋଳା ଭଣ୍ଡାରୀ ଅନ୍ନଦାତା ପରିବାରର ସହାୟତା



ଜଳେଶ୍ୱର ବ୍ଲକ, ୨୬।୬ (ସମିସ) : ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲକ୍ଷ୍ମଣନାଥ ଗ୍ରାମ ପଞ୍ଚୟତର ଗୋପ ଗ୍ରାମର ବାସୁଳିସାହିପାଖରେ ଥିବା ଆଦିବାସୀ ସାହିର ସବିତା ହାଂସଦା ରୋଷେଇ କଲାବେଳେ ନିଆଁ ରେ ପୋଡ଼ି ୬୦ପ୍ରତିଶତ ଅର୍ଦ୍ଧଦଗ୍ଧ ହୋଇଥିଲେ। ସବିତା ହଂସଦାକୁ, ଭୋଳା ଭଣ୍ଡାରୀ ଅନ୍ନଦାତା ପରିବାର ଜଳେଶ୍ୱର, ସମ୍ପୂର୍ଣ୍ଣ ସୁସ୍ଥ କରି,ଆଜି ସବିତାଙ୍କୁ ସଙ୍ଗଠନର କର୍ମକର୍ତ୍ତା ହରିଶଙ୍କର ପଣ୍ଡାଙ୍କ ନେତୃତ୍ୱରେ ବିଭୁତି ଭୋଇ, ସଂଯୁକ୍ତା ଭୋଇ,ବଳରାମ ବାଗ,ସସ୍ମିତା ଦାସ, ଗୀତାରାଣୀ ଘୋଷ, ବିଶ୍ୱନାଥ ବିନ୍ଧାଣି, ଲକ୍ଷ୍ମୀପ୍ରିୟା ବାଗ, ମିତାଞ୍ଜଳି ପ୍ରଧାନ ପ୍ରମୁଖ ସଦସ୍ୟ ଯାଇ ତାଙ୍କୁ ତିନିମାସର ଖାଦ୍ୟ ବସ୍ତ୍ର ଯୋଗେଇଦେବା ସହିତ ତାଙ୍କ ସୁଖ ଦୁଃଖରେ ଭାଗିଦାର ହେବାର ପ୍ରତିଶ୍ରୁତି ପାଇ ସବିତା ମୁହଁରେ ହସ ଫୁଟିଛି।

# ପୂର୍ବତନ ପ୍ରଶାସନିକ ଅଧିକାରୀଙ୍କ ସ୍ମୃତିସଭା

ସୋର, ୨୬।୬ (ସମିସ): ସୋର ପୌରପାଳିକା ଅନ୍ତର୍ଗତ ଉଉରେଶ୍ୱର ବାସଭବନରେ ପୂର୍ବତନ ପ୍ରଶାସନିକ ଅଧିକାରୀ ବ୍ରଜମୋହନ ଷଡ଼ଙ୍ଗୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତିଚାରଣ ସଭା ଗୌରମୋହନ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏହି ସଭାରେ ସୋର ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ନବକିଶୋର ଦାସ, ଚକ୍ରଧର ପାଢ଼ୀ, ନାଗରିକ ମଞ୍ଚର ମାୟାଧର ନାୟକ, ହିମାଂଶୁ ପାଣିଗ୍ରାହୀ, ବିଜୟ ଷଡ଼ଙ୍ଗୀ, ବାସୁଦେବ ପାଣିଗ୍ରାହୀ, ଜୟଶ୍ରୀ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଷଡ଼ଙ୍ଗୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ମରଣିକା 'ମୋହନ ବଂଶୀରେ ବ୍ରଜମୋହନ' ଉନ୍ମୋଚିତ ହୋଇଥିଲା। ପୁତ୍ର ବନଜ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ସୁଦାମ ଜେନା, ରାମଚନ୍ଦ୍ର ପାଢ଼ୀ, ଗୌରୀରାଣୀ ପାଢ଼ୀ ଓ ସବିତା ପାଣିଗ୍ରାହୀ ଏହାକୁ ପରିଚାଳନା କରିଥିଲେ।

# ବଣିଆଡ଼ିହା ପଞ୍ଚାୟତରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

ଲଙ୍ଗଳେଶ୍ୱର, ୨୬।୬ (ସମିସ) : ବାଲିଆପାଳ ବ୍ଲକ ଅନ୍ତର୍ଗତ ବଣିଆଡିହା ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ର ସରପଞ୍ଚ କାଳି ଚରଣ ଜେନାଙ୍କ ତତ୍ୱାବଧାନରେ ତିନି ଦିନ ଧରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ରେ ୧୮୧ ଜଣ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଇଥିଲା। ଦ୍ୱିତୀୟ ଦିନରେ ୧୧ ଜଣ ହିତାଧିକାରୀ ଙ୍କୁ ନୂତନ ଭତ୍ତା ପ୍ରଦାନ କରାଯିବା ସହ ଦୁଇ ଜଣ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ଏବଂ ୪୪ ଜଣଙ୍କୁ ବୟୋବନ୍ଦନା ସ୍ୱାସ୍ଥ୍ୟ କାର୍ଡ, ୧୮୧ ଜଣଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଥିଲା। ଶେଷ ଦିନ ରେ ପଞ୍ଚାୟତର ୧୦୯ ଟି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ନେଇ ସୁଭଦ୍ରା ଶକ୍ତି ମେଳା ଅନୁଷ୍ଠିତ ହେବା ସହ ୧୪ ଜଣ ଅଙ୍ଗନବାଡି କର୍ମୀଙ୍କୁ ନୂତନ ମୋବାଇଲ ବଣ୍ଟନ କରା ଯାଇଥିଲା, ଏହି କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଭାବରେ ଗୌତମ ସେଠୀ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ସାମାଜିକ କର୍ମୀ ଜଗତଜୀବନ ଦାସ, ନାୟବ ସରପଞ୍ଚ ଗଙ୍ଗାମଣୀ ନାୟକ, ୱାର୍ଡମେମ୍ବର ବସନ୍ତ ମଲ୍ଲିକ, ସୁଭଦ୍ରା ଜେନା, ଗୋବିନ୍ଦ ସାହୁ , ସାର୍ତ୍ତକ ରାଉଳ, ଅମୂଲ୍ୟ ପଟ୍ଟାୟତ, ପ୍ରତାପ ନାୟକ, ଏସ କେ ବାବୁ,ଚିନୁ ଜେନା, ଏମବିକେ ମିନାକ୍ଷୀ ଲେଙ୍କା ପ୍ରମୁଖ ଯୋଗଦେଇ ଓଡିଶା ସରକାରଙ୍କ ଜନହିତକାରୀ ଯୋଜନାର ସଫଳ ରୂପାୟନ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ।




# ବ୍ୟକ୍ତିଗତ ନିର୍ମାଣ ପାଇଁ କେନାଲ ମାଟି ବ୍ୟବହାର

## ଆନ୍ଦୋଳନ ଧମକ ଦେଲେ ଗ୍ରାମବାସୀ

ଖଇରା,୨୬।୬ (ସମିସ)



ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ବୁଢାଗଡିଆ ନିକଟରେ ଗଛିତ ରଖାଯାଇଥିବା କେନାଲ ମାଟିକୁ ବେଆଇନ ଭାବେ ଜଣେ ଠିକାଦାର୍ ନିଜ କାମ ପାଇଁ ବ୍ୟବହାର କରିବାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶାସକ ଦଳ ନେତାଙ୍କ ମାଧ୍ୟମରେ କେନଲ ଖୋଳା ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଉପରେ ଚାପ ପକାଇ ଏହି କାର୍ଯ୍ୟ କରାଯାଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେପଟେ ବୁଧବାରରୁ ଶୁକ୍ରବାର ୩ଦିନ ଧରି ଶହ ଶହ ଟ୍ରିପ ମାଟି ଖୋଳା ଯାଉଥିବା ବେଳେ ଖଣି ଏବଂ ରାଜସ୍ୱ ବିଭାଗ ନିରବ ରହିଛନ୍ତି। ଯଦି ଗୁରୁବାର ପୁଣି ବେଆଇନ ମାଟି ଚାଲାଣ ଜାରି ରହେ ତେବେ ସ୍ଥାନୀୟ ବୁଢାଗଡିଆ, ସମସରପୁର, କଣ୍ଟାବଣିଆ, ସରସତିଆ, ବଳଭଦ୍ରପୁର ଓ ପଳାସପୁର ଗ୍ରାମର ଅଧିବାସୀ ମାନେ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି। ଏଥିରେ ଖୋଦ ଜିଲାପାଳଙ୍କ ହସ୍ତକ୍ଷେପ ଦାବି କରାଯାଇଛି। ବର୍ତ୍ତମାନ ଖଇରା ଓ ଔପଦା ସିମାନ୍ତବର୍ତ୍ତୀ ଯାଗାର କଣ୍ଟାବଣିଆ ସନସରପୁର ନିକଟରେ କେନାଲ କାର୍ଯ୍ୟ ଚାଲିଥିବାବେଳେ ଖୋଳାଯାଉଥିବା ମାଟିକୁ ୨ ପାର୍ଶ୍ୱରାସ୍ତା ଓ ଅନ୍ୟାନ୍ୟ କାମ ପାଇଁ ରଖାଯାଇଥିଲା। କିଛିଦୁର ରେ ବ୍ୟକ୍ତିଗତ ନିର୍ମାଣ କାମ ଦାୟିତ୍ୱରେ ଥିବା ଠିକାଦାର କେନାଲ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ କେନାଲ ଠିକାଦାର ତ୍ରିବେଣୀ କନଷ୍ଟ୍ରକସନ ଉପରେ ଚାପ ପକାଇ ବେଆଇନ ଭାବେ ଶହ ଶହ ଟ୍ରିପ ମାଟି ବୁଢାଗଡିଆ ସେବା ସମବାୟ ସମିତି ଆଗରେ ଥିବା ପଡିଆକୁ ଭର୍ତ୍ତି କରୁଛନ୍ତି। ଏବେ ମୌସୁମୀ ବର୍ଷା ଚାଲିଥିବା ବେଳେ ଔପଦା ରୁ ବୁଢାଗଡିଆ ରାସ୍ତାରେ ପରିବହନ ବେଳେ ଟ୍ରାକ୍ଟରରୁ ମାଟିପଡି ରାସ୍ତା କାଦୁଅ ପଚ ପଚ ହୋଇ ପଡୁଥିବାରୁ ବହୁ ସଂଖ୍ୟାର ଯାତ୍ରୀ ଦୁର୍ଘଟଣାର ସମ୍ମୁଖିନ ହେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ କେନାଲ ଖୋଳା ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଓ ନିର୍ବାହୀଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରେ ସେମାନେ ନା କରିବା ସତ୍ତ୍ୱେ ଠିକାଦାର ଜୋରଜବରଦସ୍ତ ମାଟି ପରିବହନ କରୁଥିବା କହିଛନ୍ତି। କେନାଲ ଖର୍ଚ୍ଚରେ ପଡିଆ ଉନ୍ନତି ପାଇଁ ଆସିଥିବା ୬ଲକ୍ଷ ଟଙ୍କା ହଡପ ପାଇଁ ଉଦ୍ୟମ କରାଯାଉଥିବା କୁହାଯାଉଛି। ଖଣି ଅଧିକାରୀ ଅଭିଷେକ ବେହେରାଙ୍କ ପ୍ରତିକ୍ରିୟା ନେବାରେ ତାଙ୍କୁ କେହି ଅଭିଯୋଗ କରିନଥିବାରୁ ସେ ପଦକ୍ଷେପ ନେଇ ନଥିବା କହିଛନ୍ତି।

# କନିଷ୍ଠ ଦୌଡ଼କୁଦ ଖେଳାଳି ଚୟନ ପ୍ରତିଯୋଗିତା ୧୪ରୁ

ବାଲେଶ୍ୱର,୨୬।୬ (ସମିସ): ଜିଲ୍ଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆସନ୍ତା ମାସ ୧୪ ଓ ୧୫ ତାରିଖରେ କନିଷ୍ଠ ଦୌଡକୁଦ ଖେଳାଳି ଚୟନ ପ୍ରତିଯୋଗିତା ସ୍ଥାନୀୟ ପରମିଟ ପଡିଆ ଠାରେ ଦୁଇଦିନ ଧରି ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡା ସଂଘ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଜଣାଇଛନ୍ତି। ଏହି ଚୟନ ପ୍ରତିଯୋଗିତା ୧୪, ୧୬, ୧୮ ଏବଂ ୨୦ ବର୍ଷରୁ କମ୍ ବାଳକ ଓ ବାଳିକା ମାନଙ୍କ ମଧ୍ୟରେ ହେବ। ଆଗ୍ରହୀ ସ୍କୁଲ, କଲେଜ ଏବଂ ଅନୁଷ୍ଠାନର କ୍ରୀଡାବିତମାନେ ଜିଲ୍ଲା କ୍ରୀଡାସଂଘ ଅଫିସରୁ ଫର୍ମ ନେଇ ଆସନ୍ତା ୭ ତାରିଖ ସୁଦ୍ଧା ସେମାନଙ୍କର ନାମ ଅନୁଷ୍ଠାନ ଜରିଆରେ ପଞ୍ଜିକରଣ କରାଇବେ। ପ୍ରତିଯୋଗିତା ବିଷୟରେ ଅଧିକ ବିବରଣୀ ପାଇଁ ଯୁଗ୍ମ ସମ୍ପାଦକ ସଂଜୟ ଲେଙ୍କା (୬୩୭୧୬୫୨୯୩୩), ବିରେନ୍ଦ୍ର କୁମାର ସ୍ୱାଇଁ (୮୧୪୪୬୮୯୪୮୫)) ଙ୍କ ସହିତ ଯୋଗାଯଗ କରିବା ପାଇଁ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜଣାଇଛନ୍ତି। ଏହି ଚୟନ ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ଖେଳାଳିମାନେ ଅଗଷ୍ଟ ମାସରେ କଟକଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ କନିଷ୍ଠ ଦୌଡକୁଦ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବେ।

# ଜଳିଗଲା ମାଛଧରା ଟ୍ରଲର




ଭଦ୍ରକ,୨୬।୬(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତରଗତ ଧାମରା ମଧ ପୋତାଶ୍ରୟ ମଧ୍ୟରେ ଏକ ମାଛଧରା ଟ୍ରଲରରେ ନିଆଁ ଲାଗି ଜଳିଯାଇଛି। ଏହି ଟ୍ରଲରକୁ କ୍ରେଡେଲକୁ ଉଠାଯାଇ କାଠ କାମ ହେଉଥିବା ବେଳେ ଅସାବଧାନତାରୁ ନିଆଁ ଲାଗି ଯାଇଥିଲା। ଫଳରେ ଟ୍ରଲରର କ୍ୟାବିନ ଏବଂ ଉପରିଭାଗ ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଛି। ଧାମରା ଦମକଳ ବାହିନୀ ଏବଂ ଧାମରା ବନ୍ଦର ଦମକଳ ବାହିନୀ ପହଞ୍ଚିଥିଲେ ମଧ ନିଆଁକୁ ଆୟତ କରିବା କଷ୍ଟ ହୋଇ ପଡିଥିଲା। ଫଳରେ ଟ୍ରଲର୍‌ର ଉପର ଭାଗ ସମ୍ପୂର୍ଣ ଜଳିଯାଇଛି। ଟ୍ରଲରଟି ଧାମରା ଅଞ୍ଚଳର ସପନ ସିଟଙ୍କର ହୋଇଥିବା ବେଳେ କିପରି ନିଆଁ ଲାଗିଲା ତାହା ଅସ୍ପଷ୍ଟ ରହିଛି।

# ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିବସରେ ରକ୍ତଦାନ ଶିବିର

ସହିଦନଗର,୨୬।୬(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିବସ ଅବସରରେ ଧାମନଗର ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତା ପାର୍ଟି ପକ୍ଷରୁ ଶହୀଦ ନଗର କଲ୍ୟାଣ ମଣ୍ଡପ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବରିଷ୍ଠ ବିଜେପି ନେତା ରଘୁନାଥ ଲେଙ୍କା ଓ ଖପରପଦା ପଞ୍ଚାୟତର ସରପଞ୍ଚ ଅନସୂୟା ସାହୁ ଫିତା କାଟି ଉଦ୍‌ଘାଟନ କରିଥିଲେ। ମଣ୍ଡଳ ସଭାପତି ଶ୍ରୀକାନ୍ତ



ନାୟକ ରକ୍ତଦାନର ମହତ୍ୱ ଉପରେ ଆଲୋକପାତ କରି ସମସ୍ତଙ୍କୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମରେ ଖପରପଦା ସରପଞ୍ଚ ପ୍ରତିନିଧି ରମାକାନ୍ତ ସାହୁ, ବରିଷ୍ଠ ବ୍ୟବସାୟୀ ତଥା ବିଜେପି ଯୁବମୋର୍ଚ୍ଚା ସଭାପତି ସୂରଜ ସାହୁ, ଶହୀଦ ମଣ୍ଡଳ ସାଧାରଣ ସମ୍ପାଦକ ରଜତ ଲେଙ୍କାଙ୍କ ସମେତ ବହୁ ବିଜେପି କର୍ମୀ, ସମାଜସେବୀ ଓ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ବହୁ ସଂଖ୍ୟକ ଯୁବକ ଉତ୍ସାହର ସହ ରକ୍ତଦାନ କରି ମାନବସେବା ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ। ଏହି ରକ୍ତଦାନ ଶିବିରରେ ମୋଟ ୪୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ନିରୋଧୀ ଦିବସ




ଭଦ୍ରକ,୨୬।୬(ସମିସ): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କ ଦ୍ୱାରା ଚରମ୍ପା ଅବନ୍ତିକା ବିଜ୍ଞାନ କଲେଜ ଠାରେ ଛାତ୍ର ଛାତ୍ରୀ ମାନଙ୍କୁ ନିଶା ନିବାରଣ ସମ୍ପର୍କରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ପୂର୍ଣ୍ୟଶ୍ଳୋକ ରଥ ଏହି ସଚେତନତା କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ଉପସ୍ଥିତ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ଏଲ୍.ଏ.ଡିସ୍.ଏସ୍ ସହାୟକ- ନ୍ୟାୟ ରକ୍ଷକ ତାପସ କୁମାର ମହାନ୍ତି, ଅବନ୍ତିକା ବିଜ୍ଞାନ କଲେଜ ଅଧ୍ୟକ୍ଷ ଇଂ.ଅମିତ କୁମାର ମଲ୍ଲିକ, ଅବକାରୀ ଅଧୀକ୍ଷକ, ନରୋତମ ମିଶ୍ର, ନିୟୁ ଲାଇଫ ନିଶା ନିବାରଣ ମୁଖ୍ୟ ପରିଚାଳକ ପଙ୍କଜ କୁମାର ସାହୁ ପ୍ରମୁଖ ଅତିଥି ଗଣ ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ନିଜବକ୍ତବ୍ୟରେ କହିଥିଲେ ଯେ ତମାଖୁ ସେବନ ଏକ ମହାମାରୀ। ତମାଖୁ ସେବନ ଦ୍ୱାରା ବ୍ୟକ୍ତି ନିଜର ସ୍ୱାସ୍ଥ୍ୟ ଜନିତ ସମସ୍ୟା ଏବଂ ଆର୍ଥିକ ଓ ସାମାଜିକ ବୋଝର ଶିକାର ହୁଅନ୍ତି, ତେଣୁ ତମାଖୁ ଠାରୁ ଦୂରେଇ ରୁହନ୍ତୁ। ନିଶାଦ୍ରବ୍ୟରୁ ଦୂରେଇ ରହି ନିଶାମୁକ୍ତ ଜୀବନ ଧାରଣ କରିବା ପାଇଁ ଛାତ୍ର ଛାତ୍ରୀମାନଙ୍କୁ ପ୍ରେରଣା ଦିଆଯାଇଥିଲା। ସୁସ୍ଥ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀମାନେ ଆଗେଇ ଆସିବା ସହ ସମସ୍ତଙ୍କୁ ସଚେତନ ହେବାକୁ ପଡିବ। ନିଜ ଜୀବନକୁ ନିଶା ଠାରୁ ଦୂରେଇ ଦିଅନ୍ତୁ। ଏହି ଅବସରରେ ସମସ୍ତେ ଏକ ସ୍ୱରରେ ନିଶା ନିବାରଣ ନିମନ୍ତେ ଶପଥ ନେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ର କର୍ମୀଗଣ ତଥା କଲେଜର ଅଧ୍ୟାପକ, ଅଧ୍ୟାପିକା ଏବଂ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଗଣ ନିଶା ନିବାରଣ ନିମନ୍ତେ ଏକ ଶୋଭାଯାତ୍ରାରେ ସାମିଲ ହୋଇଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ହାପି ମହାକୁଡ଼ ମୃତ୍ୟୁ ଘଟଣାର ନୂଆ ମୋଡ଼

# ପରିବାରର ଏତଲା ପରେ ପୁଲିସର ତନାଘନା

ଭଦ୍ରକ/ଆରଡ଼ି,୨୬।୬(ସମିସ)



## ଶ୍ମଶାନ ଓ ବୈତରଣୀ ନଦୀରୁ ମୃତକଙ୍କ ହାଡ଼ ଓ ମାଂସ ଖଣ୍ଡ ଜବତ

ଭଦ୍ରକ ଜିଲ୍ଲା ଓଳଗ ପଞ୍ଚାୟତ ଅଧୀନ ଷାଠିବାଙ୍କୁଡ଼ା ଗାଁରେ ଯୁବକଙ୍କୁ ହତ୍ୟା ଅଭିଯୋଗ ପରେ ପୁଲିସ ତନାଘନା ଆରମ୍ଭ କରିଛି। ଗାଁ ଲୋକଙ୍କର ହୋହାଲ୍ଲା ପରେ ଆରଡ଼ି ଫାଣ୍ଡି ପୁଲିସ ଏତଲା ରଖିଥିଲା। ଏଥି ପୁଲିସର ଉପରିସ୍ଥ ଅଧିକାରୀ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ନେଇ ପ୍ରାୟ ୪ ଘଣ୍ଟାକାଳ ଖୋଳତାଡ଼ କରିଥିଲା। ଏପରିକି ହାପି ମହାକୁଡ଼ ମୃତ୍ୟୁ ପୂର୍ବରୁ ଘରୁ ଆସିବା ଠାରୁ ଛୁଞ୍ଚା ପଲାଇ ଓ ମୁନା ପଲାଇଙ୍କ ଘରକୁ ଆସିବା ପର୍ଯ୍ୟନ୍ତ କୁକୁର ଉକ୍ତ ଅଞ୍ଚଳ ବୁଲିଥିଲା। ତାହାସହ ହାପିର ମୃତଦେହ ଠାବ ହୋଇଥିବା ସ୍ଥାନ, ମୁନା ପଲାଇର ବାଡ଼ି ସହ ସତ୍କାର ହୋଇଥିବା ଶ୍ମଶାନରେ ସାଇଣ୍ଟିଫିକ ଟିମ୍ ପକ୍ଷରୁ ସମସ୍ତ ଜିନିଷ ଜବତ କରାଯାଇଥିଲା। ଜବତ ସାମଗ୍ରୀ ପରୀକ୍ଷଣ ନିମନ୍ତେ ନିଆଯାଇଛି। ଏପରିକି ଦୀର୍ଘ ସମୟ ଧରି ମୁନା ପଲାଇ ଘରେ ସନ୍ଧାନୀ କୁକୁର ଘୂରି ବୁଲିବା ସହ ହାପିର ବାଇକ୍ ଓ ଜୋତାକୁ ଠାବ କରାଯାଇଥିଲା। ହାପିକୁ ବୈତରଣୀ ନଦୀ ପଠାରେ ସଂସ୍କାର କରି ନଦୀରେ ଭସାଇଥିବା ହାଡ଼ଖଣ୍ଡ ଠାବ କରିଥିଲା ସନ୍ଧାନୀ କୁକୁର ଓ ସାଇଟିଂଫିକ ଟିମ୍। ଗାଁ ଲୋକଙ୍କ ପକ୍ଷରୁ ଡଙ୍ଗା ଓ ଜାଲ ଦ୍ୱାରା ହାଡ଼କୁ ଠାବ କରାଯାଇଥିଲା। ପରେ ହାପିର ମାଂସ ଖଣ୍ଡ ଓ ହାଡ଼ ନେଇ ସାଇଣ୍ଟିଫିକ ଟିମ୍ ଫେରିଯାଇଛି। ସୂଚନା ଅନୁଯାୟୀ ଷାଠିବାଙ୍କୁଡା ଗାଁର ସ୍ୱର୍ଗତ ସୁବଳ ମହାକୁଡ଼ଙ୍କ ପୁଅ ହାପିକୁ ଗତ ୧୭ତାରିଖ ବୁଧବାର ମଧ୍ୟାହ୍ନ ୧ ଟାରେ ସେହି ଗାଁର ଛୁଞ୍ଚା ପଲାଇ ଓ ମୁନା ପଲାଇ ତାଙ୍କ ପୁଅ ସ୍ୱୟମ ପଲାଇ ପରିବାର ଲୋକ ଏକ ଜରୁରୀ କଥା ପାଇଁ ଘରକୁ ଡାକିଥିଲେ। ଏପଟେ ହାପିର ମା' ଘରେ ରୋଷେଇ କରି ପୁଅର ଫେରିବା ବାଟକୁ ଅନାଇ ବସି ରହିଥିଲା। ହେଲେ କିଛି ଘଣ୍ଟା ପରେ ହାପିର ମା' ଓ ୨ଭଉଣୀ ଜାଣିବାକୁ ପାଇଥିଲେ କି ହାପି ମୁନା ପଲାଇଙ୍କ ବାଡ଼ିରେ ଥିବା ଏକ ଗଛରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛି। ପରିବାର ଲୋକ ଗାଁ ଲୋକଙ୍କ ମାଧ୍ୟମରେ ହାପିକୁ ଉଦ୍ଧାର କରିବା ସହ ଗାଁ ଲୋକ ପଞ୍ଚାୟତ ମୁରବିଙ୍କ ପରାମର୍ଶରେ ହାପିର ଡାକ୍ତର ମାଇନା ନ କରାଇ ଶବ ସତ୍କାର କରିଦେଇଥିଲେ। ହେଲେ ହାପିର ମୋବାଇଲ ମୃତ୍ୟୁର ରହସ୍ୟ ଖୋଲିଥିଲା। ହାପି ଛୁଞ୍ଚା ପଲାଇର ଝିଅକୁ ଭଲ ପାଉଥିବାରୁ ମୁନା ପଲାଇର ପୁଅ ସ୍ୱୟମ ବାରମ୍ବାର ହାପିକୁ ମୋବାଇଲରେ ଧମକ ଦେବା ସହ ହ୍ୱାଟସ୍‌ଆପ୍‌ରେ ମେସେଜ ଦେଇଥିଲା। ତାହା ସହ ଗତ ୧୭ତାରିଖ ମଧ୍ୟାହ୍ନ ସମୟରେ ଘରକୁ ଡାକି ନେଇ ହତ୍ୟା କରିଥିବା ପରିବାର ଲୋକ ଜାଣିବା ପରେ ହତ୍ୟା ଅଭିଯୋଗ ନେଇ ଆରଡ଼ି ଫାଣ୍ଡିରେ ଗତ ୨୧ତାରିଖ ସନ୍ଧ୍ୟାରେ ଦ୍ୱାରସ୍ଥ ହୋଇଥିଲେ। ହେଲେ ଆରଡି ଫାଣ୍ଡି ଅଧିକାରୀ ଏତଲା ରଖିବା ତ ଦୂରର କଥା ଓଲଟି ଅଭିଯୋଗକାରୀଙ୍କୁ ଆଇନଗତ ଧମକ ଦେବା ସହ ଓଲଟି ମାମଲା ଦାୟର ପାଇଁ ଧମକ ଦେଇଥିଲେ। ଏପରି ଘଟଣାକୁ ନେଇ ଗତ ଗୁରୁବାର ସନ୍ଧ୍ୟାରେ ଷାଠିବାଙ୍କୁଡ଼ା ଗାଁର ୨ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଆରଡି ଫାଣ୍ଡି ସମ୍ମୁଖରେ ନ୍ୟାୟ ଦାବିରେ ବସି ରହିଥିଲେ। ଅନ୍ୟପଟେ ମୁନା ପଲାଇ ଓ ତାଙ୍କ ପରିବାର ଲୋକ ଗାଁ ଛାଡି ଅନ୍ୟତ୍ର ପଳାଇଯାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ପରେ ପୁଲିସ ଏତଲା ରଖିବା ସହ ଛାନ୍‌ଭିନ୍ ଚଳାଇଛି।

# ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ 'ଛାତ୍ରୋଁ କି ଗୁଞ୍ଜ' କାର୍ଯ୍ୟକ୍ରମ

ଭଦ୍ରକ,୨୬।୬(ସମିସ): ଦେଶର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷା ବ୍ୟବସ୍ଥାର ଶୋଷଣ ନୀତିକୁ ବିରୋଧ କରି ଆଜି ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଭଦ୍ରକ ସହିଦ ସ୍ମୃତି ଭବନରେ "ଛାତ୍ରୋଁ କି ଗୁଞ୍ଜ" କାର୍ଯ୍ୟକ୍ରମ ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ସଭାପତି ନଳିନୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ମୁଖପାତ୍ର ରଜନୀକାନ୍ତ ମହାନ୍ତି, ସୁଧାଂଶୁଶେଖର ଦେଓ, ଯୋଗଦେଇ ଦିନକୁ ଦିନ ଦେଶ ଓ ରାଜ୍ୟରେ ଚାଲୁଥିବା ଡବଲ ଇଞ୍ଜିନ୍ ସରକାର ଦେଶ ଓ ରାଜ୍ୟର ଶିକ୍ଷାବ୍ୟବସ୍ଥାକୁ ବାରମ୍ବାର କୁଠାରଘାତ କରିବା ସହ ଦେଶର ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନଷ୍ଟ କରିଚାଲିଛନ୍ତି ବୋଲି ଶ୍ରୀ ମହାନ୍ତି ସାମ୍ବାଦିକ ସମ୍ମିଳନୀରେ ମତ ପ୍ରକାଶ କରିଛନ୍ତି। ଏଥି ନେଇ କୋଟାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆହୁତ ସମାବେଶରେ ଦେଶର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଓ ଶୋଷଣ ନୀତିକୁ ନେଇ ଗଭୀର ଚିନ୍ତା ପ୍ରକଟ କରି ସମସ୍ୟା ସମାଧାନ ପାଇଁ ଛାତ୍ରଛାତ୍ରୀ ପ୍ରତିବାଦର ସ୍ୱର ଉଠାଇବାକୁ ଆହ୍ୱାନ ଦେଇଥିଲେ। ସେହିପରି ନିଟ୍ ପେପର ଲିକ୍ ଘଟଣାକୁ ଦୃଢ଼ ନିନ୍ଦା କରି ଦେଶର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳିଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସର ମୁଖପାତ୍ର ଶ୍ରୀ ମହାନ୍ତି ତୀବ୍ର ସମାଲୋଚନା କରିଥିଲେ। ପରେ କୋଟାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ବକ୍ତବ୍ୟର ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଆୟୋଜିତ "ଛାତ୍ରୋ କି ଗୁଞ୍ଜ' ସଚେତନତା କାର୍ଯ୍ୟକ୍ରମରେ ସୁଧାଂଶୁ ଶେଖର ଦେଓ, ପୂର୍ବତନ ଛାତ୍ରନେତା ଦେବରୂପ ମହାନ୍ତି, ଜିଲ୍ଲା କଂଗ୍ରେସ ମୁଖପାତ୍ର ତଥା ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ବଳରାମ ରାଉତ, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ନେଇ ରାଜ୍ୟ ଓ କେନ୍ଦ୍ରଓ ସରକାରଙ୍କ ଶିକ୍ଷା ମାରଣ ଓ ଶୋଷଣ ନୀତିକୁ ତୀବ୍ର ସମାଲୋଚନା କରି ସରକାରଙ୍କ ଇସ୍ତଫା ଦାବି କରିଥିଲେ।



ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ସବିତା ଚାନ୍ଦ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ସ୍ୱସ୍ତିକା ପଣ୍ଡା, ଜିଲ୍ଲା ମହିଳା ନେତ୍ରୀ ଶର୍ମିଷ୍ଠା ପଣ୍ଡା, ଜିଲ୍ଲା କଂଗ୍ରେସ ଉପସଭାପତି ଅଭିଷେକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଛାତ୍ର ସଭାପତି ସାହିଲ କାଦ୍ରି, ସାଦ ସିଦ୍ଦିକ, ଶକ୍ତିକାନ୍ତ ବିଶ୍ୱାଳ, ସିଦ୍ଧାର୍ଥ ଦାସ, ଆଲୋକ ଦାସ, ଇଲିଆସ୍ ଅଲି ଖାଁ, ବ୍ଲକ୍ ସଭାପତି ସର୍ବଶ୍ରୀ ଅଜୟ ସାହୁ, ସୁବାଶିଷ ମଲ୍ଲିକ, ଅରବିନ୍ଦ ନାୟକ, ଜିଲ୍ଲା ଦଳିତ ସେଲ ସଭାପତି ବିଦ୍ୟାଧର ଜେନା ପୀତବାସ ଧଳ, ଦେବବ୍ରତ ମହାନ୍ତି, ଗୋଲକ ବେହେରା, ହରିହର ମଣ୍ଡଳ, ରଞ୍ଜନ ଜେନା, ବିଜୟ ବାରିକ, ରାଜକିଶୋର ପଣ୍ଡା, ମନୋଜ ମଲ୍ଲିକ, ଶଶୀକାନ୍ତ ଜେନା କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୭ଟି ବ୍ଲକ୍‌ରୁ ୫ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୁବକ ଓ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ରାସ୍ତାରୁ ବିଦ୍ୟୁତ୍ ଖୁଣ୍ଟ ଉଠାଇବା ପ୍ରସଙ୍ଗ

# ଖବର ପ୍ରକାଶ ପରେ ଉତ୍ତର ରଖିଲା ବିଭାଗ



ବନ୍ତ/ଆଗରପଡ଼ା,୨୬।୬(ସମିସ): ଗତ ୨୩ ତାରିଖ 'ରାସ୍ତା ଉପରୁ ବିଦ୍ୟୁତ୍ ଖୁଣ୍ଟ ଉଠାଇବାକୁ ଦାବି' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବନ୍ତ ବ୍ଲକ ପୁରୁଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ପୁରୁଷଣ୍ଡ ଗ୍ରାମର ସାମାଜିକ କର୍ମୀ ପ୍ରକାଶ ମହାକୁଡ଼ ଉକ୍ତ ଖବରକୁ 'ଏକ୍ସ' ମାଧ୍ୟମରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ଗୁରୁତର ସହ ନେଇ ବିଭାଗ ପକ୍ଷରୁ ଉତ୍ତର ରଖାଯାଇଥିବା ଜଣାପଡ଼ିଛି। ଉତ୍ତରରେ ବିଦ୍ୟୁତ ଖୁଣ୍ଟଟି (ପୋଲ), ବିଦ୍ୟୁତ ଲାଇନ (ଲାଇନ) କିମ୍ବା ଉପକେନ୍ଦ୍ର (ସବ୍-ଷ୍ଟେସନ) ସ୍ଥାନାନ୍ତରଣ କାର୍ଯ୍ୟ ୬% ସୁପରଭିଜନ୍ ୱର୍କ ସ୍କିମ୍ ଅନୁଯାୟୀ ଆବେଦକଙ୍କ ଦ୍ୱାରା ସ୍ଥାନାନ୍ତରଣ ଖର୍ଚ୍ଚ ବହନ କରିବାକୁ ସମ୍ମତିପତ୍ର ଦାଖଲ କରିବା ପରେ ହିଁ ଗ୍ରହଣ କରାଯାଇପାରିବ। ଏହା ପରେ, ସ୍ଥଳ ପରିଦର୍ଶନ ଓ ବୈଷୟିକ ସମ୍ଭାବ୍ୟତା ଯାଞ୍ଚ ଆଧାରରେ ଏକ ପ୍ରାକ୍କଳନ (ଏଷ୍ଟିମେଟ) ପ୍ରସ୍ତୁତ କରାଯିବ। ନିର୍ଦ୍ଧାରିତ ଦେୟ ରାଶି ଜମା କରାଯିବା ପରେ, ଓଇଆର୍‌ସି (ଓଡ଼ିଶା ଇଲେକଟ୍ରିସିଟି ରେଗୁଲେଟୋରି କମିଶନ)ଙ୍କ ନିୟମାବଳୀ ଅନୁଯାୟୀ ଉକ୍ତ କାର୍ଯ୍ୟ ସମ୍ପାଦନ କରାଯିବାର ସୂଚନା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ସରମରା ଗ୍ରାମର ବିଶ୍ୱାଳ ସାହିରେ ଏକ ବିଦ୍ୟୁତ୍ ଖୁଣ୍ଟକୁ ରାସ୍ତା ଉପରୁ ଉଠାଇବାକୁ ଦାବି ହୋଇଥିଲା। ରାସ୍ତା ଉପରେ ଖୁଣ୍ଟଟି ଦଣ୍ଡାୟମାନ ଥିବାରୁ ଲୋକମାନେ ଚଳପ୍ରଚଳରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀକୁ ନେବା ପାଇଁ ଆମ୍ବୁଲାନ୍ସଟିଏ ଆସିପାରୁନାହିଁ। ସେହିପରି ରାସ୍ତାରେ ଯିବା ଆସିବା ସମୟରେ ଗାଡ଼ିରେ ମଧ ଦୁର୍ଘଟଣା ଘଟୁଛି। ତେଣୁ ଟାଟା କମ୍ପାନୀ ସବୁବେଳେ ଲୋକଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଉଥିବାରୁ ଓଡ଼ଙ୍ଗବାସୀ ଉକ୍ତ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ସୋମବାର ବନ୍ତ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ୍ ବିଭାଗକୁ ଲିଖିତ ଅଭିଯୋଗ ପ୍ରଦାନ କରିଥିବା ଜଣାପଡ଼ିଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା।

# ଧାମନଗରରେ ମହରମ, ଜୁଲୁସ୍ ଶୋଭାଯାତ୍ରା



ଧାମନଗର,୨୬।୬(ସମିସ): ପବିତ୍ର ମହରମ ମାସ ହେଉଛି ଇସଲାମିକ୍ ନବବର୍ଷ ଏବଂ ହଜରତ ଏମାମ ହୋସେନ ତଥା ଜସନେ-ଏ-ୟାଦେ-ହୋସେନଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ମହରମ ପର୍ବ ପାଳନ କରାଯାଉଛି। ଏହି ଅବସରରେ ଧାମନଗର ସହରାଞ୍ଚଳରେ ଜୁଲୁସ୍ ଶୋଭାଯାତ୍ରା ଏବଂ ଆଖଡ଼ା ଖେଳ ଅନୁଷ୍ଠିତ ହୋଇଯାଇଛି। ତେବେ କେତେକ ସାହିବସ୍ତି ଯଥା ଫକୀର ସାହି, ଭଣ୍ଡାରୀ ସାହି, ଗାଁରୁ ଜୁଲୁସ, କାଫଲା ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ଖାନକା ସରିଫରେ ପହଞ୍ଚି ଚାଦର ଚଢ଼ାଇ ପୀରବାବାଙ୍କୁ ଦର୍ଶନ ପରେ ନିଜ ନିଜର ଗାଁକୁ ଫେରି ଯାଇଥିଲେ। ସେହିପରି ବିଭିନ୍ନ ସାହି ବସ୍ତିରୁ ଆଉ ୧୭ରୁ ଉର୍ଦ୍ଧ୍ୱ ଆଖଡ଼ା ଦଳ ସେମାନେ ନିଜ ନିଜର ଖଲିଫା ଓ ଗାଁର ମୁଖିଆଙ୍କ ନେତୃତ୍ୱରେ କରବଲା ମଇଦାନକୁ ଛୁଇଁବା ପରେ ବାଡ଼ି ଖେଳିବା ପାଇଁ ବଡ଼ ବଜାରସ୍ଥିତ ଟ୍ରେକର ଷ୍ଟାଣ୍ଡ ଏବଂ ସାନ ବଜାର ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଆଖଡ଼ା ଖେଳ ପଦର୍ଶନ କରିଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ କଳିଙ୍ଗ ଯୁଦ୍ଧ କ୍ଲବ୍ ପକ୍ଷରୁ ମୀର ମୁରତୁଜାଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ହିନ୍ଦୁ ମୁସଲମାନ ଉଭୟ ମିଶି ବାଡ଼ି ଖେଳ, କୁସ୍ତି ଓ ବନାଟି ଆଦି ବିଭିନ୍ନ ଆକର୍ଷଣୀୟଆଖଡ଼ା ଖେଳ ପଦର୍ଶନ କରି ସାରା ଦେଶକୁ ଭାଇଚାରାର ସନ୍ଦେଶ ଦିଆଯାଇଛି ବୋଲି ଉଭୟଙ୍କ ପକ୍ଷରୁ ଗଣମାଧ୍ୟମ ଆଗରେ ସୂଚନା ଦେଇଛନ୍ତି। ପରମ୍ପରା ଅନୁଯାୟୀ ଅପରାହ୍ଣ ୪ଟା ସମୟରେ ଧାମନଗରସ୍ଥିତ କରବଲା ମଇଦାନ ପରିସରରେ ସ୍ଥାନୀୟ ଯୁବକ ସଂଘ ପକ୍ଷରୁ ୧୪ରୁ ଉର୍ଦ୍ଧ୍ୱ ଆଖଡ଼ା ଦଳ ମଧ୍ୟରେ ବାଡ଼ି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ସାଂସଦଙ୍କ ନଗର ପ୍ରତିନିଧି ସରୋଜ ମହାପାତ୍ର, କାଉନସିଲର ଉତ୍ତମ ମହାନ୍ତି, ବରିଷ୍ଠ ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା, ଚିତ୍ତରଞ୍ଜନ ଜେନା, ଗୋଲାମ ଜିଲାନି ହବିବ, ସେକ୍ ଅବଦୁଲ ହାକିମ, ସେକ୍ ତାଜୁଦ୍ଦିନ, ସେକ୍ ସାଦିକ ପ୍ରମୁଖ ଯୋଗଦେଇ ଆଖଡ଼ା ଦଳକୁ ପୁରସ୍କାର ପ୍ରଦାନ କରିଛନ୍ତି। ଏଏସ୍‌ପି ଅରୂପ ଅଭିଷେକ ବେହେରା ଧାମନଗର ଥାନାରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିବା ବେଳେ ଏସ୍‌ଡିପିଓ କୃଷ୍ଣଚରଣ ବାରିକ, ଆଇଆଇସି ଶୁଭ୍ରଜିତ ଦାଶଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସାହି ବସ୍ତି ଓ ଛକ ବଜାରରେ ପୁଲିସ ଏବଂ ୩ ପ୍ଲାଟୁନ ଫୋର୍ସ ମୁତୟନ କରି ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଟ୍ରାଫିକ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଧାମନଗର, ଦୋବଲ, ମୁସ୍ତଫାପୁର, ଚୁଡ଼ାକୁଟି, ଡିପୋଖରୀ, ପନ୍ଦରବାଟିଆ, ନଦୀଗାଁ, ପିତେଇପୁର ଆଦି ଅଞ୍ଚଳରେ ମହରମ ପର୍ବ ପାଳନ କରାଇଥିବା ସୂଚନା ଦିଆଯାଇଛି।

## ଯୋଜନାରୁ କୁମ୍ଭାରିଆ ସ୍କୁଲ ବାଦ୍

# ସ୍ୱପ୍ନ ପାଲଟିଲା ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ

ବାରିକପୁର,୨୬।୬(ସମିସ)



ସରକାର ଆରମ୍ଭ କରିଥିବା ଗୋଦାବରୀଶ ମହାପାତ୍ର ଆଦର୍ଶ ବିଦ୍ୟାଳୟ ଯୋଜନା କେତେକ ସ୍ଥାନରେ ଦିଗହରା ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ସମ୍ପୂର୍ଣ୍ଣ ଭିତ୍ତିଭୂମି ଥିବା ସତ୍ତ୍ୱେ କିଛି ବିଦ୍ୟାଳୟ ଯୋଜନାରୁ ବାଦ୍ ପଡ଼ିବା ପରିତାପର ବିଷୟ ପାଲଟିଛି। ସୂଚନା ମୁତାବକ ୨୦୨୪/୨୫ ରେ ଏହି ଯୋଜନାଟି ଶୁଭାରମ୍ଭ ହୋଇଥିଲା। ଯୋଜନା ଅନୁଯାୟୀ ପ୍ରତ୍ୟେକ ବ୍ଲକ୍‌ରେ ଗୋଟିଏ କିମ୍ବା ଦୁଇଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପରୀକ୍ଷା ମୂଳକ ଭାବେ ଏଥିରେ ପ୍ରଥମେ ଅନ୍ତର୍ଭୁକ୍ତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ତଦନୁସାରେ ଉତ୍ତମ ଭିତ୍ତିଭୂମିକୁ ଆଖି ଆଗରେ ରଖି ଭଣ୍ଡାରିପୋଖରୀ ବ୍ଲକ୍‌ର ଶ୍ରେଷ୍ଠ ୫ ଟି ବିଦ୍ୟାଳୟ ମଧ୍ୟରୁ ଗୋଟିଏ ବିଦ୍ୟାଳୟକୁ ଯୋଜନାରେ ସାମିଲ ପାଇଁ ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ସରକାରଙ୍କ ନିକଟକୁ ପ୍ରସ୍ତାବ ଯାଇଥିଲା। ସରକାରୀ ସ୍ତରରେ ବାଲି ପୋଖରୀ ପଞ୍ଚାୟତ କୁମ୍ଭାରିଆ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲକୁ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ରୂପେ ଗଢ଼ିତୋଳିବା ପାଇଁ ନିଷ୍ପତ୍ତି ହୋଇଥିଲା। ବିଶେଷକରି ୫ଟି ଢାଞ୍ଚାରେ ବିଦ୍ୟାଳୟରୂପରେଖ ତିଆରି ପାଇଁ ନକ୍ସା ପ୍ରସ୍ତୁତ ହୋଇଥିଲା। ପରିତାପର ବିଷୟ ଇତିମଧ୍ୟରେ ୧ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ ଯୋଜନାଟିର ଅଗ୍ରଗତି ହୋଇନାହିଁ। କେବଳ ସରକାରୀ ଚିଠିପତ୍ର ଓ ଫାଇଲ ମଧ୍ୟରେ ଆଦର୍ଶ ବିଦ୍ୟାଳୟ ଭାଗ୍ୟ ରହିଥିବା ଜଣାପଡ଼ିଛି। ଏପରିକି ସେତେବେଳେ ଯୋଜନା ସକାଶେ ସାଧାରଣ ବୈଠକ ସହିତ ଭିତ୍ତିଭୂମି ପୂଜନ ପାଇଁ ଦିନ ଧାର୍ଯ୍ୟ ହୋଇଥିଲେ ସୁଦ୍ଧା ତାହା କିନ୍ତୁ ଏଯାଏଁ ସମ୍ଭବ ହୋଇନାହିଁ। ଏପଟେ ବନ୍ତ ବ୍ଲକ୍ ସମେତ ଅନ୍ୟାନ୍ୟ ବ୍ଲକ୍‌ରେ କେତୋଟି ବିଦ୍ୟାଳୟକୁ ଯୋଜନାରେ ସାମିଲ କରାଯାଇଛି। ବିଧିବଦ୍ଧ ଭାବେ ସେଠାରେ ବିଦ୍ୟାଳୟ ଆଧୁନିକୀକରଣ କାର୍ଯ୍ୟ ପାଇଁ କିଛି ଦିନ ପୂର୍ବେ ଏହାର ଭୂମିପୂଜା ମଧ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ମାମୁଘର ଗାଁ କୁମ୍ଭାରିଆ ହୋଇଥିବା ବେଳେ କେଉଁ କାରଣରୁ ସ୍କୁଲଟି ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାରୁ ବାଦ୍ ପଡ଼ିଛି ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। କିଛି ଆପତ୍ତି ଅଭିଯୋଗ ବିଦ୍ୟାଳୟ ବିକାଶରେ ଅନ୍ତରାୟ ସୃଷ୍ଟି କରିଥିବା କୁହାଯାଉଛି। ସେ ଯାହାବି ହେଉ ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ ଓ ମନ୍ତ୍ରୀ ଏ ବିଷୟରେ ପ୍ରାୟତଃ ଅବଗତ ଥିବାବେଳେ ସେମାନେ ଏହା ଉପରେ ଦୃଷ୍ଟି ଦେଲେ ବିଦ୍ୟାଳୟଟି ନିଶ୍ଚିତ ଯୋଜନାରେ ସାମିଲ ହୋଇପାରନ୍ତା ବୋଲି ଗ୍ରାମବାସୀ ଆଶାବ୍ୟକ୍ତ କରିଛନ୍ତି।

## ସେମାନେ ଯାହା କୁହନ୍ତି....



ସର୍ବ ପ୍ରଥମେ ଆମ ବିଦ୍ୟାଳୟଟି ଯୋଜନାରେ ସାମିଲହୋଇଥିଲା। ଏବେ ନୂତନ ରୂପରେଖ ପାଇଁ ଅନ୍ୟ କିଛି ବିଦ୍ୟାଳୟର ଭୂମି ପୂଜା ହୋଇଥିବା ବେଳେ ଆମ ଗାଁ ସ୍କୁଲ ଏଥିରୁ ବାଦ ପଡ଼ିବା ଆମକୁ ଦୁଃଖ ଦେଇଛି। ଯଥାଶୀଘ୍ର ଯୋଜନା କାର୍ଯ୍ୟକାରୀ ପାଇଁ ଦାବି ଜଣାଉଛି।

**- ସଞ୍ଜୀବ ପରିଡ଼ା, ବରିଷ୍ଠ ବିଜେଡି ନେତା**



ମୋ ପଞ୍ଚାୟତର କୁମ୍ଭାରିଆ ସମେତ ପରମାନନ୍ଦପୁର ବିଦ୍ୟାଳୟ ଯୋଜନାରେ ସାମିଲ ହେବା କଥା। ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ବିଦ୍ୟାଳୟ ଗୁଡିକ ଆଧୁନିକ ଢାଞ୍ଚାରେ ନିର୍ମାଣ ହେଉନାହିଁ। ଫଳରେ ଶୈକ୍ଷିକ ବାତାବରଣର ହ୍ରାସ ପାଉଛି।

**- ଅକ୍ଷୟ କୁମାର ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ**



କେଉଁ କାରଣରୁ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନା କୁମ୍ଭାରିଆ ସ୍କୁଲରେ କାର୍ଯ୍ୟକାରୀ ହେଉନାହିଁ ସେ ବିଷୟରେ ଆମେ ଜିଲ୍ଲା ପ୍ରଶାସନ ଓ ନେତୃମଣ୍ଡଳୀଙ୍କ ସହିତ ଆଲୋଚନା କରିବୁ। ଯଥାସମ୍ଭବ ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ଅଧିକାରୀଙ୍କୁ ଅବଗତ କରାଯିବ।

**- ଶ୍ରୀଧର ସ୍ୱାଇଁ, ବିଜେପି ନେତା**

## ନା’ ଅଛି ଅନୁମତିପତ୍ର ନା ଜଳ ବିଶୋଧନ କେନ୍ଦ୍ର

# ହୋଟେଲ ଓ ଲଜ୍‌ର ବର୍ଜ୍ୟଜଳ ପାଇଁ ମୟୂରଭଞ୍ଜର ୫ ନଦୀ ପ୍ରଦୂଷିତ

ବାରିପଦା, ୨୬।୬(ସମିସ)



ହୋଟେଲ ଓ ଲଜର ବର୍ଜ୍ୟଜଳ ପାଇଁ ମୟୂରଭଞ୍ଜ ଜିଲ୍ଲାର ୪ଟି ସହର ସଂଲଗ୍ନ ପ୍ରବାହିତ ନଦୀ ପାଣି ପ୍ରଦୂଷିତ ହେଉଛି। ବାରିପଦା, ରାଇରଙ୍ଗପୁର, ଉଦଳା ଓ କରଞ୍ଜିଆ ସହର ସଂଲଗ୍ନ ବୁଢ଼ାବଳଙ୍ଗ, ଖଡଖାଇ, ସୋନ, ଦେଓ ଓ ବୈତରଣୀ ନଦୀଜଳ ବର୍ତ୍ତମାନ ବିଷାକ୍ତ। ଗୋଟିଏ ପଟେ ବର୍ଷା ଅଭାବଜନିତ ନଦୀରେ ପାଣି କମ୍ ରହୁଥିବାବେଳେ ଉପରୋକ୍ତ ସହରର ଡ୍ରେନର ଦୂଷିତ ପାଣି ନଦୀରେ ପଡୁଥିବାରୁ ନଦୀ ପାଣି ବିଷାକ୍ତ ହେଉଛି। ଫଳରେ ନଦୀରେ ମାଛ ଓ ଜଳଚର ଜୀବ ମୃତ୍ୟୁମୁଖରେ ପଡୁଥିବାବେଳେ ନଦୀ ପାଣି ବ୍ୟବହାର କରି ମଣିଷ ଓ ଜୀବଜନ୍ତୁ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏହି ୪ ସହରର ହୋଟେଲ ଓ ଲଜ୍‌ରେ ବ୍ୟବହାର ହୋଇ ବାହାରୁ ଥିବା ଦୂଷିତ ଜଳକୁ ବିଶୋଧନ କରା ନ ଯାଇ ଡ୍ରେନରେ ଛଡାଯାଉଛି। ଫଳରେ ଝରଣା ଓ ନଦୀ ଜଳ ପ୍ରଦୂଷଣ ହେବାରେ ଲାଗିଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ହୋଟେଲ ଓ ଲଜ୍ ଚଳାଇବା ପାଇଁ ସରକାରଙ୍କ ନିୟମ ଅନୁସାରେ ଜଳବାୟୁ ପ୍ରଦୂଷଣ ବୋର୍ଡ ନିକଟରୁ ପରିଚାଳନା ସମ୍ମତିପତ୍ର ସିଟିଓ ବା ‘କନସେଣ୍ଟ ଟୁ ଅପରେଟ’ ଆଣିବାର ନିୟମ ରହିଛି। କିନ୍ତୁ ଜିଲ୍ଲାରେ ଏହାର ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଜଣାପଡିଛି। ପ୍ରଦୂଷଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ତଦାରଖ ହେଉନଥିବାରୁ ବିନା ସିଟିଓରେ ବାରିପଦା ସମେତ ୪ଟି ସହରରେ ଥିବା ବଡ଼ ବଡ଼ ହୋଟେଲ ଓ ଲଜଗୁଡିକ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ବ୍ୟବସାୟ ଚଳାଇଥିବା ଜଣାପଡ଼ିଛି। ବାରିପଦା ଓ ରାଇରଙ୍ଗପୁର ମ୍ୟୁନସିପାଲିଟି, କରଞ୍ଜିଆ ଓ ଉଦଳା ଏନଏସି ଅଞ୍ଚଳରେ ଶତାଧିକ ହୋଟେଲ ଓ ଲଜ୍ ଖୋଲାଯାଇଛି। ମାତ୍ର ବ୍ୟବସାୟ ଚଳାଇବା ପାଇଁ ଆବଶ୍ୟକ ଅନୁମତିପତ୍ର ଓ ସୁରକ୍ଷା ବ୍ୟବସ୍ଥା କରା ନ ଯାଇ ନିୟମକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ବାରିପଦା ସହରରେ ଥିବା ହୋଟେଲ ଓ ଲଜ୍ ମଧ୍ୟରୁ ମାତ୍ର ଦୁଇଟି ବ୍ୟବସାୟ ପ୍ରତିଷ୍ଠାନ ଉପରୋକ୍ତ ଅନୁମତିପତ୍ର ପାଇଥିବା ନେଇ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଜଣାପଡିଛି।

ଗୋଟିଏ ହୋଟେଲ ୧୦ ବର୍ଷ ପାଇଁ ସିଟିଓ ନେଇଥିବାବେଳେ ଅନ୍ୟଏକ ହୋଟେଲ ୫ ବର୍ଷ ପାଇଁ ରାଜ୍ୟ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଛି। ବାକି ସଂସ୍ଥା ବେଆଇନ ଭାବେ ଚାଲିଛି। ହୋଟେଲ ଓ ଲଜ୍ ଚଳାଇବା ପାଇଁ ସମସ୍ତ କୋଠରୀ, କନଫରେନ୍ସ ହଲ, ଡାଇନିଂ ହଲ୍‌ରେ ବସିବା କ୍ଷମତା ଆଧାରରେ ଅନୁମତି ପତ୍ର ପ୍ରଦାନ କରାଯାଇଥାଏ। ସେହିପରି ହୋଟେଲ ଓ ଲଜ୍‌ର ବର୍ଜ୍ୟଜଳ ବିଶୋଧନ କରି ଡ୍ରେନରେ ଛାଡିବା ନିୟମ ରହିଥିଲେ ମଧ୍ୟ ତାହା ସିଧାସଳଖ ଡ୍ରେନରେ ଯାଉଥିବାରୁ ପରିବେଶ ଦୂଷିତ ସାଙ୍ଗକୁ ଜଳ ପ୍ରଦୂଷଣ ବଢିବାରେ ଲାଗିଛି। ଫଳରେ ସହର ଦେଇ ପ୍ରବାହିତ ହେଉଥିବା ବର୍ଜ୍ୟଜଳ ଜରାଳୀ, ସରାଳୀ ନଦୀ ଦେଇ ବୁଢ଼ାବଳଙ୍ଗ ନଦୀରେ ମିଶୁଛି। ସେହିପରି କିଛି ହୋଟେଲ ଓ ଲଜର ପାଇଖାନା ଟାଙ୍କି ପାଣି ମଧ୍ୟ ଟ୍ରିଟମେଣ୍ଟ ନ କରି ଡ୍ରେନରେ ଛାଡୁଥିବାରୁ ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ହୋଟେଲ ଓ ଲଜ୍‌ର ବର୍ଜ୍ୟ ଜଳ ଇଟିପି ବା ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ ମାଧ୍ୟମରେ ସଫା କରି ଡ୍ରେନରେ ଛଡାଯିବାର ନିୟମ ରହିଛି। ତାହା କରା ନ ଯାଇ ସିଧାସଳଖ ଡ୍ରେନରେ ଛାଡୁଥିବାରୁ ପ୍ରଦୂଷଣ ବଢିବାରେ ଲାଗିଛି। ଇଟିପି ମାଧ୍ୟମରେ ଜଳରେ କୌଣସି ବିଷାକ୍ତ ତଥା ବିଷାକ୍ତ ପଦାର୍ଥ କିମ୍ବା ରାସାୟନିକ ପଦାର୍ଥକୁ ବାହାର କରିବା ପାଇଁ ବ୍ୟବହୃତ ହୋଇଥାଏ। ଯଦ୍ୱାରା ଜଳକୁ ପୁନଃ ବ୍ୟବହାର କିମ୍ବା ବିଷାକ୍ତ ମୁକ୍ତ କରାଯାଇପାରିବ। ଏହାଦ୍ୱାରା ପରିବେଶରେ କମ୍ କ୍ଷତି ଘଟାଇବାର ବ୍ୟବସ୍ଥା ରହିଥିଲେ ହେଁ ଅନୁମତି ପ୍ରଦାନ କରାଯାଇଥିବା ହୋଟେଲ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ହୋଟେଲ ଓ ଲଜଗୁଡିକୁ ଚିହ୍ନଟ କରାଯାଇ ପ୍ରଦୂଷଣର ମାତ୍ରା ଅନୁସାରେ ତିନି ପ୍ରକାର ରେଡ୍, ଅରେଞ୍ଜ ଓ ଗ୍ରୀନ ଆକାରରେ ଅନୁମତି ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ମାତ୍ର ଏସବୁ ନିୟମକୁ ଫୁ କରି ମାଲିକମାନେ ମନଇଚ୍ଛା କାରବାର ଚଳାଇ ଆସୁଛନ୍ତି। ହୋଟେଲ ଓ ଲଜ୍‌ର ଭିତ୍ତିଭୂମି ତଦାରଖ କରା ନ ଯାଇ କେମିତି ଅନୁମତିପତ୍ର ଦିଆଯାଉଛି, ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସେହିପରି ପାର୍କିଂ ବ୍ୟବସ୍ଥା ନ ଥିବାବେଳେ ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ଉଲ୍ଲଂଘନ କରି ହୋଟେଲ ଓ ଲଜ୍ ଚାଲିଛି। ଗ୍ରାହକଙ୍କ ପାଖରୁ ବିଲରେ ଜିଏସଟି ସହିତ ସମସ୍ତ ଟ୍ୟାକ୍ସ ମିଶାଇ ଟଙ୍କା ନେଉଥିବାବେଳେ ହୋଟେଲ ଓ ଲଜର ଖାଦ୍ୟ, ପାନୀୟ ଜଳର ମାନ ଯାଞ୍ଚ ଓ ଗ୍ରାହକଙ୍କ ଆବଶ୍ୟକ ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆ ନ ଯାଇ ବେପରୁଆ ଓ ବେଆଇନ ଭାବେ ବ୍ୟବସାୟ ଚଳାଇଛନ୍ତି। ତେଣୁ ଏପରି ହୋଟେଲ ଓ ଲଜ୍‌ର ସଠିକ ଯାଞ୍ଚ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଚେତନ ଜିଲ୍ଲାବାସୀ ଦାବି କରିଛନ୍ତି। ଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଏସବୁ ହୋଟେଲ ଓ ଲଜ୍‌ର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଗଲେ ପ୍ରଦୂଷଣରେ ରୋକ ଓ ବେଆଇନ ବ୍ୟବସାୟରେ ଅଙ୍କୁଶ ଲାଗିପାରିବ ବୋଲି ଆଶା ପ୍ରକଟ କରିଛନ୍ତି। ଜିଲ୍ଲା ପ୍ରଶାସନ ସହିତ ୪ ପୌର ପ୍ରଶାସନ ଏଭଳି ହୋଟେଲ ଓ ଲଜ୍ ବିରୋଧରେ ଖୁବଶୀଘ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି।

### ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ହେଉନି ତଦାରଖ

## ପକ୍ଷ ପାଳନରେ ସୀମିତ ଓଡ଼ିଆ ଅସ୍ମିତା

- ମୋରଡ଼ା ବ୍ଲକ୍‌ରେ ପାଳନ ହେଉନି ମାର୍ଗଦର୍ଶିକା
- ସବୁ କାର୍ଯ୍ୟକ୍ରମରେ ଇଂରାଜୀ ପୋଷ୍ଟର

ମୋରଡା,୨୬।୬(ସମିସ): ଓଡ଼ିଆ ଅସ୍ମିତା କଥା ଉଠିଲେ ପ୍ରତ୍ୟେକ ଓଡ଼ିଆ ଗର୍ବ କରନ୍ତି। ଓଡ଼ିଆ ଅସ୍ମିତା ନାମ ନେଇ ସରକାର କ୍ଷମତାକୁ ଆସିଲେ। ଓଡ଼ିଆ ଭାଷା, ସଂସ୍କୃତିକୁ ସରକାର ଗୁରୁତ୍ୱ ଦେଉଥିବା କହୁଛନ୍ତି। ବିଜେପି ସରକାର ଆସିବା ପରେ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏପ୍ରିଲ ୧କୁ ଓଡିଆ ଦିବସ, ୨ ତାରିଖରେ ଖଡ଼ିଛୁଆଁ, ୩ ତାରିଖରେ ଆମ ପୋଷାକ ଆମ ପରିଧାନ ଏଭଳି ୧୪ ଦିନରେ ୧୪ ପ୍ରକାର କାର୍ଯ୍ୟକ୍ରମ ଦିବସ ପାଳନ କରାଯାଉଛି। ଏ ପରିପ୍ରେକ୍ଷୀରେ ପ୍ରତ୍ୟେକ ସରକାରୀ /ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମ ଫଳକ ଲେଖିବାକୁ ବାଧ୍ୟତାମୂଳକ ମାର୍ଗଦର୍ଶିକା ଜାରି କରାଗଲା। ଏହାକୁ ଉଲ୍ଲଂଘନ କରାଗଲେ ଜରିମାନା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଗଲା। ସରକାର ଏଥିପାଇଁ ମାର୍ଗଦର୍ଶିକା ଜାରି କରି ପ୍ରେସ ବିବୃତ୍ତି ମଧ୍ୟ କରିଥିଲେ। ଏସବୁ ସତ୍ତ୍ୱେ ଓଡ଼ିଆ ପକ୍ଷରେ ହିଁ ଓଡ଼ିଆ ପ୍ରୀତି ଶେଷ ହୋଇଗଲା ଭଳି ପରିଲକ୍ଷିତ ହେଉଛି। କାରଣ ଏବେ ବି ମୋରଡା ବ୍ଲକର ଅନେକ ସ୍ଥାନରେ ଓଡ଼ିଆରେ ଫଳକ ଲେଖା ହୋଇପାରିନି। ଚିତ୍ରଡା ଶୀର୍ଷାପାଳ ଛକରେ ଥିବା ପ୍ରବେଶ ପଥ, ତତ୍‌ସହିତ ବ୍ଲକର ବିଭିନ୍ନ ବ୍ୟବସାୟିକ ପେଣ୍ଠସ୍ଥଳରେ ଅଧିକାଂଶ ବ୍ୟବସାୟିକ ଅନୁଷ୍ଠାନରେ ଓଡ଼ିଆରେ ନାମ ଫଳକ ନ ଥିବା ଦେଖିବାକୁ ମିଳୁଛି। ଏ ନେଇ ପ୍ରଶାସନିକ ଅଧିକାରୀ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା କଥା। କିନ୍ତୁ କୌଣସି କାରଣରୁ ମୋରଡା ବ୍ଲକରେ ଏହା କାର୍ଯ୍ୟକାରୀ ହେଉନାହିଁ। ଏଣୁ ଓଡ଼ିଆ ଭାଷାରେ ସାଧାରଣ ଫଳକଟିଏ ଲେଖାଯାଇପାରୁ ନ ଥିବାବେଳେ ଆମେ ମାତୃଭାଷାକୁ ନେଇ କେତେ ସଚେତନ ତାହା ସ୍ପଷ୍ଟ ହେଉଛି।

ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କିଭଳି ସମ୍ପୂର୍ଣ୍ଣ ଭାବେ ସମସ୍ତ ସ୍ଥାନରେ ଓଡ଼ିଆ ଭାଷାରେ ଲେଖା ହୋଇପାରିବ, ସେଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ମଦ୍ୟପ ପୁଅର କାଠଫାଳିଆ ମାଡ଼ରେ ମାଆ ଲହୁଲୁହାଣ

କପ୍ତିପଦା,୨୬।୬ (ସମିସ): ଜନ୍ମ କଲା ପୁଅ ସାଜିଲା ଅମଣିଷ। ଅତି ନିର୍ମମ ଭାବେ ମାଆଙ୍କୁ କାଠ ଫାଳିଆରେ ପିଟିପିଟି ଲହୁଲୁହାଣ କଲା ପୁଅ। ନିଶା ଖାଇ ଆସି କାଠ ଫାଳିଆରେ ମାଆଙ୍କୁ ପିଟିଥିଲା। ଏଭଳି ଘଟଣା ଘଟିଛି କପ୍ତିପଦା ଥାନା ବଡାମପଦା ଗ୍ରାମରେ। ଗ୍ରାମର ପ୍ରମିଳା ବେହେରା ଘରେ ଏକୁଟିଆ ଥିବାବେଳେ ହଠାତ ଗତକାଲି ରାତିରେ ସାନପୁଅ ରଂଜିତ ବେହେରା ଆସି ଏକ କାଠ ଫାଳିଆରେ ତାଙ୍କୁ ନିର୍ଘାତ ପିଟିଥିଲା।



କାଠ ଫାଳିଆରେ ବାଡେଇବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ମଧ୍ୟ କରିଥିଲା। ଫଳରେ ତାଙ୍କ ଦୁଇ ହାତ ଓ ମୁଣ୍ଡ ସହିତ ଅଣ୍ଟାରେ ମାଡ଼ ବସିଥିଲା। ଫଳରେ ପ୍ରମିଳା ଗୁରୁତର ହୋଇପଡିଥିବାବେଳେ ପାଟି କରିବାରୁ ଅନ୍ୟ ପୁଅବୋହୂ ଆସି ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରମିଳା ଏବେ ଉଦଳା ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

## ଆଦିବାସୀ ଅଞ୍ଚଳର ବିକାଶ ଓ ରୋଜଗାର ପାଇଁ ପ୍ରଶ୍ନ ଉଠାଇଲେ ସିଜେପି ଯୁବନେତା

ବେତନଟୀ, ୨୬।୬(ସମିସ): ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଦୀର୍ଘଦିନ ଧରି ଲାଗି ରହିଥିବା ବେରୋଜଗାରୀ, ଦାଦନ ଶ୍ରମ ଓ ଉନ୍ନୟନର ଅଭାବକୁ ନେଇ ସିଜେପିର ଯୁବ ଆଦିବାସୀ ସମର୍ଥକ ପ୍ରଶ୍ନ ଉଠାଇଛନ୍ତି। ସେମାନେ ଆଦିବାସୀ ନେତାଙ୍କ ବିରୋଧରେ ଅଭିଯୋଗ କରିଛନ୍ତି ଯେ, ସେମାନେ ଆଦିବାସୀ ସଂପ୍ରଦାୟର ବିଶ୍ୱାସ ଭଙ୍ଗ କରି ପ୍ରତାରଣା କରୁଛନ୍ତି। ରବିବାର ଦିନ ବିଜେପି ସରକାରର ଦୁଇବର୍ଷ ପୂର୍ତ୍ତି ଅବସରରେ ରାଇରଙ୍ଗପୁରରେ ଆୟୋଜିତ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିବା ୪୭,୬୦୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପରେ ମୟୂରଭଞ୍ଜ ଜିଲ୍ଲାର ଗରିବ ଆଦିବାସୀ ଅଞ୍ଚଳ ପାଇଁ କୌଣସି ଉଲ୍ଲେଖଯୋଗ୍ୟ ପ୍ରକଳ୍ପ ନ ଥିବା ନେଇ ସିଜେପି ଯୁବନେତାମାନେ ଗଣମାଧ୍ୟମକୁ କହିଛନ୍ତି। ସେମାନେ କହିଛନ୍ତି ଯେ, କେବଳ ରାଇରଙ୍ଗପୁରରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଓ ଆଦିବାସୀ ଗବେଷଣା କେନ୍ଦ୍ରର ଘୋଷଣା ହୋଇଛି। କିନ୍ତୁ ଜିଲ୍ଲାର ଅନ୍ୟ ଆଦିବାସୀ ବହୁଳ ଅଞ୍ଚଳର ରୋଜଗାର ଓ ବିକାଶ ସମ୍ପର୍କରେ କୌଣସି ପ୍ରକଳ୍ପ ଘୋଷଣା କରାଯାଇନାହିଁ। ସିଜେପି ଯୁବନେତା ଉଲ୍ଲେଖ କରିଛନ୍ତି, ଆଦିବାସୀ ନେତୃତ୍ୱ ସଂପ୍ରଦାୟର ବିଶ୍ୱାସ ଭଙ୍ଗ କରିଆସୁଛନ୍ତି। ଫଳରେ ଜିଲ୍ଲାର ସରଳ ଗରୀବ ଆଦିବାସୀ ପରିବାର ଦାଦନ ଶ୍ରମିକ ଭାବେ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି। ଜିଲ୍ଲାର ଅଧିକାଂଶ ଛୋଟ, ମଧ୍ୟମ ଓ ବଡ଼ ଘରୋଇ, ସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ହୋଇଯିବା ପରେ ସ୍ଥାନୀୟ ରୋଜଗାରର ସୁଯୋଗ ବହୁତ କମି ଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦାୟିତ୍ୱ କ’ଣ ତାହା ନେଇ ସେମାନେ ପ୍ରଶ୍ନ କରିଛନ୍ତି।

ଜିଲ୍ଲାର ନଅଟି ବିଧାନସଭା ଆସନ ମଧ୍ୟରୁ ଆଠଟିରେ ଆଦିବାସୀ ନେତାମାନେ ପ୍ରତିନିଧିତ୍ୱ କରୁଥିବା ସହିତ ଗ୍ରାମ ପଞ୍ଚାୟତଠାରୁ ଜିଲ୍ଲା ପରିଷଦ ପର୍ଯ୍ୟନ୍ତ ସଂରକ୍ଷିତ ଆସନରେ ନିୟନ୍ତ୍ରଣ ରଖି ଯୋଜନାର ଅର୍ଥ ଆବଣ୍ଟନରେ ବହୁମାତ୍ରାରେ ଅନିୟମିତତା ହେଉଥିବା ଅଭିଯୋଗ କରାଯାଇଛି। ସିଜେପି ଯୁବନେତା କହିଛନ୍ତି ଯେ, ଦଳୀୟ ରାଜନୀତିକୁ ପ୍ରଶ୍ରୟ ଦେଇ ସ୍ଥାୟୀ ବିକାଶ ପ୍ରକଳ୍ପ ସ୍ଥାପନ ନ କରି ଶହ ଶହ ମଦ ଦୋକାନ ଖୋଲାଯିବା, ଶିକ୍ଷା କ୍ଷେତ୍ରରେ ଅନିୟମିତତା ଯୋଗୁଁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରଭାବିତ ହେଉଛି। ଏହା ବିଜେପିର "ସବକା ସାଥ୍, ସବକା ବିକାଶ୍’ ନୀତି ସହିତ କେତେ ଦୂର ସାମଞ୍ଜସ୍ୟ ତାହା ସେମାନେ ପ୍ରଶ୍ନ କରିଛନ୍ତି। ରାଇରଙ୍ଗପୁର ସମାବେଶ ପରେ ଜିଲ୍ଲାବାସୀଙ୍କ ପାଇଁ କୌଣସି ସ୍ଥାୟୀ ରୋଜଗାର ପ୍ରକଳ୍ପ ଘୋଷଣା ନ ହେବାରୁ ସିଜେପି ଯୁବନେତା ରାମଚନ୍ଦ୍ର ହାଁସଦା, ଭୁଗୁଲ ମାଣ୍ଡି, କାଳିଚରଣ ମାଝୀ, ବାଜୁନ ହେମ୍ବ୍ରମ, ଭଗବାନ ବେଶ୍ରା, କାହ୍ନୁ ଟୁଡୁ, ସୁଦାମ ରାମ, ନାରାୟଣ ସିଂ, ଜିତରାୟ ମାରାଣ୍ଡି ଓ କପିଳେନ୍ଦ୍ର ନାଏକ ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଗଣମାଧ୍ୟମ ମାଧ୍ୟମରେ ପ୍ରଶ୍ନ କରିଛନ୍ତି। ସେମାନେ ପଚାରିଛନ୍ତି ଯେ, ଜିଲ୍ଲାବାସୀଙ୍କ ଭାଗ୍ୟ ପରିବର୍ତ୍ତନ ପାଇଁ କେବେ ନୂତନ ସୂର୍ଯ୍ୟ ଉଦୟ ହେବ ଓ ଦାଦନ ଶ୍ରମର ଶୃଙ୍ଖଳାରୁ ଗରୀବ ଆଦିବାସୀ ପରିବାର କେବେ ମୁକ୍ତ ହେବେ? ଏହି ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନ କିମ୍ବା ସରକାରୀ ସ୍ତରରୁ ଏ ପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ। ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ଅଞ୍ଚଳରେ ସ୍ଥାୟୀ ରୋଜଗାର, ଶିଳ୍ପ ପୁନରୁଦ୍ଧାର ଓ ସଠିକ୍ ଯୋଜନା କାର୍ଯ୍ୟାନ୍ୱୟନ ମାଧ୍ୟମରେ ବିକାଶ ନିଶ୍ଚିତ କରିବା ଜରୁରୀ ବୋଲି ସ୍ଥାନୀୟ ଜନସାଧାରଣ ମଧ୍ୟ ଆଶା ପ୍ରକାଶ କରିଛନ୍ତି। ଏହି ପ୍ରଶ୍ନଗୁଡ଼ିକର ସମାଧାନ ହେଲେ ହିଁ ଜିଲ୍ଲାର ଗରୀବ ଆଦିବାସୀ ସଂପ୍ରଦାୟର ଉନ୍ନତି ହୋଇପାରିବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ପଞ୍ଚାୟତ ସମିତିସଭ୍ୟଙ୍କ ପରଲୋକ

କୁଆମରା,୨୬।୬(ସମିସ): ଗୋପବନ୍ଧୁନଗର ବ୍ଲକ ପଶୁଦା ପଞ୍ଚାୟତ ସମିତି ସଭ୍ୟ ଭୀମ ସୋରେନ (୪୦)ଙ୍କ ଗୁରୁବାର ରାତିରେ ପରଲୋକ ଘଟିଛି। ତିନିଦିନ ତଳେ ଶ୍ରୀ ସୋରେନଙ୍କ ଛାତି ଓ ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ବାରିପଦା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଉପଶମ ନ ହେବାରୁ ଗୋଟିଏ ଦିନ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଶ୍ରୀ ସୋରେନ ମାର୍ବଲ ମିସ୍ତ୍ରିରୁ ଜଣେ ରାଜନେତା ପାଲଟି ଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ସେ ବହୁ ଭୋଟରେ ବିଜୟୀ ହୋଇ କିଛି ମଧ୍ୟରେ ଲୋକଙ୍କ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କର ଦୁଇ ପୁଅ ଓ ସ୍ତ୍ରୀ ଅଛନ୍ତି। ଆଜି ଶୋକାକୁଳ ପରିବେଶ ମଧ୍ୟରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଛି। ଖବର ପାଇ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ବ୍ଲକ ଅଧ୍ୟକ୍ଷା ଝୁଲଣ ବାରସାଲିଆ, ଉପାଧ୍ୟକ୍ଷା ରଶ୍ମିତା ଚୈଧୁରୀ, ସରପଞ୍ଚ ନିମାଇଁ ସୋରେନ, ବିଜେଡି ବ୍ଲକ ସଭାପତି ସତ୍ୟବାନ ଉପାଧ୍ୟାୟ, ଯୁବ ନେତା ସନାତନ ନାୟକ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ‘ବିକାଶର ଧାରା ଓଡ଼ିଶା ସାରା’ କାର୍ଯ୍ୟକ୍ରମ




ମହୁଲଡିହା,୨୬।୬(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ହାତୀଗୋଡା ପଞ୍ଚାୟତରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶୁଭାଶିଷ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଦଶମା ସୟ ଯୋଗଦେଇ ସରକାରଙ୍କ ୨ ବର୍ଷ ପୂର୍ତ୍ତିରେ ବିଭିନ୍ନ ଗ୍ରାମରେ ହୋଇଥିବା ଲୋକାଭିମୁଖୀ କାର୍ଯ୍ୟ ଓ ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁ ଥିବା ସରକାରଙ୍କ ବିଭିନ୍ନ ଯାଜନା ବିଷୟରେ ଆଲୋଚନା କରିଥିଲେ। ସମିତି ସଭ୍ୟ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏହି ବିକାଶ ଧାରା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ସ୍ୱେଚ୍ଛାସେବୀ ସଂସ୍ଥା ଯୋଗଦେଇ ନିଜ ନିଜର ମତ ରଖିଥିଲେ। ଏଡିଓ ପରମେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲିସ ପକ୍ଷରୁ ଗାଡ଼ି ଯାଞ୍ଚ କଡ଼ାକଡ଼ି

କୁଆମରା,୨୬।୬(ସମିସ): କୁଆମରା ଫାଣ୍ଡି ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ପୁଲିସର ମୁଣ୍ଡବ୍ୟଥା ବଢାଇଛି। ଏଣୁ ଅମାନିଆଙ୍କୁ ସାବାଡ କରିବା ପାଇଁ ପୁଲିସ ପକ୍ଷରୁ ବାଇକ୍ ଯାଞ୍ଚକୁ କଡାକଡି କରାଯାଇଛି। ବିଶେଷକରି ହେଲମେଟ ନ ପିନ୍ଧିବା ଓ ନିଶା ଖାଇ ବାଇକ ଚଳାଉଥିବା ଅମାନିଆଙ୍କ ପ୍ରତି ପୁଲିସ କଡ଼ା ପଦକ୍ଷେପ ଗ୍ରହଣ କରିଛି। ଏ ପରିପ୍ରେକ୍ଷୀରେ ଗୋପବନ୍ଧୁନଗର ବ୍ଲକ କୁଶଳଦା ପଞ୍ଚାୟତ ନହରା ଗ୍ରାମର ପ୍ରସନ୍ନ କୁମାର ନାୟକଙ୍କ ବାଇକ ଜବତ କରିବା ସହ ଏକ ମାମଲା ରୁଜୁ ହୋଇଛି। ଅନ୍ୟମାନଙ୍କୁ ସଚେତନ କରାଯାଇ ଛାଡ଼ି ଦିଆଯାଇଥିବା କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି କହିଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ପେନସନ ଓ ବକେୟା ପ୍ରାପ୍ୟ ନେଇ ଅଭିଯୋଗ ଶୁଣାଣି

ବେତନଟୀ, ୨୬।୬(ସମିସ): ଭାରତୀୟ ସ୍ଥଳ ଓ ଆକାଶ ବାହିନୀରୁ ଅବସର ଗ୍ରହଣ କରିଥିବା ସେନାବାହିନୀର ଯେକୌଣସି କର୍ମଚାରୀ କିମ୍ବା ତାଙ୍କ ପରିବାର, ଉତ୍ତରାଧିକାରୀଙ୍କର ଯଦି ପେନସନ ସମ୍ବନ୍ଧୀୟ କିଛି ଅଭିଯୋଗ ସମାଧାନ ନ ହୋଇ ପ୍ରାପ୍ୟରୁ ବଞ୍ଚିତ ହୋଇଥା’ନ୍ତି, ତେବେ ମୟୂରଭଞ୍ଜ ଜିଲ୍ଲା ସେନା କର୍ମଚାରୀ ଉନ୍ନୟନ ଭବନରେ ଆସନ୍ତା ୩ ତାରିଖ ଦିନ ପହଞ୍ଚି ଆବେଦନ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ସଭାପତି ଜନାର୍ଦ୍ଦନ ମହାନ୍ତ ଗଣମାଧ୍ୟମକୁ ଜଣାଇଛନ୍ତି। ଏଥିସହିତ ଆବେଦନକାରୀ ଚାକିରିରୁ ଅବସର ନେବା ସମୟର ଡିସଚାର୍ଜ ସାର୍ଟିଫିକେଟ, ଆଧାର କାର୍ଡ, ପାନ କାର୍ଡ, ଇସିଏଚଏସ୍ ପିପିଓ ନମ୍ବର ଓ ଯଦି ପୂର୍ବରୁ ଆବେଦନ କରିଥିବେ ଯୋଗାଯୋଗ ସମ୍ବନ୍ଧୀୟ କପିର ନକଲ ଆଦି ସାଥିରେ ଆଣିବାକୁ କୁହାଯାଇଛି। ଏଥିପାଇଁ ସୈନିକ ସଂଘ ପକ୍ଷରୁ ଏକ କମିଟି ଯାଞ୍ଚ କରି ଆବେଦନକାରୀଙ୍କ ରେକର୍ଡ ଯାଞ୍ଚ କରି ବିଭାଗୀୟ ଦପ୍ତର ସହିତ ଯୋଗାଯୋଗ କରି ସମାଧାନର ପଦକ୍ଷେପ ନେବ। ଏଣୁ ମୟୂରଭଞ୍ଜ ଜିଲ୍ଲା ସମେତ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ଅବସରପ୍ରାପ୍ତ ସେନା କର୍ମଚାରୀ ଓ ତାଙ୍କ ପରିବାର ତଥା ଉତ୍ତରାଧିକାରୀ ଏଠାରେ ଆବେଦନ କରିବା ପାଇଁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଦେଶ ମାତୃଭୂମିର ସେବା କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ସେବା ନିବୃତ୍ତ ହୋଇଥିବାରୁ ଓ ଚାକିରି ସମ୍ବନ୍ଧୀୟ ଦେୟ ପାଇବାରୁ ବଞ୍ଚିତ ହୋଇଥିଲେ ସଂଘ ପକ୍ଷରୁ ଆୟୋଜନ କରାଯାଇଥିବା ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରି ସୁବିଧା ହାସଲ କରିବା ପାଇଁ ନିବେଦନ କରାଯାଇଛି

## କାର୍ଯ୍ୟରତ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ଓ ହତ୍ୟା ଧମକ

ତେଲକୋଇ, ୨୬।୬(ସମିସ): ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଗାଳିଗୁଲଜ ଓ ହତ୍ୟା ଧମକ ଦିଆଯାଇଛି। ତେଲକୋଇ ବ୍ଲକ୍‌ର ଜଣେ ସାମ୍ବାଦିକ ଅମରେଶ ପ୍ରଧାନ ଏନେଇ ତେଲକୋଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପେଭର୍ ବ୍ଲକ କାର୍ଯ୍ୟ ହେଉଥିବା ବେଳେ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ନେଇ ଅଭିଯୋଗ ଉପରେ ଶ୍ରୀ ପ୍ରଧାନଙ୍କ ସହ ଆଉ ଜଣେ ସାମ୍ବାଦିକ ଡିଲେଶ୍ୱର ସାହୁ ଖବର ସଂଗ୍ରହ କରୁଥିଲେ। ସେଠାରେ ତରଣୀସେନ ବେହେରା ଖବର ପ୍ରସାରଣ କଲେ ଜୀବନରୁ ମାରି ଦେବାକୁ ହତ୍ୟା ଧମକ ଦେଇଥିଲେ। ଏହି ଘଟଣାକୁ ତେଲକୋଇ ପ୍ରେସ କ୍ଲବ୍ ଦୃଢ଼ ନିନ୍ଦା କରିବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି। କେନ୍ଦୁଝର ଜିଲ୍ଲା ସାମ୍ବାଦିକ ସଂଘ ମଧ୍ୟ ତୁରନ୍ତ ଦୋଷୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଦାବି କରିଛି।




## ଚିକିଟାମାଟିଆ ଆଶ୍ରମ ବିଦ୍ୟାଳୟରେ ହାତୀ ଉପଦ୍ରବ

# ସ୍କୁଲ ପାଚେରି ଭାଙ୍ଗିଲେ, ଭୟରେ ଦୌଡ଼ିଲେ ଛାତ୍ରଛାତ୍ରୀ

ମୋରଡ଼ା,୨୬।୬(ସମିସ)



ମୋରଡା ବ୍ଲକ୍‌ରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। କେତେବେଳେ ହାତୀ ଧାନ ଫସଲ ନଷ୍ଟ କରୁଛି ତ ଆଉ କେତେବେଳେ ଖାଦ୍ୟ ପାଇଁ ଗାଁ ମୁହାଁ ହୋଇ ଜୀବନ ନେଉଛନ୍ତି। ଏ ପରିପ୍ରେକ୍ଷୀରେ ଗୁରୁବାର ଚିକିଟାମାଟିଆରେ ଥିବା ଆଶ୍ରମ ବିଦ୍ୟାଳୟ ଓ ଏହି ଉଚ୍ଚବିଦ୍ୟାଳୟର ପାଚେରୀ ଭାଙ୍ଗି ସ୍କୁଲ ପରିସରରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ଦେଖିବାକୁ ମିଳିଛି। ଫଳରେ ଛାତ୍ରଛାତ୍ରୀ ଭୟରେ ହଷ୍ଟେଲ ଛାଡ଼ି ଦୌଡ଼ି ପଳାଇଥିବା ଜଣାପଡ଼ିଛି। ଗୁରୁବାର ବିଳମ୍ବିତ ରାତିରେ ଆଠଟିକିଆ ହାତୀ ପଲ ପ୍ରଥମେ ଚିକିଟାମାଟିଆ ଏଭି ଉଚ୍ଚ ବିଦ୍ୟାଳୟରେ ପାଚେରି ଭାଙ୍ଗି ପଶି ଗ୍ରିଲ ଓ କବାଟ ଭାଙ୍ଗି ହଷ୍ଟେଲ ଓ ମଧ୍ୟାହ୍ନଭୋଜନ ପାଇଁ ଥିବା ଚାରି କ୍ୱିଣ୍ଟାଲ ଚାଉଳ ଖାଇଥିବା କହିଛନ୍ତି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ସି। ସ୍ଥାନୀୟ ଲୋକ ଜାଣିପାରି ଘୋଡାଇବାକୁ ଚେଷ୍ଟା କରିବାରୁ ସେଠାରୁ ହାତୀ ପଲ ବାହାରି ପାଖରେ ଥିବା ଚିକିଟାମାଟିଆ ଆଶ୍ରମ ବିଦ୍ୟାଳୟରେ ପାଚେରି ଭାଙ୍ଗି ପ୍ରବେଶ କରିଥିଲେ। ହାତୀଙ୍କ ଗର୍ଜନ ଶୁଣି ଶିକ୍ଷୟିତ୍ରୀ ଜ୍ୟୋସ୍ନା ମୁର୍ମୁ ପିଲାମାନଙ୍କୁ ଘର ଭିତରକୁ ପଶିବାକୁ କହିଥିଲେ। ତେବେ ହାତୀ କଥା ଶୁଣି ପିଲାମାନେ ଭୟଭୀତ ଅବସ୍ଥାରେ ଏଣେ ତେଣେ ଦୌଡି ଘର ଭିତରକୁ ପଶି କବାଟ ଲଗାଇଦେଇଥିଲେ। ଭୟରେ ରାତି ତମାମ କେହି ଶୋଇ ନ ଥିଲେ। ଉକ୍ତ ଆଶ୍ରମରେ ୧୯୦ ଜଣ ପିଲାଙ୍କ ମଧ୍ୟରୁ ବର୍ତ୍ତମାନ ୪୫ ଜଣ ପିଲା ଅଛନ୍ତି। ତେବେ ବନବିଭାଗ କର୍ମଚାରୀ ପହଞ୍ଚି ହାତୀ ପଲକୁ ବହୁ କଷ୍ଟରେ ଘୋଉଡାଇଥିଲେ। ଅପରପକ୍ଷରେ ଜଙ୍ଗଲ ପାଖରେ ଥିବାରୁ ଯଥାଶୀଘ୍ର ଉଭୟ ସ୍କୁଲ ପାଚେରି ନିର୍ମାଣ ପାଇଁ ଦାବି ହୋଇଛି। ସେହିପରି ଉକ୍ତ ଅଞ୍ଚଳରେ ବର୍ତ୍ତମାନ ୧୫ଟି ହାତୀ ଥିବା ରେଞ୍ଜର ଘନଶ୍ୟାମ ସିଂ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଐତିହ୍ୟ

- ୧୬୯୩- ବିଶ୍ୱର ପ୍ରଥମ ମହିଳା ପତ୍ରିକା 'ଲେଡିଜ୍ ମରକ୍ୟୁରି' ଲଣ୍ଡନରେ ପ୍ରକାଶିତ ହେଲା।
- ୧୮୩୯- ମହାରାଜା ରଣଜିତ ସିଂହଙ୍କ ବିୟୋଗ।
- ୧୯୧୪- ଆମେରିକା ଇଥୋପିଆ ସହିତ ବାଣିଜ୍ୟ ସନ୍ଧିରେ ସ୍ୱାକ୍ଷର କଲା।
- ୧୯୬୭- ଲଣ୍ଡନର ଏନ୍‌ଫିଲଡ୍‌ରେ ବିଶ୍ୱର ପ୍ରଥମ ଏଟିଏମ୍ ସ୍ଥାପିତ କରାଗଲା।
- ୧୯୮୧-କାମ୍ବୋଡ଼ିଆ ନୂଆ ସମ୍ବିଧାନ ଆପଣାଇଲା।

## ଆଜି ଆସିଥିଲେ...

# ପଣ୍ଡିତ କୃପାସିନ୍ଧୁ ମିଶ୍ର



ପଣ୍ଡିତ କୃପାସିନ୍ଧୁ ମିଶ୍ର ଓଡ଼ିଶାର ସତ୍ୟବାଦୀ ଯୁଗର ଜଣେ ବରେଣ୍ୟ ସାହିତ୍ୟିକ, ପ୍ରଖ୍ୟାତ ଐତିହାସିକ, ଆଦର୍ଶ ଶିକ୍ଷକ ଏବଂ ସମାଜସେବୀ ଥିଲେ। ସେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବନ ବିଦ୍ୟାଳୟର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ୧୮୮୭ ମସିହା ଆଜିର ଦିନରେ ପୁରୀ ଜିଲ୍ଲାର ବୀରହରେକୃଷ୍ଣପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ କୃପାସିନ୍ଧୁ ମିଶ୍ର। ସେ ଗାଁ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଥିଲେ, ପରବର୍ତ୍ତୀ ସମୟରେ କଟକର ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ପଢ଼ିଥିଲେ। ପରେ ସେ ରେଭେନ୍ସା ମହାବିଦ୍ୟାଳୟରୁ ଏଫ୍.ଏ ଓ ବି.ଏ ପାସ୍ କରିଥିଲେ। ୧୯୧୪ ମସିହାରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିଲେ। କୃପାସିନ୍ଧୁ ଓଡ଼ିଶାର ସ୍ଥାପତ୍ୟ, ସଂସ୍କୃତି ଓ ଇତିହାସକୁ ଆଧାର କରି ଅନେକ କାଳଜୟୀ ପୁସ୍ତକ ରଚନା କରିଛନ୍ତି। ୧୯୧୩ ମସିହାଠାରୁ ତାଙ୍କ ରଚିତ ଐତିହାସିକ ପ୍ରବନ୍ଧମାନ ବ୍ରଜସୁନ୍ଦର ଦାସଙ୍କ 'ମୁକୁର' ପତ୍ରିକାରେ ପ୍ରକାଶ ପାଉଥିଲା। ପରେ ତାଙ୍କ ଲେଖନୀରୁ 'ବାରବାଟୀ ଦୁର୍ଗ', କୋଣାର୍କ', ଓ 'ଉତ୍କଳ ଇତିହାସ' ପ୍ରଭୃତି ଐତିହାସିକ ଗବେଷଣାମୂଳକ ପ୍ରବନ୍ଧ ସୃଷ୍ଟି ହେଲା। ଏହାପରେ ସେ ଓଡ଼ିଶାର ପ୍ରଥମ ଐତିହାସିକ ଭାବେ ଖ୍ୟାତିଲାଭ କଲେ।

ସେ କେବଳ ଜଣେ ଐତିହାସିକ ନ ଥିଲେ, ଥିଲେ ବିଶିଷ୍ଟ ଦାର୍ଶନିକ। ତାଙ୍କ ଦର୍ଶନତତ୍ତ୍ୱ ସମ୍ବଳିତ 'ଅଦୃଷ୍ଟବାଦ' ଓ 'କା' ପ୍ରବନ୍ଧ ପାଠକମାନଙ୍କ ମନରେ ଗଭୀର ଛାପ ସୃଷ୍ଟି କରିଛି। କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ଏମ୍.ଏ. ପାସ୍ କରିବା ପରେ କୃପାସିନ୍ଧୁ ଚାହିଁଥିଲେ ବ୍ରିଟିଶ ସରକାରଙ୍କ ଅଧୀନରେ ଉଚ୍ଚ ପଦବୀରେ ଚାକିରି କରିପାରିଥାନ୍ତେ। ସେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ, କୃପାସିନ୍ଧୁ ୧୯୧୪ ମସିହାରେ ସତ୍ୟବାଦୀ ବନ ବିଦ୍ୟାଳୟରେ ଜଣେ ସହକାରୀ ଶିକ୍ଷକ ଭାବରେ ଯୋଗଦାନ କରିଥିଲେ। ତାଙ୍କ ଯୋଗଦେବା ବେଳକୁ ପଣ୍ଡିତ ନୀଳକଣ୍ଠ ଦାସ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ସେଠାରେ ଯୋଗ ଦେଇ ସାରିଥାନ୍ତି। ଏମାନଙ୍କ ଦ୍ୱାରା କୃପାସିନ୍ଧୁ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ। ପଢ଼ିବା ଓ ପଢ଼େଇବାରେ କୃପାସିନ୍ଧୁଙ୍କର ଆନନ୍ଦ ଥିଲା। ତାଙ୍କର ସଂସ୍କୃତ, ଓଡ଼ିଆ ଓ ଇଂରାଜୀ ଭାଷାରେ ଅଗାଧ ପାଣ୍ଡିତ୍ୟ ଥିଲା ଓ ସେ ଅନର୍ଗଳ ବକ୍ତୃତା ମଧ୍ୟ ଦେଇ ପାରୁଥିଲେ। ସର୍ବଦା ଧୋତି କୁର୍ତ୍ତା ପରିଧାନ କରିଥିବା କୃପାସିନ୍ଧୁଙ୍କର ନିରାଡମ୍ବର ଜୀବନଶୈଳୀ ଓ ସରଳ ବ୍ୟକ୍ତିତ୍ୱ ଛାତ୍ରମାନଙ୍କୁ ପ୍ରଭାବିତ କରୁଥିଲା। ୧୯୨୦ ମସିହାରେ ସେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱ ଗ୍ରହଣ କରି ମୃତ୍ୟୁ ପର୍ଯ୍ୟନ୍ତ ଏହାକୁ ତୁଲାଇଥିଲେ। ୧୯୨୦ ସେପ୍ଟେମ୍ବର ୪ ତାରିଖରେ କୋଲକାତାଠାରେ ଲାଲ ଲଜପତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ କୃପାସିନ୍ଧୁ। ୧୯୨୪ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ପୁରୀ ଜିଲ୍ଲା ବୋର୍ଡର ସଭ୍ୟ ଭାବେ କାର୍ଯ୍ୟ କରିବା ସହିତ ଜିଲ୍ଲା ଶିକ୍ଷା କମିଟିରେ ସଭ୍ୟ ଥିଲେ। ଶିକ୍ଷା ହିଁ ସମାଜର ସବୁଠାରୁ ବଡ଼ ପରିବର୍ତ୍ତନକାରୀ ଶକ୍ତି ବୋଲି ସେ ଭାବୁଥିଲେ। ଏହି ସାରସ୍ୱତ ସାଧକଙ୍କର ୧୯୨୬ ମସିହା ଫେବ୍ରୁଆରି ୧୨ ତାରିଖରେ ମାତ୍ର ୩୮ ବର୍ଷ ବୟସରେ ପରଲୋକ ଘଟିଥିଲା।

# ଅନେକ କଥା ଲୁଚାଉଛି ଚୀନ

ଚୀନ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ଉନ୍ନତି କରୁଥିବା ସୁପରପାୱାର୍ ଦେଶ ବୋଲି ଦାବି କରେ। ବଡ଼ ବଡ଼ ହାଇୱେ, ବୁଲେଟ୍ ଟ୍ରେନ୍ ଏବଂ ଆକାଶଛୁଆଁ ବିଲ୍ଡିଂ ପାଇଁ ଚୀନ ଜଣାଶୁଣା, ହେଲେ ନିକଟରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ୍ ହୋଇଛି, ଯାହା ଏହାର ଏଭଳି ଚେହେରାକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଚୂରମାର କରିଦେଇଛି। ଭିଡିଓରେ ବେଜିଂର ପର୍ଯ୍ୟଟନ ଅଞ୍ଚଳରୁ ଦୂରବର୍ତ୍ତୀ ସ୍ଥାନକୁ ଦେଖାଯାଇଛି। ଏଠାରେ କୁଢ଼ କୁଢ଼ ଅଳିଆ ରାସ୍ତା ଉପରେ ପଡ଼ିଥିବାର ନଜର ଆସିଛି। ଚାରିଆଡ଼େ ଅଳିଆ ଆବର୍ଜନା ବିଛୁରିତ ହୋଇ ପଡ଼ି ରହିଥିବା ବେଳେ ଇନ୍‌ଫ୍ରାଷ୍ଟ୍ରକଚର୍ ଜର୍ଜରିତ ଅବସ୍ଥାରେ ଅଛି। ସେହିପରି ଭିଡିଓ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି ଯେ, ଏହା କ'ଣ ସେହି ବେଜିଂ, ଯିଏ ୨୦୫୦ ମସିହାରେ ବଞ୍ଚିବା ଦାବି କରୁଥିଲା। ଚୀନ ସରକାର ନିଜର ଭାବମୂର୍ତ୍ତିକୁ ସ୍ୱଚ୍ଛ ଏବଂ ଚମକଦାର କରିବା ପାଇଁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରୁଥିଲେ ମଧ୍ୟ ସେଠାକାର ଗ୍ରାମୀଣ ଏବଂ ଖାଦ୍ୟ ସୁରକ୍ଷାର ବାସ୍ତବତା ଅତ୍ୟନ୍ତ ଚିନ୍ତାଜନକ ଅଟେ। ଏଠାକାର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିଜର ଭାବମୂର୍ତ୍ତିକୁ ଚମକାଇବାରେ ଲାଗିଛନ୍ତି। ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ବିଶେଷ ଭାବରେ ସଫାସୁତୁରା ଏବଂ ଆକର୍ଷଣୀୟ ରଖାଯାଏ। ହେଲେ ଏହା ବାହାରର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଗ୍ରାମାଞ୍ଚଳ ଏବଂ ଛୋଟ ସହରଗୁଡ଼ିକରେ ରାସ୍ତାଘାଟ ଭାଙ୍ଗିରୁଜି ଯାଇଛି, ସ୍ୱେରେଜ୍ ସିଷ୍ଟମ୍ ଖରାପ ଅଛି ଏବଂ ପ୍ରଦୂଷଣର ସ୍ତର ଅତ୍ୟନ୍ତ ବିପଜ୍ଜନକ। ଖାଦ୍ୟ ସୁରକ୍ଷାର ସ୍ଥିତି ଆହୁରି ଚିନ୍ତାଜନକ ଅଟେ। ଚୀନରେ 'ଗଟର ଅଏଲ୍'ର ବ୍ୟବହାର ରେଷ୍ଟୁରାଣ୍ଟଗୁଡ଼ିକରେ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ କରାଯାଏ। କେମିକାଲ୍ ଯୁକ୍ତ ଷ୍ଟ୍ରିଟ୍ ଫୁଡ୍ ଏବଂ ନକଲି ଉତ୍ପାଦର ସ୍କାଣ୍ଡାଲ୍ କ୍ରମାଗତ ଭାବେ ସାମ୍ନାକୁ ଆସୁଛି। ଏହାଦ୍ୱାରା ପ୍ରତିଦିନ ଲକ୍ଷ ଲକ୍ଷ ନାଗରିକଙ୍କ ସ୍ୱାସ୍ଥ୍ୟ ବିପଦରେ ପଡ଼ୁଛି। ଚୀନ ସରକାର କଠୋର ସେନ୍ସରସିପ୍ ଜରିଆରେ ନକାରାତ୍ମକ ଖବରଗୁଡ଼ିକୁ ଦବାଇ ରଖନ୍ତି। ହେଲେ ସୋସିଆଲ ମିଡିଆରେ ଅନେକ ବିଦେଶୀ ୟୁଜର୍ସ ଏବଂ କିଛି ସାହସୀ ଚୀନ ନାଗରିକ ଏହି ଭିଡିଓଗୁଡ଼ିକୁ ସେୟାର କରୁଛନ୍ତି। ନିକଟରେ ଏଭଳି ଏକ ଭାଇରାଲ୍ ଭିଡିଓରେ ଦେଖାଯାଇଛି ଯେ, ଚୀନର ବ୍ୟୟବହୁଳ ପ୍ରଚାର ସତ୍ତ୍ୱେ ସାଧାରଣ ଲୋକଙ୍କ ଜୀବନରେ ସୁଧାର ଆସିପାରୁ ନାହିଁ। ବିଶେଷଜ୍ଞମାନଙ୍କ କହିବା କଥା ହେଲା, ଚୀନ ବିକାଶର ଚମକ ମଧ୍ୟରେ ନିଜର ଅନେକ ଅଞ୍ଚଳକୁ ଅଣଦେଖା କରୁଛି। ସହରଗୁଡ଼ିକରେ ବିଳାସପୂର୍ଣ୍ଣ ଅଟ୍ଟାଳିକା ଠିଆ ହେଉଥିବା ବେଳେ, ଦୂରଦୂରାନ୍ତ ଅଞ୍ଚଳରେ ମୌଳିକ ସୁବିଧା ସୁଯୋଗର ଅଭାବ ରହିଛି। ଚୀନ ସରକାର ପ୍ରାୟତଃ ନିଜର ଚମକଦାର ଭିତ୍ତିଭୂମିକୁ ଭାରତର ବିକାଶଶୀଳ ସହରଗୁଡ଼ିକ ସହ ତୁଳନା କରି ନିଜକୁ ଶ୍ରେଷ୍ଠ ପ୍ରମାଣିତ କରିବାକୁ ଚେଷ୍ଟା କରନ୍ତି। ହେଲେ ଏହାର ଭିତର କଥା ସାମ୍ନାକୁ ଆସିବା ପରେ ଜଣାପଡ଼େ ଯେ, ସେଠାରେ ମଧ୍ୟ ଭାରତ ଭଳି ବାୟୁ ପ୍ରଦୂଷଣ ଏବଂ ବର୍ଜ୍ୟବସ୍ତୁ ପରିଚାଳନାର ଘୋର ଅଭାବ ରହିଛି।



# ଯଶ୍‌ଙ୍କୁ ଟକ୍କର ଦେବେ ଶ୍ରଦ୍ଧା

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ଏବେ ତାଙ୍କ ଆଗାମୀ ଫିଲ୍ମ 'ଇଥା'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହାର ଟିଜର୍ ନିକଟରେ ରିଲିଜ୍ ହୋଇଥିଲା। ଟିଜର୍‌ରେ ଶ୍ରଦ୍ଧାଙ୍କ ଅଭିନୟ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। 'କକ୍‌ଟେଲ୍ ୨'ର ରିଲିଜ୍ ଦିନ ସିନେମା ହଲ୍‌ଗୁଡ଼ିକରେ 'ଇଥା'ର ଟିଜର୍ ରିଲିଜ୍ କରାଯାଇଥିଲା। ମ୍ୟାଡକ୍ ଫିଲ୍ମସ୍ ବ୍ୟାନରରେ ନିର୍ମିତ 'ଇଥା' ଏକ ବାୟୋପିକ୍ ଫିଲ୍ମ। ଏହି ଚଳଚ୍ଚିତ୍ରର କାହାଣୀ ମହାରାଷ୍ଟ୍ରର କିମ୍ବଦନ୍ତୀ ମରାଠୀ ଲାବଣୀ ନୃତ୍ୟଶିଳ୍ପୀ ବିଠାବାଇ ଭାଉ ମାଙ୍ଗ ନାରାୟଣଗାଓଁକରଙ୍କ ଜୀବନୀ ଉପରେ ଆଧାରିତ। ଏଥିରେ ଶ୍ରଦ୍ଧା କପୁର ମୁଖ୍ୟ ଭୂମିକାରେ ଥିବାବେଳେ ରଣଦୀପ ହୁଡ୍ଡା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସିବେ। 'ଛାଭା' ପରେ ନିର୍ଦ୍ଦେଶକ ଲକ୍ଷ୍ମଣ ଉତେକର ମହାରାଷ୍ଟ୍ରର ଲୋକକଳା ଓ ଇତିହାସର ଆଉ ଏକ ଅଧ୍ୟାୟକୁ 'ଇଥା' ମାଧ୍ୟମରେ ବଡ଼ ପରଦାରେ ଆଣିବାକୁ ଯାଉଛନ୍ତି। ଏହାର ଟିଜର୍ ଦେଖିବା ପରେ ପ୍ରଶଂସକମାନଙ୍କ ଉତ୍ସାହ ବଢ଼ିଯାଇଛି ଏବଂ ସେମାନେ ରିଲିଜ୍‌କୁ ଅପେକ୍ଷା କରିଛନ୍ତି। ଅପରପକ୍ଷରେ 'ସ୍ତ୍ରୀ ୨'ର ଅପାର ସଫଳତାର ପାଖାପାଖି ଦୁଇ ବର୍ଷ ପରେ ଏହିଫିଲ୍ମ ଜରିଆରେ ଶ୍ରଦ୍ଧା ବଡ଼ ପରଦାକୁ ଫେରୁଛନ୍ତି। ଏହା ରକ୍ଷାବନ୍ଧନ ଅବସରରେ ୨୮ ଅଗଷ୍ଟ, ୨୦୨୬ ରେ ସିନେମାହଲ୍‌ରେ ରିଲିଜ୍ ହେବ। ଏହିଦିନ ସାଉଥ୍ ସୁପରଷ୍ଟାର୍ ଯଶ୍‌ଙ୍କ ଚଳଚ୍ଚିତ୍ର 'ଟକ୍ସିକ୍' ମଧ୍ୟ ରିଲିଜ୍ ହେବ। ତେବେ ହିନ୍ଦୀ ଦର୍ଶକଙ୍କ ମଧ୍ୟରେ 'ଟକ୍ସିକ୍'ଠାରୁ 'ଇଥା'କୁ ନେଇ ଅଧିକ ଚର୍ଚ୍ଚା ହେଉଛି। ବାରମ୍ବାର 'ଟକ୍ସିକ୍'ର ରିଲିଜ୍ ଡେଟ୍‌ରେ ପରିବର୍ତ୍ତନ କାରଣରୁ ହିନ୍ଦୀ ଦର୍ଶକଙ୍କ ମଧ୍ୟରେ ଏହାକୁ ନେଇ ଉତ୍ସାହ କମିଯାଇଛି। ତେବେ ବକ୍ସ ଅଫିସ୍‌ରେ ଶ୍ରଦ୍ଧା କି ଯଶ୍ କିଏ ବାଜି ମାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।





## ପ୍ରହେଳିକା



- ପୁନେଇଁଟିଏ ସେ ଭାରି ମହାନ
  ସେଦିନ ହସଇ ଶ୍ରୀକ୍ଷେତ୍ର ଧାମ
  ଭାଇ ବଳଭଦ୍ର ସାଥେ ଭଉଣୀ
  ସିନାନ କରନ୍ତି ମଉଡ଼ମଣି
  ଶହେ ଆଠ ଗରା ଶୀତଳ ଜଳେ
  ଗାଧାନ୍ତି ସାଆନ୍ତ ଅମୃତ କାଳେ
  ପବିତ୍ର ପୁନେଇଁ ସିଏ
  ସେ ବିଧି ଦର୍ଶନ ଦିଏ କୋଟି ପୁଣ୍ୟ
  କୁହ ତା'ର ନାମ କିଏ।

  ଉତ୍ତର-ଦେବସ୍ନାନ ପୂର୍ଣ୍ଣିମ

- ଜ୍ୟୈଷ୍ଠ ପୁନେଇଁରେ କାଳିଆ ଧନ
  ଶ୍ରଦ୍ଧାରେ କରନ୍ତି ଶୁଦ୍ଧ ସିନାନ
  ସାଥିରେ ଥାଆନ୍ତି ଭାଇ ଭଉଣୀ
  ସେଥିଲାଗି ହୁଏ ଭକ୍ତ ଗହଳି
  ମଣ୍ଡପରେ ବସି ନାଥ
  ଶହେ ଆଠ ଗରା ଜଳରେ ଗାଧାନ୍ତି
  କୁହ'ତ ତା'ନାମ ମିତ।

  ଉତ୍ତର-ସ୍ନାନ ମଣ୍ଡପ

- ଶ୍ରୀକ୍ଷେତ୍ରର ସିଏ ମଉଡ଼ମଣି
  ସାଥିରେ ଥାଆନ୍ତି ଭାଇ ଭଉଣୀ
  ରତ୍ନ ମଣ୍ଡପରେ ତାଙ୍କରି ବାସ
  ଭକ୍ତଙ୍କୁ ଦିଅନ୍ତି ନିତି ଆଶିଷ
  ଲକ୍ଷ୍ମୀକାନ୍ତ ନାମେ ଖ୍ୟାତ
  କଳା ମୁହଁ ପୁଣି ନାଲି ଯେ ଅଧର
  କୁହ ତାଙ୍କ ନାମ ମିତ।

  ଉତ୍ତର-ଜଗନ୍ନାଥ

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

# ସ୍ନାନ ବେଦୀରେ ଜଗତ ସାଇଁ

ଜଗତ ନାଥ ଜଗତ ସାଇଁ
ଜାତି ଦେବତା ଆମରି ସେଇ
ନୀଳାଚଳରେ ବିଜେ ଶ୍ରୀହରି
ସାଥିରେ ଧରି ଭଉଣୀ ଭାଇ।
ମନମୋହନ ଚକାନୟନ
ରୂପରେ ଜିଣେ କୋଟି ମଦନ
କି ଯାଦୁକରୀ ମନ୍ତର ଜାଣେ
ଦୂରରୁ ଟାଣେ ଭକତ ଜନ।
ଜ୍ୟେଷ୍ଠର ଅନ୍ତେ ପୂର୍ଣ୍ଣମୀ ତିଥି
ମଣ୍ଡପେ ଆସି ଦାରୁ ମୂରତି
ଏକ ଶ' ଆଠ କଳସୀ ଜଳେ
ପାଳନ୍ତି ପୁଣ୍ୟ ସ୍ନାହାନ ନୀତି।
ଗଜାନନଙ୍କ ବେଶେ ସୁନ୍ଦର
ଶୋହନ୍ତି ପ୍ରଭୁ ରଙ୍ଗ ଅଧର
ଦରଶନରେ ହରନ୍ତି ମନ
ଭକତ ମନେ ଖୁସି ଅପାର।
ଜ୍ୱରେ ପୀଡ଼ିତ ହୁଅନ୍ତି ସାଇଁ
ଅଣସରରେ ରୁହନ୍ତି ଯାଇ
ଆକୁଳ ଚିତ୍ତେ ଜଗତ ଜନେ
ରଥଯାତକୁ ବସନ୍ତି ଚାହିଁ। ■



ଭୁବନାନନ୍ଦ ପାଣିଗ୍ରାହୀ
ଗେଡ଼ିଆପଲ୍ଲୀ, ଖୋର୍ଦ୍ଧା

# ସିନାନ ପୂର୍ଣ୍ଣିମା



ସୁଧାକର ରାଉତ

ଆଷାଢ଼ର ଶୁକ୍ଳ ଅଷ୍ଟମୀ ତିଥିରେ
ସିନାନ ମଣ୍ଡପେ ଆସି
ସୁନା କୂପର ସୁବାସିତ ଜଳରେ
ଗାଧୋଇଲ ହସି ହସି।
ଜୁଡୁ ସୁଡୁ ହୋଇ ଗାଧୋଇଲାବେଳେ
ଭୁଲି ପରିଣାମ କଥା
ଖଇଫୁଟା ଜ୍ୱରରେ ଆକ୍ରାନ୍ତ ହୋଇ
ଭୋଗିବଟି କେତେ ବ୍ୟଥା।
ବ୍ରହ୍ମାଣ୍ଡ ଠାକୁର ହୋଇ ପୁଣି କିଆଁ
ଏଡ଼େ ଅମାନିଆ ହେଲ
ଭକତ ଭାବରେ ଭୋଳ ହୋଇ ପ୍ରଭୁ
ନିଜ କଷ୍ଟ ଭୁଲି ଗଲ।
ଗୁପତ ସେବାରେ ଲାଗିବେ ବଇଦେ
ଏବେ ଅଣସର ଘରେ
ପଞ୍ଚଦଶ ଦିନ ନାନା ପଥି ଖାଇ
ସୁସ୍ଥ ହେବ ଧୀରେ ଧୀରେ।
ରତ୍ନ ସିଂହାସନ ପଡ଼ିଯିବ ଶୂନ୍ୟ
ପଟିଦିଅଁ ତୁମ ସ୍ଥାନେ
ପୂଜା ପାଇଲେ ବି ଭକତେ ତୁମକୁ
ଝୁରୁଥିବେ ମନେ ମନେ।
ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲା ପରେ
ନବ ଯଉବନ ବେଶେ
ଦରଶନ ଦେଇ ତୋଷିବ ଭକତେ
ରଥେ ବିଜେ ହେବା ଆଶେ।
ତୁମ ଲୀଳା ପ୍ରଭୁ ତୁମକୁ ଗୋଚର
ଆମେ ତ କୋମଳମତି
ଦୟା ପରବଶ ହୋଇଲେ ଠାକୁର
ରଖିବୁଟି ଯଶ ଖ୍ୟାତି। ■

ପ୍ରତାପ ନଗରୀ, କଟକ

## ସୁମନ



# ଦୁଷ୍ଟ ଓ ଭଲ କ'ଣ



କାଳିକିଙ୍କର

ରଘୁ ଓ ଗୋବିନ୍ଦ ଗୋଟିଏ ଘରେ ରୁହନ୍ତି। ରଘୁ ଅମାନିଆ କାହାରି କଥାମାନେ ନାହିଁ। ଜିନିଷପତ୍ର ସବୁ ଭଙ୍ଗାରୁଜା କରେ। ବହି ଖାତା ଚିରାଚିରି କରେ। ଘର ଦ୍ୱାର ଅଳିଆ କରେ। ଏସବୁ ଦୁଷ୍ଟାମୀ ତାଙ୍କ ଘରେ ଅନେକଙ୍କୁ ଭଲ ଲାଗେନାହିଁ କିନ୍ତୁ କେହି କିଛି କହନ୍ତି ନାହିଁ କାରଣ ରଘୁର ମାଆ ଯିଏ କହନ୍ତି ତାଙ୍କ ସହ କଳି କରନ୍ତି। ଗୋବିନ୍ଦ ସାନ ଭାଇ। ସେ ମଧ୍ୟ ରଘୁକୁ ଦେଖି ସେମିତି କିଛି କରିବାକୁ ଗଲେ ତା' ମାଆ ତାକୁ ଆକଟ କରନ୍ତି ଓ କହନ୍ତି ସେମିତି କଲେ ତୁ ଭଲ ପିଲା ହେବୁ ନାହିଁ। ସମସ୍ତେ ତୋତେ ଦୁଷ୍ଟ କହିବେ। ଗୋବିନ୍ଦ ବୁଝିପାରେ ନାହିଁ ଯେ ଭଲ କ'ଣ ଦୁଷ୍ଟ କ'ଣ? ସେ ଯାହାହେଉ, ମାଆଙ୍କ କଥା ମାନି ରଘୁ ଭଳି ହୁଏନାହିଁ। ସେଦିନ ଘରେ ଆଲୋଚନା ହେଲା ଯେ ରଘୁ ଓ ଗୋବିନ୍ଦ ଏଥର ସ୍କୁଲକୁ ଯିବେ, ପାଠ ପଢ଼ିବେ। ନୂଆ ବହି, ବ୍ୟାଗ୍, ପୋଷାକ, ଜୋତା ଆସିଲା। ଦୁଇ ଭାଇ ଖୁସି ଯେ ସ୍କୁଲ ଗଲେ ଏମିତି ସବୁ ନୂଆ ନୂଆ ଜିନିଷ ମିଳେ। ବାଃ, ବଢ଼ିଆ ତ। ପ୍ରାୟ ସପ୍ତାହେ ହୋଇଛି କି ନାହିଁ ସ୍କୁଲରୁ ରଘୁର ମାଆଙ୍କୁ କେତେଥର ଡାକରା ଆସିଲା। ସେ ସ୍କୁଲ ଗଲେ ଓ ମୁହଁ ଶୁଖେଇ ଫେରିଲେ। ଗୋବିନ୍ଦ ମାଆଙ୍କୁ କେହି ଡାକନ୍ତି ନାହିଁ। ସେଦିନ ପୁଣି ସ୍କୁଲରୁ ଫୋନ୍ ଆସିଲା ରଘୁର ବାପାଙ୍କ ପାଖକୁ। ସେ ଗଲେ ଓ ସାଥିରେ ରଘୁକୁ ଧରି ଘରକୁ ଆସିଲେ। ରଘୁର ମାଆଙ୍କୁ କହିଲେ-ଏଥର ମୂର୍ଖ କରି ପୁଅକୁ ଘରେ ରଖ। ତା'ର ଦୁଷ୍ଟାମୀ ପାଇଁ ସ୍କୁଲରୁ ବାହାର କରି ଦିଆହେଲା। ଦିନେ ତ ପୁଅକୁ ଆକଟ କଲ ନାହିଁ। ଆଉ ଯଦି ତାକୁ ଘରେ କେହି ଆକଟ କଲା ତୁମେ ତାରି ଆଗରେ ସମସ୍ତଙ୍କ ସହ କଳି କଲ। ଦୁଷ୍ଟ ପିଲାଙ୍କୁ କେହି କୌଣସି ସ୍କୁଲରେ ରଖିବେନି। ଆମ ଗୋବିନ୍ଦ କେତେ ଭଲ ପିଲା, ଦେଖ ତା ନାଁରେ ସ୍କୁଲରେ ଭଲ ପିଲା ବୋଲି ପ୍ରଶଂସା, କୌଣସି ଆପତ୍ତି ଅଭିଯୋଗ ତା ନାଁରେ ନାହିଁ। ରଘୁର ମାଆ କାନ୍ଦିବାକୁ ଲାଗିଲେ। ରଘୁ ମଧ ମାଆ କାନ୍ଦିବାର ଦେଖି କାନ୍ଦିବାକୁ ଲାଗିଲା। ଜେଜେ, ଜେଜେମା କହିଲେ, ଦୁଷ୍ଟ ନ ହୋଇ ଭଲ ପିଲା ହେବାକୁ ଚେଷ୍ଟାକର। ମାଆ କାନ୍ଦିବ ନାହିଁ କି ସ୍କୁଲ ତୋତେ ବାହାର କରିବ ନାହିଁ। ପରଦିନ ଗୋବିନ୍ଦ ଏକୁଟିଆ ଭାଇକୁ ନ ନେଇ ସ୍କୁଲ ଯିବାକୁ ଚାହିଁଲା ନାହିଁ। ସମସ୍ତେ ତାକୁ ବୁଝେଇଲ, ତା' ଭାଇ ଦୁଷ୍ଟ ବୋଲି ସ୍କୁଲକୁ ଯିବାକୁ ନାହିଁ କରାଯାଉଛି। ତୁ ଭଲପିଲା-କଥା ମାନୁ। ତେଣୁ ତୁ ଯାଆ। ଗୋବିନ୍ଦ କିନ୍ତୁ ଭାଇର ହାତ ଧରି ଟାଣି ଟାଣି ତାର ମାଆ ସହ ସ୍କୁଲ ନେଇଗଲା। ଗୋବିନ୍ଦର ମାଆ କହିଲେ ହେଉ, ଗୋବିନ୍ଦକୁ ସ୍କୁଲରେ ଛାଡ଼ି ରଘୁକୁ ଘରକୁ ନେଇ ଆସିବି। ସ୍କୁଲରେ ରଘୁକୁ ପୁଣି ଦେଖି ଗୁରୁମା କିଛି କହିବାକୁ ଯିବା ପୂର୍ବରୁ ଗୋବିନ୍ଦ କହିଲା ଗୁରୁମା, କ୍ଷମା କରି ଦିଅନ୍ତୁ। ମୋ ଭାଇ ଆଉ କେବେ ଦୁଷ୍ଟ ହେବନି। ଗୋବିନ୍ଦର କଥା ସମସ୍ତଙ୍କୁ ବହୁତ ଭଲ ଲାଗିଲା। ରଘୁ ମଧ୍ୟ ବୁଝିଲା ଯେ, ଦୁଷ୍ଟ କ'ଣ ଓ ଭଲ କ'ଣ। ସାନଭାଇ ଭଲ ବୋଲି ତାକୁ ଆଜି ପୁଣିଥରେ ସ୍କୁଲରେ ପାଠ ପଢ଼ିବା ପାଇଁ ଅନୁମତି ମିଳିଲା। ରଘୁ ପୂର୍ବପରି ଆଉ ଦୁଷ୍ଟ ନ ହୋଇ ଭଲ ପିଲା ହେଲା। ■

ରଟିଲ, ରେଞ୍ଚ, ପୁରୀ




ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।





ସ୍ୱସ୍ତିକା ମହାପାତ୍ର
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଖାନନଗର, କଟକ






ଅଭିଳାଷ ଦାଶ
ଦଶମ ଶ୍ରେଣୀ
ପବ୍ଲିକ୍ ସ୍କୁଲ
ବଲାଙ୍ଗୀର





ଦିପ୍ତିମୟୀ ହାଁସଦା
ପଞ୍ଚମ ଶ୍ରେଣୀ
ସରକାରୀ ପ୍ରାଥମିକ ବିଦ୍ୟାଳୟ
ବଡସିଙ୍ଗାରିଆ, ମୟୂରଭଞ୍ଜ





ଆଦ୍ୱିକ୍ ସ୍ୱାଇଁ
ଷଷ୍ଠ ଶ୍ରେଣୀ
ସେଣ୍ଟ ଜାଭିୟର୍ ହାଇସ୍କୁଲ
ଶିଖରପୁର, କଟକ




# ତୃତୀୟଥର ଲାଗି ନକ୍‌ଆଉଟ୍‌ରେ ଅଷ୍ଟ୍ରେଲିଆ

ସାଣ୍ଟା କ୍ଲାରା, ୨୬।୬ (ଏଜେନ୍ସି)



ଚଳିତ ଫିଫା ବିଶ୍ୱକପ୍‌ରେ ସଦ୍ୟତମ ଦଳ ଭାବେ ଅଷ୍ଟ୍ରେଲିଆ ନକ୍‌ଆଉଟ୍ ତଥା ରାଉଣ୍ଡ-୩୨ରେ ସ୍ଥାନ ପକ୍କା କରିଛି। ଶୁକ୍ରବାର ସକାଳେ ଏଠାରେ ଅଷ୍ଟ୍ରେଲିଆ ଓ ପାରାଗୁଏ ମଧ୍ୟରେ ଅନୁଷ୍ଠିତ ଗ୍ରୁପ୍-ଡି ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଅମୀମାଂସିତ ରହିଥିଲା। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଭୟ ଦଳ ଗୋଲ୍‌ସ୍କୋର କରିବାରେ ବିଫଳ ହୋଇଥିଲେ। ସମ୍ପୂର୍ଣ୍ଣ ମ୍ୟାଚରେ ପାରାଗୁଏ ଅପେକ୍ଷା ଅଷ୍ଟ୍ରେଲିଆ ସମସ୍ତ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିଥିଲା। ସଟ୍ ଅନ୍ ଟାର୍ଗେଟ୍, ପାସ୍, ପୋଜେସନରେ ଅଷ୍ଟ୍ରେଲିଆ ଭଲ ଖେଳିଥିଲେ ମଧ୍ୟ ପାରାଗୁଏ ଗୋଲ୍‌ପୋଷ୍ଟ ଭେଦ କରିପାରି ନ ଥିଲା।

ଏହି ଡ୍ର ଫଳରେ ଉଭୟ ଅଷ୍ଟ୍ରେଲିଆ ଓ ପାରାଗୁଏକୁ ୧ ପଏଣ୍ଟ ଲେଖାଏରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏହି ୧ ପଏଣ୍ଟ ବଳରେ ଅଷ୍ଟ୍ରେଲିଆ ଗ୍ରୁପ୍-ଡି'ରେ ସମସ୍ତ ୩ଟି ମ୍ୟାଚ୍ ଖେଳି ୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅର୍ଜନ କରିଛି। ଏଥିସହ ଆମେରିକା (୬ ପଏଣ୍ଟ) ପରେ ଏହି ଗ୍ରୁପ୍‌ରୁ ଦ୍ୱିତୀୟ ଦଳ ଭାବେ ଅଷ୍ଟ୍ରେଲିଆ ନକ୍‌ଆଉଟରେ ସ୍ଥାନ ପକ୍କା କରିଛି। ଫଳରେ ଫିଫା ବିଶ୍ୱକପ୍ ଇତିହାସରେ ଅଷ୍ଟ୍ରେଲିଆ ମୋଟ୍ ଉପରେ ତୃତୀୟଥର ଲାଗି ନକ୍‌ଆଉଟ୍‌କୁ ଯୋଗ୍ୟତା ଅର୍ଜନ କରିଛି। ଏଥିପୂର୍ବରୁ ୨୦୦୬ ଓ ୨୦୨୨ରେ କଙ୍ଗାରୁ ଦଳ ନକ୍‌ଆଉଟ୍ ଖେଳିଥିଲା। ରାଉଣ୍ଡ-୩୨ରେ ଅଷ୍ଟ୍ରେଲିଆର ମୁକାବିଲାର ଗ୍ରୁପ୍-ଜି'ର ଦ୍ୱିତୀୟ ସ୍ଥାନରେ ରହିଥିବା ସହ ହେବ। ଏହି ମ୍ୟାଚ୍ ଜୁଲାଇ ୩ ତାରିଖରେ ଆର୍ଲିଂଟନରେ ଅନୁଷ୍ଠିତ ହେବ।

ଅପରପକ୍ଷରେ ପାରାଗୁଏ ୩ଟି ମ୍ୟାଚରୁ ସମାନ ୪ ପଏଣ୍ଟ ପାଇଥିଲେ ମଧ୍ୟ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ତୃତୀୟ ସ୍ଥାନରେ ରହିଛି। ତୃତୀୟ ସ୍ଥାନିତ ଶ୍ରେଷ୍ଠ-୮ଟି ଦଳ ଭାବେ ପାରାଗୁଏ ଏବେ ନକ୍‌ଆଉଟ୍ ଖେଳିବା ଆଶା ବଜାୟ ରଖିଛି।

## ରାଉଣ୍ଡ ଅଫ୍-୩୨: କେମିତି ବଛାଯିବ ତୃତୀୟ ସ୍ଥାନିତ ଟିମ୍

ଡଲାସ,୨୬।୬(ଏଜେନ୍ସି): ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାର ୨୩ତମ ସଂସ୍କରଣର ଲିଗ୍ ପର୍ଯ୍ୟାୟ ଆଉ ୨ ଦିନ ପରେ ଶେଷ ହେବ। ପ୍ରଥମଥର ଲାଗି ଏହି ସଂସ୍କରଣରେ ୪୮ଟି ଦେଶ ଅଂଶଗ୍ରହଣ କରିଥିବାରୁ ୩୨ଟି ଦଳ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହେବେ। ଏଥର ୪ଟି ଲେଖାଏଁ ଦଳକୁ ନେଇ ୧୨ଟି ଗ୍ରୁପ୍ କରାଯାଇଛି। ନିୟମ ଅନୁଯାୟୀ ପ୍ରତି ଗ୍ରୁପ୍‌ରେ ପ୍ରଥମ ୨ଟି ସ୍ଥାନ ଅଧିକାର କରିଥିବା ଦଳ ସିଧାସଳଖ ରାଉଣ୍ଡ ଅଫ୍ ୩୨କୁ ଯୋଗ୍ୟତା ଅର୍ଜନ କରିବେ। ଫଳରେ ଆଉ ୮ଟି ସ୍ଥାନ ବାକିରହିଛି। ଏହି ସ୍ଥାନ ପ୍ରତି ଗ୍ରୁପ୍‌ର ତୃତୀୟ ସ୍ଥାନିତ ଦଳରୁ ପୂରଣ କରାଯିବ। ଯୋଗ୍ୟତା ଅର୍ଜନ କରିବାକୁ ଥିବା ଦଳର ମାପଦଣ୍ଡ ଫିଫା ପକ୍ଷରୁ ନିର୍ଦ୍ଧାରଣ କରାଯାଇଥିବା ନିୟମ ନିମ୍ନରେ ପ୍ରଦତ୍ତ କରାଯାଉଛି। ପ୍ରଥମ ନିୟମ ଅନୁଯାୟୀ ଗ୍ରୁପ୍ ଲିଗ୍ ମ୍ୟାଚ୍‌ରେ ସର୍ବାଧିକ ପଏଣ୍ଟ ସଂଗ୍ରହ କରିଥିବା ଦଳ। ଦ୍ୱିତୀୟରେ ପ୍ରଥମ ନିୟମରେ ପୂରଣ ନ ହେଲେ, ଗୋଲ ବ୍ୟବଧାନକୁ ଯୋଗ୍ୟତାର ମାପଦଣ୍ଡ ଧରାଯିବ। ପ୍ରଥମ ଦୁଇଟିରେ ଶ୍ରେଷ୍ଠ ୮ଟି ଦଳ ବଛା ହୋଇ ନ ପାରିଲେ, ଯେଉଁ ଦଳ ସର୍ବାଧିକ ଗୋଲ ଦେଇଥିବ ସେହି ଦଳ ରାଉଣ୍ଡ-୩୨କୁ ଯିବ। ଏହି ୩ଟି ନିୟମରେ ଗୋଟିଏ ସ୍ଥାନରେ ଏକାଧିକ ଦଳ ରହିଲେ, ଯେଉଁ ଦଳ କମ୍ ରେଡ୍ ଓ ୟେଲୋ କାର୍ଡ ପାଇଥିବ ସେହି ଦଳ ନକ୍‌ଆଉଟକୁ ଯିବ। ପ୍ରଥମ ୪ଟି ନିୟମରେ ଯଦି ୮ଟି ଦଳ ବଛା ହୋଇ ନ ପାରିଲା, ତେବେ ସର୍ବଶେଷ ଫିଫା ର୍‍ୟାଙ୍କିଂରେ ଯେଉଁ ଦଳର ର୍‍ୟାଙ୍କ୍ ଅଧିକ ଥିବ ସେହିଦଳ ପରବର୍ତ୍ତୀ ରାଉଣ୍ଡକୁ ଯିବ। ଏହି ୫ଟି ନିୟମ ଆଧାରରେ ୮ଟି ଶ୍ରେଷ୍ଠ ତୃତୀୟ ସ୍ଥାନିତ ଦଳ ବାଛିବାକୁ ଫିଫା ପକ୍ଷରୁ ନିୟମ ପ୍ରଣୟନ କରାଯାଇଛି।



## ଷ୍ଟପେଜ ଟାଇମରେ ଜିତିଗଲା ତୁର୍କୀ

ଲସ୍ ଆଞ୍ଜେଲ୍ସ, ୨୬।୬ (ଏଜେନ୍ସି): ଏକ କଡ଼ା ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ମୁକାବିଲାରେ ତୁର୍କୀ ୩-୨ ଗୋଲରେ ଆମେରିକାକୁ ହରାଇ ଚଳିତ ଫିଫା ବିଶ୍ୱକପ୍ ଅଭିଯାନ ଶେଷ କରିଛି। ସ୍ଥାନୀୟ ଲସ୍ ଆଞ୍ଜେଲ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଡି'ର ଏହି ମ୍ୟାଚର ନିର୍ଦ୍ଧାରିତ ୯୦ ମିନିଟ୍ ସୁଦ୍ଧା ଉଭୟ ଆମେରିକା ଓ ତୁର୍କୀ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚ୍ ଡ୍ର ହେବ ବୋଲି ଆଶା କରାଯାଉଥିଲା। ତେବେ ଇଞ୍ଜୁରୀ ତଥା ଷ୍ଟପେଜ ଟାଇମ୍‌ର ଶେଷ ମିନିଟ୍ (୯୦+୮)ରେ ତୁର୍କୀର କାନ୍ ଆୟହାନ ଗୋଲ୍ ଦେଇ ମ୍ୟାଚର ଫଳାଫଳ ବଦଳାଇ ଦେଇଥିଲେ। କାନ୍‌ଙ୍କ ଏହି ଅନ୍ତିମ ମିନିଟ ଗୋଲ୍ ସହାୟତାରେ ତୁର୍କୀ ୩-୨ ଗୋଲ୍‌ରେ ଆୟୋଜକ ଆମେରିକାକୁ ମାତ୍ ଦେଇଛି। ଫଳରେ ବିଶ୍ୱକପ୍‌ରୁ ବିଦା ହୋଇସାରିଥିବା ତୁର୍କୀ ଅନ୍ତିମ ତଥା ୩ୟ ଗ୍ରୁପ୍ ମ୍ୟାଚରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଅର୍ଥାତ୍ ବିଜୟ ସହ ତୁର୍କୀ ବିଶ୍ୱକପ୍ ଅଭିଯାନ ଶେଷ କରିଛି। ଅପରପକ୍ଷରେ ନକ୍‌ଆଉଟରେ ସ୍ଥାନ ପକ୍କା କରିସାରିଥିବା ଆମେରିକା ବିଶ୍ୱକପ୍‌ରେ ପ୍ରଥମ ପରାଜୟବରଣ କରିଛି। ହ୍ୟାଟ୍ରିକ ବିଜୟ ଆଶାରେ ଥିବା ଆମେରିକାକୁ ରାଉଣ୍ଡ-୩୨ ମ୍ୟାଚ ପୂର୍ବରୁ ଏହି ପରାଜୟ ଏକ ବଡ଼ ଝଟକା ବୋଲି କୁହାଯାଉଛି। ଆସନ୍ତା ବୁଧବାର ରାଉଣ୍ଡ-୩୨ରେ ବୋସନିଆକୁ ଭେଟିବ ଆମେରିକା।

## ପ୍ରଥମଥର ନକ୍‌ଆଉଟରେ ଆଇଭରୀ କୋଷ୍ଟ



ଫିଲାଡେଲଫିଆ, ୨୬।୬ (ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ରାଷ୍ଟ୍ର ଆଇଭରୀ କୋଷ୍ଟ ଫିଫା ବିଶ୍ୱକପ୍ ଇତିହାସରେ ପ୍ରଥମଥର ଲାଗି ନକ୍‌ଆଉଟ୍‌ରେ ସ୍ଥାନ ପକ୍କା କରିଛି। ଗତକାଲି ବିଳମ୍ବିତ ରାତିରେ ଅନୁଷ୍ଠିତ ଗ୍ରୁପ୍-ଇ'ର ଏକ ମ୍ୟାଚରେ ଆଇଭରୀ କୋଷ୍ଟ ୨-୦ ଗୋଲ୍‌ରେ କୁରାସାଓକୁ ହରାଇଦେଇଛି। ବିଜୟୀ ଦଳ ପକ୍ଷରୁ ନିକୋଲାସ ପେପେ ୭ମ ଓ ୬୪ତମ ମିନିଟରେ ଦୁଇଟିଯାକ ଗୋଲ୍ ଦେଇଥିଲେ। ଫଳରେ ତୃତୀୟ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ଆଇଭରୀ କୋଷ୍ଟ ୬ ପଏଣ୍ଟ ପାଇ ଜର୍ମାନୀ ପଛକୁ ଗ୍ରୁପ୍‌ରୁ ଦ୍ୱିତୀୟ ଦଳ ଭାବେ ନକ୍‌ଆଉଟକୁ ଯୋଗ୍ୟତା ଅର୍ଜନ କରିଛି। ପୂର୍ବରୁ ଆଇଭରୀ କୋଷ୍ଟ ୨୦୦୬, ୨୦୧୦ ଓ ୨୦୧୪ ବିଶ୍ୱକପ୍ ଖେଳିଥିଲେ ମଧ୍ୟ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଅପରପକ୍ଷରେ ଦେଢ଼ଲକ୍ଷ ଜନସଂଖ୍ୟା ବିଶିଷ୍ଟ କୁରାସାଓ ୨ ପରାୟ ଓ ଗୋଟିଏ ଡ୍ର ସହ ଏକ ପଏଣ୍ଟ ପାଇ ଗ୍ରୁପ୍‌ର ନିମ୍ନ ସ୍ଥାନରେ ରହି ବିଶ୍ୱକପ ଅଭିଯାନ ଶେଷ କରିଛି।

## ଦର୍ଶକରେ ନୂଆ ରେକର୍ଡ

ନ୍ୟୁୟର୍କ, ୨୬।୬ (ଏଜେନ୍ସି): ଦର୍ଶକ ଉପସ୍ଥିତିରେ ଫିଫା ବିଶ୍ୱକପ୍-୨୦୨୬ ସର୍ବକାଳୀନ ରେକର୍ଡ କରିଛି। ଗୁରୁବାର ଶେଷ ସୁଦ୍ଧା ଚଳିତ ବିଶ୍ୱକପ୍‌କୁ ୩୬ ଲକ୍ଷ ୫,୩୫୭ଜଣ ଦର୍ଶକ ଷ୍ଟାଡିୟମରେ ବସି ମ୍ୟାଚ୍ ଉପଭୋଗ କରିଛନ୍ତି। ନ୍ୟୁ ଜର୍ସିରେ ଇକ୍ୱେଡର ଓ ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧ ସମୟରେ ଏହି ଘୋଷଣା କରାଯାଇଥିଲା। ଚଳିତ ସଂସ୍କରଣର ଆହୁରି ୪୮ ମ୍ୟାଚ୍ ବାକି ଥିବାରୁ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବା ଏକପ୍ରକାର ନିଶ୍ଚିତ ହୋଇଛି। ଆମେରିକାରେ ଅନୁଷ୍ଠିତ ୧୯୯୪ ସଂସ୍କରଣରେ ମୋଟ୍ ୫୨ଟି ମ୍ୟାଚ୍ ଖେଳାଯାଇଥିବାବେଳେ ପାଖାପାଖି ୩.୬ ନିୟୁତ (୩୬ ଲକ୍ଷ) ଦର୍ଶକ ଷ୍ଟାଡିୟମରେ ଉପଭୋଗ କରିଥିଲେ। ତେଣୁ ଏଥର ଏହି ସଂଖ୍ୟା ଦ୍ୱି-ଗୁଣିତ ହେବ ବୋଲି ଆଶା କରାଯାଉଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଦ୍ୱାରା କିଛି ରାଷ୍ଟ୍ର ଉପରେ ଯାତ୍ରା ପ୍ରତିବନ୍ଧକ ସହିତ ଉଚ୍ଚ ଟିକେଟ୍ ଦର ଯୋଗୁ ଅନେକ ଲୋକ ଟୁର୍ଣ୍ଣାମେଣ୍ଟରେ ସାମିଲ ହେବାକୁ ଇଚ୍ଛା କରିଥିଲେ। କିନ୍ତୁ ଯୋଗ ଦେଇପାରି ନଥିଲେ।

| ଫିଫା ବିଶ୍ୱକପ୍ ମୁକାବିଲା |
|---|
| ଜୁନ୍-୨୭, ଶନିବାର ରାତି |
| ଇଂଲଣ୍ଡ-ପାନାମା |
| ନ୍ୟୁ ଜର୍ସି, ରାତି ୨.୩୦ |
| କ୍ରୋଏସିଆ-ଘାନା |
| ଫିଲାଡେଲଫିଆ, ରାତି ୨.୩୦ |
| ଜୁନ୍-୨୮, ରବିବାର |
| ପର୍ତ୍ତୁଗାଲ-କଲମ୍ବିଆ |
| ମିଆମି, ସକାଳ ୫ଟା |
| ଉଜ୍‌ବେକିସ୍ତାନ-କଙ୍ଗୋ |
| ଆଟଲାଣ୍ଟା, ସକାଳ ୫ଟା |
| ଆଲଜେରିଆ-ଅଷ୍ଟ୍ରିଆ |
| କାନସାସ ସିଟି, ସକାଳ ୭.୩୦ |
| ଆର୍ଜେଣ୍ଟିନା-ଜୋର୍ଡାନ |
| ଆର୍ଲିଙ୍ଗଟନ, ସକାଳ ୭.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

26

## ବଡ଼ ବିପର୍ଯ୍ୟୟ: ଜର୍ମାନୀକୁ ହରାଇଲା ଇକ୍ୱେଡର

ନ୍ୟୁୟର୍କ, ୨୬।୬ (ଏଜେନ୍ସି)

ନକ୍‌ଆଉଟ୍ ପର୍ଯ୍ୟାୟ ପୂର୍ବରୁ ଫିଫା ବିଶ୍ୱକପ୍‌ରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଗତକାଲି ରାତିରେ ସ୍ଥାନୀୟ ନ୍ୟୁୟର୍କ ଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଇ'ର ଏକ ମ୍ୟାଚରେ ବିଶ୍ୱ ମାନ୍ୟତାର ୨୩ତମ ଦଳ ଇକ୍ୱେଡର ୨-୧ ଗୋଲରେ ଚାରିଥରର ବିଜେତା ଜର୍ମାନୀକୁ ପରାସ୍ତ କରିଛି। ବିଶ୍ୱ ମାନ୍ୟତାର ୧୦ମ ସ୍ଥାନରେ ଥିବା ଜର୍ମାନୀ ମ୍ୟାଚର ଦ୍ୱିତୀୟ ମିନିଟରେ ଲେରୟ ସାନେଙ୍କ ଗୋଲ୍ ବଳରେ ଖାତା ଖୋଲିଥିଲା। ନିଜର ୧୫ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳୁଥିବା ଲେରୟଙ୍କ ଏହା ପ୍ରଥମ ଗୋଲ୍ ଥିଲା। ତେବେ ନବମ ମିନିଟରେ ମାନୁଏଲ୍ ନେଉରଙ୍କଠାରୁ ପାସ୍ ପାଇ ନିଲସନ ଆଙ୍ଗୁଲୋ ଇକ୍ୱେଡର ପାଇଁ ଏହି ଗୋଲ୍‌ଟି ଶୁଝି ଦେଇଥିଲେ। ଫଳରେ ମ୍ୟାଚ୍ ୧-୧'ର ବରାବର୍‌ସ୍ତରକୁ ଚାଲିଆସିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୭୭ତମ ମିନିଟରେ ଗୋଞ୍ଜାଲୋ ପ୍ଲାଟା ଆଫ୍ରିକୀୟ ରାଷ୍ଟ୍ର ଇକ୍ୱେଡର ପାଇଁ ବିଜୟସୂଚକ ଦ୍ୱିତୀୟ ଗୋଲଟି ଦେଇଥିଲେ। ଫଳରେ ବଳକା ୧୩ ମିନିଟରେ ମ୍ୟାଚକୁ ଫେରିବା ଲାଗି ଜର୍ମାନୀ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲା। ପୂର୍ବରୁ ନକ୍‌ଆଉଟ୍‌ରେ ପହଞ୍ଚି ସାରିଥିବା ଜର୍ମାନୀ ତୃତୀୟ ମ୍ୟାଚରୁ ପ୍ରଥମ ପରାଜୟ ଓ ୨ଟି ବିଜୟ ସହ ୬ ପଏଣ୍ଟ ପାଇ ଗ୍ରୁପ୍ ଶୀର୍ଷରେ ରହିଛି। ସେହିଭଳି ଇକ୍ୱେଡର ଗୁରୁତ୍ୱପୂର୍ଣ୍ଣ ବିଜୟ ପଏଣ୍ଟ ସହ ୪ ପଏଣ୍ଟ ପାଇ ଗ୍ରୁପ୍-ଇ'ରେ ତୃତୀୟ ସ୍ଥାନରେ ରହି ରାଉଣ୍ଡ-୩୨ରେ ସ୍ଥାନ ପକ୍କା କରିଛି। ଶ୍ରେଷ୍ଠ-୮ଟି ତୃତୀୟ ସ୍ଥାନିତ ଦଳ ଭାବେ ଇକ୍ୱେଡର ନକ୍‌ଆଉଟରେ ପହଞ୍ଚିଛି। ଏହି ଗ୍ରୁପ୍‌ରୁ ଦ୍ୱିତୀୟ ଦଳ ଭାବେ ଆଇଭରୀ କୋଷ୍ଟ ୬ ପଏଣ୍ଟ ପାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି।

## ଇତିହାସ ସୃଷ୍ଟି କଲେ ସାଇବାରି

ଆଟଲାଣ୍ଟା,୨୬।୬(ଏଜେନ୍ସି): ହାଇତି ବିପକ୍ଷରେ ଗୋଲ ସ୍କୋର କରି ମରୋକ୍କୋର ଷ୍ଟ୍ରାଇକର ଇସ୍‌ମାଏଲ ସାଇବାରି ଫିଫା ବିଶ୍ୱକପ୍ ଇତିହାସରେ ଆଫ୍ରିକା ଓ ନିଜ ଦେଶ ରେକର୍ଡ କରିଛନ୍ତି। ଏହି ଗୋଲ ବଳରେ ସେ ଆଫ୍ରିକା ମହାଦେଶର ପ୍ରଥମ ଖେଳାଳି ଭାବେ ୩ଟି ଯାକ ଗ୍ରୁପ୍ ମ୍ୟାଚ୍‌ରେ ଗୋଲ ଦେଇଛନ୍ତି। ସେ ମଧ୍ୟ ଆସାମୋଆ ଜ୍ଞାନ୍‌ଙ୍କ ପରେ ଦ୍ୱିତୀୟ ଆଫ୍ରିକୀୟ ଖେଳାଳି ଭାବେ ଗୋଟିଏ ବିଶ୍ୱକପ୍‌ରେ ୩ଟି ଗୋଲ ସ୍କୋର କରିଛନ୍ତି। ଅବଶ୍ୟ ମରୋକ୍କୋ ନକ୍‌ଆଉଟରେ ପ୍ରବେଶ କରିଥିବାରୁ ଜ୍ଞାନ୍‌ଙ୍କ ରେକର୍ଡ ଭାଙ୍ଗିବା ଲାଗି ସାଇବାରିଙ୍କ ନିକଟରେ ସୁଯୋଗ ରହିଛି। ମରୋକ୍କୋ ୪-୨ ଗୋଲରେ ହାଇତିକୁ ପରାସ୍ତ କରିଛି।

## ୬ଟି ବିଶ୍ୱକପ୍ ଖେଳିବାରେ ଓଚୋଆ ପ୍ରଥମ ଗୋଲକିପର

ମେକ୍ସିକୋ ସିଟି,୨୬।୬(ଏଜେନ୍ସି): ଘରୋଇ ମେକ୍ସିକୋ ଦଳର ଗୋଲକିପର ଗୁଇଲେରମୋ ଓଚୋଆ ୬ଟି ବିଶ୍ୱକପ୍ ପଦାର୍ପଣ କରି ଇତିହାସ ସୃଷ୍ଟି କରିଛନ୍ତି। ଆର୍ଜେଣ୍ଟିନାର ଲିଓନେଲ ମେସି ଓ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପରେ ଓଚୋଆ ବିଶ୍ୱର ତୃତୀୟ ତଥା ପ୍ରଥମ ଗୋଲରକ୍ଷକ ଭାବେ ଏହି ରେକର୍ଡ କରିଛନ୍ତି। ଏଠାରେ ଖେଳାଯାଇଥିବା ଚେକିଆ ବିପକ୍ଷ ଫିଫା ବିଶ୍ୱକପ୍ ଗ୍ରୁପ୍-ଏ' ମୁକାବିଲାରେ ଓଚୋଆ ଏହି ରେକର୍ଡ କରିବାକୁ ସମର୍ଥ ହୋଇଛନ୍ତି। ମେକ୍ସିକୋ ପକ୍ଷରୁ ସେ ୨୦୦୬, ୨୦୧୦, ୨୦୧୪, ୨୦୧୮, ୨୦୨୨ ଓ ଏବେ ୨୦୨୬ ସଂସ୍କରଣରେ ଖେଳିଛନ୍ତି। ଏହି ମ୍ୟାଚ୍‌ରେ ବିଜୟୀ ହେବା ସହ ଗ୍ରୁପ୍-ଏ'ରେ ୩ଟି ଯାକ ମ୍ୟାଚ୍ ଜିତି ଶୀର୍ଷ ସ୍ଥାନ ସହ ନକ୍‌ଆଉଟରେ ପ୍ରବେଶ କରିଛି।

## ଜାପାନ, ସ୍ୱିଡେନ ଆଗେଇଲେ

ଆର୍ଲିଂଟନ, ୨୬।୬ (ଏଜେନ୍ସି): ଜାପାନ ଓ ସ୍ୱିଡେନ ମଧ୍ୟରେ ସ୍ଥାନୀୟ ଡଲାସ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଏଫ୍'ର ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ମ୍ୟାଚର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୫୬ତମ ମିନିଟରେ ଡାଇଜେନ ମାଇଦାଙ୍କ ଗୋଲ୍ ବଳରେ ଜାପାନ ୧-୦ରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ଜାପାନର ଏହି ଖୁସି ମାତ୍ର ୬ ମିନିଟ୍ ପାଇଁ ରହିଥିଲା। ୬୨ତମ ମିନିଟରେ ସ୍ୱିଡେନ ଏହି ଗୋଲ୍‌ଟି ଶୁଝି ଦେଇ ୧-୧'ର ସମାନସ୍ତରକୁ ଆଣିଥିଲା। ଆନ୍ଥୋନୀ ଏଲାଙ୍ଗା ସ୍ୱିଡେନ ପାଇଁ ଏହି ଗୋଲ୍‌ଟି ଦେଇଥିଲେ। ମ୍ୟାଚ୍ ଅମୀମାଂସିତ ରହିବା ସହ ଉଭୟ ଦଳ ଏକ ପଏଣ୍ଟ ଲେଖାଏ ପାଇ ନକ୍‌ଆଉଟ୍‌ରେ ପ୍ରବେଶ କରିଛନ୍ତି। ଜାପାନ ୩ଟି ଯାକ ଗ୍ରୁପ୍ ମ୍ୟାଚ୍ ଖେଳି ୨ ଡ୍ର ଓ ଗୋଟିଏ ବିଜୟ ସହ ୫ ପଏଣ୍ଟ ପାଇ ନେଦରଲ୍ୟାଣ୍ଡସ (୭) ପଛକୁ ଦ୍ୱିତୀୟ ସ୍ଥାନ ହାସଲ କରି ରାଉଣ୍ଡ-୩୨ରେ ପହଞ୍ଚିଛି। ତେବେ ସ୍ୱିଡେନ ୩ଟି ମ୍ୟାଚରୁ ୪ ପଏଣ୍ଟ ପାଇ ତୃତୀୟ ସ୍ଥାନ ହାସଲ କରିଛି। କିନ୍ତୁ ତୃତୀୟ ସ୍ଥାନିତ ଶ୍ରେଷ୍ଠ-୮ଟି ଦଳ ମଧ୍ୟରେ ରହି ସ୍ୱିଡେନ ନକ୍‌ଆଉଟ୍ ଟିକଟ୍ ହାସଲ କରିଛି।

## ନେଦରଲ୍ୟାଣ୍ଡସ ଗ୍ରୁପ୍ ବିଜେତା

କାନସାସ୍ ସିଟି, ୨୬।୬ (ଏଜେନ୍ସି): ଟାଇଟଲ୍ ଦାବିଦାର ନେଦରଲ୍ୟାଣ୍ଡସ ଏହାର ଶେଷ ଗ୍ରୁପ୍ ମ୍ୟାଚରେ ୩-୧ ଗୋଲରେ ଟ୍ୟୁନିସିଆକୁ ହରାଇଦେଇଛି। କାନସାସ୍ ସିଟି ଷ୍ଟାଡିୟମରେ ଶୁକ୍ରବାର ଭୋର ସମୟରେ ଅନୁଷ୍ଠିତ ଏହି ଏକପାଖିଆ ମ୍ୟାଚର ତୃତୀୟ ମିନିଟରେ ଟ୍ୟୁନିସିଆର ଏଲିସ ଶିରି ଏକ ଆତ୍ମଘାତୀ ଗୋଲ୍ ଦେଇଥିଲେ। ଫଳରେ ନେଦରଲ୍ୟାଣ୍ଡସ ଖାତା ଖୋଲିଥିଲା। ଏହାର ୪ ମିନିଟ୍ ପରେ ବ୍ରାଏନ ବୋବିଙ୍କ ଗୋଲ୍ ବଳରେ ନେଦରଲ୍ୟାଣ୍ଡର ଅଗ୍ରଣୀ ୨-୦କୁ ବୃଦ୍ଧି ପାଇଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ଏହି ଅଗ୍ରଣୀକୁ ବଜାୟ ରଖିଥିବା ନେଦରଲ୍ୟାଣ୍ଡସ ଦଳ ୬୨ତମ ମିନିଟରେ ତୃତୀୟ ଗୋଲ୍‌ସ୍କୋର କରିଥିଲା। ଜନ୍ ପଲ୍ ଭାନ ହେକେ ଦଳ ପାଇଁ ଏହି ଗୋଲ୍‌ଟି ଦେଇଥିଲେ। ଟ୍ୟୁନିସିଆ ପକ୍ଷରୁ ହାଜିମ୍ ମାସ୍ତୌରୀ ୫୪ତମ ମିନିଟରେ ଏକମାତ୍ର ଗୋଲଟି ଶୁଝିଥିଲେ। ନେଦରଲ୍ୟାଣ୍ଡସ ୩ଟି ମ୍ୟାଚରୁ ଗୋଟିଏ ଡ୍ର ଓ ୨ଟି ବିଜୟ ସହ ୭ ପଏଣ୍ଟ ପାଇ ଗ୍ରୁପ୍-ଏଫ୍ ଶୀର୍ଷରେ ରହି ରାଉଣ୍ଡ-୩୨ରେ ପହଞ୍ଚିଛି। ଅପରପକ୍ଷରେ ହ୍ୟାଟ୍ରିକ ପରାଜୟ ସହ ଟ୍ୟୁନିସିଆ ବିଶ୍ୱକପ୍ ଅଭିଯାନ ଶେଷ କରିଛି।



ପ୍ରଥମ ଟି-୨୦

## ପ୍ରଥମଥର ଭାରତକୁ ହରାଇଲା ଆୟର୍ଲାଣ୍ଡ

ବେଲ୍‌ଫାଷ୍ଟ, ୨୬।୬ (ଏଜେନ୍ସି): ଟି-୨୦ କ୍ରିକେଟ୍ ଇତିହାସରେ ଆୟର୍ଲାଣ୍ଡ ପ୍ରଥମଥର ଭାରତକୁ ହରାଇବାରେ ସମର୍ଥ ହୋଇଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଟି-୨୦ ସିରିଜର ପ୍ରଥମ ମ୍ୟାଚ୍‌ରେ ଘରୋଇ ଆୟର୍ଲାଣ୍ଡ ୩୪ ରନରେ ଭାରତକୁ ପରାସ୍ତ କରିଛି। ଫଳରେ ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜରେ ଆୟର୍ଲାଣ୍ଡ ୧-୦ରେ ଅଗ୍ରଣୀ ରହିଛି। ଅନ୍ତିମ ଟି-୨୦ ରବିବାର ଏଠାରେ ଖେଳାଯିବ। ଉଲ୍ଲେଖଯୋଗ୍ୟ, ଭାରତ ଓ ଆୟର୍ଲାଣ୍ଡ ମଧ୍ୟରେ ସର୍ବପ୍ରଥମ ଟି-୨୦ ମୁକାବିଲା ୨୦୦୯ରେ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ୯ମ ମୁକାବିଲାରୁ ଆୟର୍ଲାଣ୍ଡ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ପୂର୍ବରୁ ଭାରତ ୮ଟି ମ୍ୟାଚ୍ ଜିତିଥିଲା।

୧୮୩ ରନର ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କେବଳ ଓପନର ଅଭିଷେକ ଶର୍ମାଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଆଖିଦୃଶିଆ ସ୍କୋର କରିପାରି ନ ଥିଲେ। ଫଳରେ ଭାରତ ୭ଟି ବଲ୍ ବଳକା ଥାଇ ୧୪୮ ରନରେ ସୀମିତ ରହିଥିଲା। ଅଭିଷେକ ୭ଟି ଚୌକା ଓ ୨ଟି ଛକା ବଳରେ ୨୦ ବଲରୁ ଠିକ୍ ୫୦ ରନ କରି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୁ ସାମସନ ୫, ଇଶାନ କିଶାନ ୧, ଅଧିନାୟକ ଶ୍ରେୟସ ଆୟର ୩, ତିଲକ ବର୍ମା ୧୯, ଶିବମ ଦୁବେ ୨୫, ଅକ୍ଷର ପଟେଲ ୧୫, ୱାଶିଂଟନ ସୁନ୍ଦର ୯ ରନ କରିଥିଲେ। ଆୟର୍ଲାଣ୍ଡ ପକ୍ଷରୁ ମାଥ୍ୟୁ ହୋଲାର୍ଡ ଓ ମାଥ୍ୟୁ ହମ୍ପରେସ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ପୂର୍ବରୁ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆୟର୍ଲାଣ୍ଡ ୫୧ ରନରେ ୪ଟି ୱିକେଟ୍ ହରାଇ ବିପର୍ଯ୍ୟୟରେ ପଡ଼ିଥିଲା। କିନ୍ତୁ ଅଧିନାୟକ ଲୋରକାନ ଟକର (୩୬ ବଲରେ ୫୦ ରନ) ଓ ଗେରେଥ ଡେଲାନୀ (୩୨ ବଲରେ ୪୯ ରନ)ଙ୍କ ଦ୍ରୁତ ବ୍ୟାଟିଂ ବଳରେ ଦଳ ୯ ୱିକେଟରେ ୧୮୨ ରନ କରିପାରିଥିଲା। ଭାରତ ପକ୍ଷରୁ ହର୍ଷିତ ରାଣା ୩ଟି ଏବଂ ଅର୍ଶଦୀପ୍ ସିଂହ ଓ ଅକ୍ଷର ପଟେଲ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ତେବେ ଯୁବ ଭାରତୀୟ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ଅନ୍ତର୍ଜାତୀୟ ପଦାର୍ପଣ କରିବାର ସୁଯୋଗ ନ ମିଳିବା କ୍ରିକେଟ୍‌ପ୍ରେମୀଙ୍କୁ ନିରାଶ କରିଛି।



ଓଡ଼ିଶା ରାଜ୍ୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍

## ଭୁବନେଶ୍ୱର କ୍ରୀଡ଼ାବିତ୍‌ଙ୍କୁ ୨୨ ପଦକ

ଭୁବନେଶ୍ୱର,୨୬।୬(ସମିସ)

ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘ (ଓଟିଏ) ଓ କଟକ ଜିଲ୍ଲା ତାଏକ୍ୱୋଣ୍ଡୋ ଆସୋସିଏସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିଅମରେ ଓଡିଶା ରାଜ୍ୟ କ୍ୟୁରୋଜୀ ଓ ପୁମସେ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି। ଏହି ୩ ଦିନିଆ ପ୍ରତିଯୋଗିତାରେ ଭୁବନେଶ୍ୱରର କ୍ରୀଡ଼ାବିତମାନେ ମୋଟ୍ ୨୨ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୮ ସ୍ୱର୍ଣ୍ଣ, ୬ ରୌପ୍ୟ ଏବଂ ୮ କାଂସ୍ୟ ପଦକ ସାମିଲ ରହିଛି। ୧୪୨୦ ପଏଣ୍ଟ୍‌ସ ସହ ଭୁବନେଶ୍ୱର ପଞ୍ଚମ ସ୍ଥାନ ହାସଲ କରିଛି। କ୍ରୀଡ଼ାବିତଙ୍କ ଏହି ସଫଳତା ପରେ କୋଚ ତଥା ଭୁବନେଶ୍ୱର ଆମେଚର ତାଏକ୍ୱୋଣ୍ଡୋ ଆସୋସିଏସନର ସମ୍ପାଦକ ଏହେସାସ ହୋତା, ସଭାପତି ମନମୋହନ ଭଞ୍ଜ ଏବଂ କୋଷାଧ୍ୟକ୍ଷ ବିବେକାନନ୍ଦ ସାମଲ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।




## ବିସିସିଆଇ ଇମର୍ଜିଂ ଟୁର୍ଣ୍ଣାମେଣ୍ଟ ଖେଳିବେ ସମ୍ବିତ

ଭୁବନେଶ୍ୱର,୨୬।୬(ସମିସ)

ଓଡ଼ିଶା କ୍ରିକେଟ୍ ଜଗତ ପାଇଁ ଏକ ଖୁସି ଖବର। ରାଜ୍ୟର ଉଦୀୟମାନ ଖେଳାଳି ସମ୍ବିତ ବରାଳ ପୁଣିଥରେ ଜାତୀୟସ୍ତରରେ ନିଜ ପ୍ରତିଭାର ପ୍ରମାଣ ଦେଇଛନ୍ତି। ସେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ଆୟୋଜିତ ହେବାକୁ ଥିବା ଉଦୀୟମାନ ପୁରୁଷ କ୍ରିକେଟ୍ ପ୍ରତିଯୋଗିତା ପାଇଁ ଘୋଷିତ ହୋଇଥିବା 'ଏ' ଦଳରେ ସ୍ଥାନ ପାଇଛନ୍ତି। ସର୍ବଭାରତୀୟ ଜୁନିଅର ଏବଂ ସିନିଅର ଚୟନ କମିଟି ଦ୍ୱାରା ଏହି ଦଳ ଚୟନ କରାଯାଇଛି। ଆସନ୍ତା ଜୁଲାଇ ୬ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁ ସ୍ଥିତ ବିସିସିଆଇର ଉତ୍କର୍ଷ କେନ୍ଦ୍ରରେ ଏହି ପ୍ରତିଯୋଗିତା ଆୟୋଜନ ହେବ। ଚଳିତ ବର୍ଷ ଏପ୍ରିଲ୍ ଓ ମେ ମାସରେ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହୋଇଥିବା ୨୫ ବର୍ଷରୁ କମ୍ ଉଦୀୟମାନ ହାଇ ପରଫର୍ମାନ୍ସ ଶିବିରରେ ସମ୍ବିତ ଚମତ୍କାର ପ୍ରଦର୍ଶନ କରିଥିଲେ। ସମ୍ବିତଙ୍କର ଏହି ସଫଳତା ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଏବଂ ସମସ୍ତ କର୍ମକର୍ତ୍ତା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ସୁଟ୍ ଆଉଟ୍‌ରେ ହାରିଲା ଭାରତ

ଲଣ୍ଡନ, ୨୬।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ଏହାର ୟୁରୋପ ଲେଗ୍ ଖେଳ ଜାରି ରଖିଛି। ଶୁକ୍ରବାର ସକାଳେ ଅନୁଷ୍ଠିତ ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ସୁଟ୍‌ଆଉଟ୍‌ରେ ୧-୪ ଗୋଲ୍‌ରେ ଘରୋଇ ଇଂଲଣ୍ଡ ନିକଟରୁ ପରାସ୍ତ ହୋଇଛି। ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଭାରତ ଓ ଇଂଲଣ୍ଡ ଦଳ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ଭାରତ ପକ୍ଷରୁ ଦିଲ୍‌ପ୍ରୀତ୍ ସିଂହ ଦୁଇଟି ଯାକ ଗୋଲ୍‌ସ୍କୋର କରିଥିଲେ। ଏହାପରେ ଫଳାଫଳ ପାଇଁ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଇଂଲଣ୍ଡ ୪ଟି ଗୋଲ୍ ଦେଇଥିବାବେଳେ ଭାରତ ମାତ୍ର ଗୋଟିଏ ବଲ୍ ପ୍ରତିପକ୍ଷ ପୋଷ୍ଟ ମଧ୍ୟକୁ ପଠାଇବାକୁ ସମର୍ଥ ହୋଇଥିଲା। ବିଜୟ ସହ ଇଂଲଣ୍ଡ ବୋନସ୍ ପଏଣ୍ଟ ହାତେଇନେଇଛି। ଇଂଲଣ୍ଡ ୧୪ଟି ମ୍ୟାଚରୁ ୩୧ ପଏଣ୍ଟ ପାଇ ବେଲ୍‌ଜିୟମ (୩୬) ପଛକୁ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଅପରପକ୍ଷରେ ଭାରତ ୧୪ଟି ମ୍ୟାଚରୁ ୧୪ ପଏଣ୍ଟ ସହ ୯ ଦଳୀୟ ଟେବୁଲ ତାଲିକାର ୮ମ ସ୍ଥାନରେ ରହିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ପାକିସ୍ତାନକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS